# କର୍ମ

ଲେଖିକା
**ଆନିବେସାନ୍ତ**

ଅନୁବାଦିକା
**ପୌର୍ଣ୍ଣମାସୀ ପଟ୍ଟନାୟକ**

# କର୍ମ

ଲେଖିକା : **ଆନିବେସାନ୍ତ**

ଅନୁବାଦିକା : **ପୌର୍ଣ୍ଣମାସୀ ପଟ୍ଟନାୟକ**

ପ୍ରକାଶକ :

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**
ବ୍ରହ୍ମବିଦ୍ୟା ଭବନ,
୩୪୬, ଗୌତମ ନଗର,
ଭୁବନେଶ୍ୱର - ୭୫୧ ୦୧୪
ମୋ : ୯୪୩୭୨୮୪୦୪୬

ପ୍ରଥମ ସଂସ୍କରଣ : ୨୦୨୪

ମୁଦ୍ରଣ : ଏସ୍.ଏସ୍. ଗ୍ରାଫିକ୍ସ
ଭୁବନେଶ୍ୱର - ୭୫୧୦୦୨
ମୋ : ୮୨୪୯୭୪୩୩୪୬

ମୂଲ୍ୟ : ଟ. ୫୦/- (ପଚାଶ ଟଙ୍କା ମାତ୍ର)

# ଅଭିମତ

ଆନିବେସାନ୍ତଙ୍କ ରଚିତ 'କର୍ମ' ପୁସ୍ତକ, ଯାହା ପୁଣି ଭଉଣୀ ପୌର୍ଣ୍ଣମାସୀଙ୍କ ଦ୍ୱାରା ଅନୁବାଦିତ, ତାହା ଉପରେ ଅଭିମତ ଦେବା ନିଶ୍ଚୟ ଏକ ଗୌରବ–ସେଥିପାଇଁ ମୋର ଦକ୍ଷତା ଅଛିକି ନାହିଁ ତାହା ଅନ୍ୟ ଏକ ପ୍ରଶ୍ନବାଚୀ ହୋଇପାରେ–ମାତ୍ର ମୁଁ ଆନନ୍ଦିତ ।

ବ୍ରହ୍ମବିଦ୍ୟାରେ 'କର୍ମ'ର ଧାରଣା ଓ ବିଶ୍ୱାସ ନିରଙ୍କୁଶ, ଅତୁଳନୀୟ, ସ୍ୱୟଂସିଦ୍ଧ ଓ ସ୍ୱୟସମ୍ପୂର୍ଣ୍ଣ । ଆନିବେସାନ୍ତଙ୍କ ବ୍ୟତୀତ ଅନ୍ୟ କେହି ବ୍ରହ୍ମବିତ ଏଥିରେ ଥିବା ସମାହିତ ଜ୍ଞାନକୁ ଏବେ ସଂକ୍ଷିପ୍ତ ଭାବେ ବର୍ଣ୍ଣନା କରି ପାରିନଥାନ୍ତେ; ଭଉଣୀ ପୌର୍ଣ୍ଣମାସୀଙ୍କ ବ୍ୟତୀତ ଅନ୍ୟ କେହି ଏହାକୁ ଓଡ଼ିଆରେ ଏପରି ସ୍ୱୟଂସିଦ୍ଧ ମାତ୍ର କ୍ଲିଷ୍ଟ ବିଷୟକୁ ଅନୁବାଦ କରିପାରିଥାନ୍ତେ ବୋଲି ମୁଁ ଭାବୁନାହିଁ ।

ବିନା କାରଣରେ ଗୀତାରେ କୁହାଯାଇନାହିଁ ଯେ କର୍ମର ଗତି ଅତି ଗହନ । ଗୀତା ପୂର୍ବରୁ 'ଯୋଗ' ହିସାବରେ କର୍ମଯୋଗର ବ୍ୟବହାର ନଥିଲା, ବାଳ ଗଙ୍ଗାଧର ତିଳକ ଏହା ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି, ଏହା କର୍ମଯୋଗ'ର ପୁସ୍ତକ । ପୁସ୍ତକର ନାମ ରଖିଛନ୍ତି 'ଗୀତା ରହସ୍ୟ' ।

ଯେହେତୁ 'କର୍ମ' ଶବ୍ଦଟି ବହୁଳ ବ୍ୟବହାର ହୁଏ, ସେଥିପାଇଁ ତାହାର ଅନୁଚିତ ଓ ଭୁଲ୍ ବ୍ୟବହାର ମଧ୍ୟ ବହୁଳ ।

ଏସବୁର ଉର୍ଦ୍ଧ୍ୱକୁ ଯାଇ ଆନିବେସାନ୍ତ ତାଙ୍କ ପୁସ୍ତକରେ ବ୍ରହ୍ମବିଦ୍ୟାରେ କର୍ମର ଅର୍ଥ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି । ଏହି ପୁସ୍ତକର ବିନା ଅଧ୍ୟୟନରେ ବ୍ରହ୍ମବିଦ୍ୟାର ଜ୍ଞାନ ନିଶ୍ଚୟ ଅସଂପୂର୍ଣ୍ଣ ରହିବ । ଭଉଣୀ ପୌର୍ଣ୍ଣମାସୀ ଏହାର ସଫଳ ଅନୁବାଦ କରି ଓଡ଼ିଆ ଜାଣିଥିବା ଭାଇ ଭଉଣୀଙ୍କୁ ଗୋଟିଏ ଅମୂଲ୍ୟ ଦାନ ଦେଇଛନ୍ତି ।

ଆନିବେସାନ୍ତଙ୍କ ପାଇଁ ମୋର ସାର୍ଟିଫିକେଟ୍ ଆବଶ୍ୟକ ନୁହେଁ । ଆମେ ବ୍ରହ୍ମବିଦ୍ୟା ସାହିତ୍ୟ ପଢ଼ିବା ଆରମ୍ଭ କଲାବେଳେ ବହୁ ପ୍ରଶ୍ନର ଉତ୍ତର ହଠାତ

ପାଉନାହୁଁ । ତେବେ ବହୁ ଉଚ୍ଚାରିତ ଓ ଅନୁଚ୍ଚାରିତ ପ୍ରଶ୍ନର ଉତ୍ତର ଏହି ପୁସ୍ତକରେ ମିଳେ । ହଠାତ୍ ଜୀବନର ସମସ୍ୟା ସହଜ ହୋଇଯାଏ–ଯନ୍ତ୍ରଣା ସହନୀୟ ହୋଇଯାଏ–ଇର୍ଷା, ଦ୍ୱେଷ, କ୍ରୋଧ କମି କମି ଯାଏ । ବ୍ରହ୍ମବିଦ୍ୟାର ପ୍ରକୃତ ଉପଯୋଗିତା ବୁଝିହୁଏ । ସତେ ଯେପରି ପୂର୍ବ ଜନ୍ମର କେଉଁ କର୍ମ ବ୍ରହ୍ମବିଦ୍ୟା ସଂଗେ ଆମର ପରିଚିତି ଆଣି ଆମର ଋଣ ପରିଶୋଧ କରୁଛି । ଭଉଣୀ ପୌର୍ଣ୍ଣମାସୀ ଏହାକୁ ସହଜଲବ୍ଧ କରିଦେଇଥିବାରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ପ୍ରତିଦାନ 'କର୍ମ' ଦେବ ।

ଚିନ୍ତାମୂର୍ତ୍ତୀ, ଦେବତା, ମହାତ୍ମା, ଏପରି ଅନେକ ଗୂଢ଼ ବିଷୟ, ଯାହା ଆମେ 'କର୍ମ' ବିଷୟ ସଙ୍ଗେ ସାଧାରଣତଃ ସଂଯୋଗ କରୁନାହିଁ, ସେହି ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭାବନା ପୁସ୍ତକରେ ପ୍ରକାଶ ପାଇଛି । ସେଥିପାଇଁ ପାଠକ ମାନଙ୍କୁ ଅନୁରୋଧ ପୁସ୍ତକଟି ଏକାଗ୍ରତା ସହ ବାରମ୍ବାର ଅଧ୍ୟୟନ କରିବେ ।

**ଅଶୋକ କୁମାର ମହାପାତ୍ର**
ବରିଷ୍ଠ ସଭ୍ୟ, ଉତ୍କଳ ବ୍ରହ୍ମବିଦ୍ୟା ସଂଘ

❑

# ଅଭିମତ

ବ୍ରହ୍ମବିଦ୍ୟା ସମିତିରେ ବ୍ରହ୍ମବିଦ୍ୟା ସମ୍ବନ୍ଧରେ ଅନେକ ପୁସ୍ତକ ଲେଖାଯାଇଛି । ବ୍ରହ୍ମବିଦ୍ୟା ସମିତି ଏକ ଆନ୍ତଃର୍ଜାତିକ ଅନୁଷ୍ଠାନ ହୋଇଥିବାରୁ ପୁସ୍ତକ ଗୁଡ଼ିକ ଇଂରାଜୀ ଭାଷାରେ ପ୍ରକାଶିତ ହୋଇଛି । କିନ୍ତୁ ବିଦ୍ୟାର୍ଥୀମାନେ ବ୍ରହ୍ମବିଦ୍ୟାର ନିଚ୍ଛକ ସତ୍ୟ, ମାନବର ଅନ୍ତଃର୍ନିହିତ ଶକ୍ତି ଓ ପ୍ରକୃତିର ଗୂଢ଼ରହସ୍ୟକୁ କିଭଳି ଭଲ ଭାବରେ ଅଧ୍ୟୟନ କରି ବୁଝିପାରିବେ ସେଥିପାଇଁ ନିଜନିଜର ମାତୃଭାଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଅନୁବାଦ କରାଯାଇଛି । ଆମ ବ୍ରହ୍ମବିଦ୍ୟା ସଂଘର ଭାଇ ଓ ଭଉଣୀମାନେ ମଧ୍ୟ ଅନେକ ବ୍ରହ୍ମବିଦ୍ୟା ପୁସ୍ତକ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି । ଆଗ୍ରହୀ ପାଠକମାନଙ୍କୁ ଏହି ପୁସ୍ତକ ଗୁଡ଼ିକର ବିଷୟବସ୍ତୁ କେବଳ ଯେ ଗଭୀର ଜ୍ଞାନ ପ୍ରଦାନ କରିଛି ତାହା ନୁହେଁ ତତ୍‌ସହିତ ଜୀବନର ଅନେକ ସମସ୍ୟାର ସମାଧାନ କରି ଚଲାପଥକୁ ଆନନ୍ଦମୟ କରିଦେଇଛି । ସେଥିପାଇଁ ଆମ୍ଭେ ସେମାନଙ୍କ ନିକଟରେ କୃତଜ୍ଞ । ଶିକ୍ଷାର୍ଥୀମାନଙ୍କ ପାଇଁ ମଣିଷର ତାତ୍ତ୍ୱିକ ସୃଷ୍ଟି-ସ୍ଥିତି, ବିଶ୍ୱ ବିକାଶ ଧାରାରେ ମଣିଷର ସ୍ଥାନ ଓ ବିକାଶ ଯୋଜନା ସମ୍ବଳିତ ୭ଖଣ୍ଡ ପୁସ୍ତକ ରହିଅଛି, ଯାହାକୁ 7 manuals କୁହାଯାଏ- 1-The seven principle of man, 2- Reincarnation, 3- Death and After, 4- Karma, 5- The Astral Plane, 6- The Devechanic Plane, 7- Man and His Bodies.

ପୂର୍ବରୁ ମଣିଷର ସପ୍ତତତ୍ତ୍ୱ, ପୁନର୍ଜନ୍ମ ଓ ମୃତ୍ୟୁ ଓ ତା ପରେ କାମଲୋକ । ସ୍ୱର୍ଗଲୋକ ପୁସ୍ତକ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି । ବର୍ତ୍ତମାନ ଆମର ସକ୍ରୀୟ ସଭ୍ୟା ଭଉଣୀ ପୌର୍ଣ୍ଣମାସୀ ପଟ୍ଟନାୟକ ତାଙ୍କର ଅମୂଲ୍ୟ ସମୟ ଦେଇ କର୍ମ ପୁସ୍ତକଟିକୁ ଓଡ଼ିଆରେ ଅନୁବାଦ କରିଥିବାରୁ ଉତ୍କଳ ବ୍ରହ୍ମବିଦ୍ୟା ସଂଘ ତରଫରୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛୁ । କର୍ମର ଯେଉଁ ଗୂଢ଼ ତତ୍ତ୍ୱ ବିଷୟରେ ଏ ପୁସ୍ତକରେ ପ୍ରକାଶିତ ହୋଇଛି ତାକୁ

ଯଦି ଆମେ ବୁଝିଯିବା ତେବେ ଆମ ଜୀବନର ଗତିପଥ ନିଶ୍ଚିତ ରୂପେ ବଦଳିଯିବ । ଆମେ ଆମ ଜୀବନର ମୂଲ୍ୟବୁଝି ସମୟର ସଦୁପଯୋଗ କରି ବିକାଶ ପଥରେ ଅଗ୍ରସର ହେବା ସହିତ ଆମ୍ଭର ପରିବାର, ବନ୍ଧୁ ଓ ଅନ୍ୟମାନଙ୍କୁ ଏହି ଦିଗରେ ସାହାଯ୍ୟ କରିପାରିବା । ଆଗ୍ରହୀ ଶିକ୍ଷାର୍ଥୀଙ୍କ ଜୀବନରେ ପୁସ୍ତକଟିର ବିଷୟବସ୍ତୁ ଯଦି ପରିବର୍ତ୍ତନ ଆଣି ସୁଖ ଶାନ୍ତି ଭରିଦେବ ତେବେ ଅନୁବାଦିକାଙ୍କ ଶ୍ରମ ଯେ ସାର୍ଥକ ହେବ ତାହା ନିଃସନ୍ଦେହ ।

**ମିତାଲିନୀ ଚୌଧୁରୀ**
ସଂପାଦିକା
ଉତ୍କଳ ବ୍ରହ୍ମବିଦ୍ୟା ସଂଘ

❑

# ଭୂମିକା

ଉନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ବିଶ୍ୱର ପାଶ୍ଚାତ୍ୟ ଦେଶମାନଙ୍କରେ ବିଜ୍ଞାନସମ୍ମତ ବସ୍ତୁବାଦ, ବର୍ଣ୍ଣବୈଷମ୍ୟ ଓ ପୂର୍ବଦେଶ ମାନଙ୍କରେ ଜାତି-ଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର ଆଦି ପ୍ରବଳ ଭାବେ ଦେଖା ଦେଇଥିଲା । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆନ୍ତର୍ଜାତିକ ବ୍ରହ୍ମବିଦ୍ୟା ସମିତି ଦ୍ୱାରା ବିଶ୍ୱବାସୀଙ୍କ ମଙ୍ଗଳ ନିମନ୍ତେ ପ୍ରଥମ ଥର କରି ଗୂଢ଼ତତ୍ତ୍ୱ ବିଶିଷ୍ଟ ଆଧାତ୍ମିକ ଜ୍ଞାନ, ପ୍ରାମାଣିକ ତଥ୍ୟ ସମ୍ବଳିତ ନୂତନ ଶିକ୍ଷା ଓ ସତ୍ୟ ସମୂହକୁ ପ୍ରଦାନ କରାଯାଇଥିଲା । ସେଗୁଡ଼ିକ ମଧ୍ୟରୁ ସୃଷ୍ଟିର ଉତ୍ପତ୍ତି ଓ ଏହାର ବିକାଶ ମନୁଷ୍ୟ ଜାତିର କ୍ରମବିକାଶ ମୃତ୍ୟୁ ପର ଜୀବନ, କର୍ମ, ପୁନର୍ଜନ୍ମ, ମହାତ୍ମାଙ୍କ ଅସ୍ତିତ୍ୱ ଓ ପୃଥିବୀର ଆଭ୍ୟନ୍ତରୀଣ ଶାସନ (Inner Govt. of the World), ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଇତ୍ୟାଦି ଅନ୍ୟତମ । କିଛି ବ୍ୟକ୍ତିଙ୍କୁ ଏହି ଜ୍ଞାନ ଅତ୍ୟନ୍ତ କ୍ଲିଷ୍ଟ ଓ ଦୁର୍ବୋଧ ଅନୁଭବ ହେବାରୁ ମହାମନିଷୀ ଆନିବେସାନ୍ତ ଓ ଅତିନ୍ଦ୍ରୀୟ ଦୃଷ୍ଟିଧାରୀ ସି.ଡବ୍ଲୁ.ଲେଡବିଟରଙ୍କ ଦ୍ୱାରା ସାତଗୋଟି ମାନୁଆଲ ଆକାରରେ ବିଷୟବସ୍ତୁକୁ ସରଳ ଓ ସୁବୋଧଗମ୍ୟ କରାଯାଇ ପ୍ରକାଶିତ କରାଗଲା । ସେଥିମଧ୍ୟରୁ ଆନିବେସାନ୍ତଙ୍କ ଦ୍ୱାରା ଲିଖିତ "କର୍ମ" ପୁସ୍ତକଟି ଅନ୍ୟତମ । କର୍ମ ବିଷୟ ବ୍ରହ୍ମବିଦ୍ୟାର ଏକ ମୌଳିକ ଓ ପ୍ରଧାନ ଧାରଣା (concept) । କିନ୍ତୁ ଏହି ବହିଟିର ଓଡ଼ିଆ ଅନୁବାଦ ହୋଇନଥିଲା । ଅନେକ ଜିଜ୍ଞାସୁ କର୍ମ ବିଷୟରେ ଆନିବେସାନ୍ତ କଣ କହିଛନ୍ତି ଜାଣିବାକୁ ଚାହିଁବାରୁ ମୁଁ ଓଡ଼ିଆ ଭାଇ ଭଉଣୀଙ୍କ ପାଇଁ ପୁସ୍ତକଟିକୁ ଓଡ଼ିଆରେ ଅନୁବାଦ କରିବାକୁ ମନସ୍ଥ କଲି ।

ସାଧାରଣ ସଂସାରୀଟିଏ କର୍ମକୁ ଏକ କଠୋର ତଥା ଅପରିହାର୍ଯ୍ୟ ଶାସ୍ତିରୂପେ ଗ୍ରହଣ କରେ ଓ ଅଦୃଷ୍ଟବାଦର ଆଖ୍ୟାଦିଏ । କିନ୍ତୁ, ପ୍ରକୃତରେ କଥାଟି ତାହା ନୁହେଁ । ଜଣେ ଆଧାତ୍ମମାର୍ଗରେ ଯାତ୍ରା କରୁଥିବା ସାଧକ ଏହି କର୍ମ ନିୟମକୁ ବୁଝିଲେ ଏହାକୁ ସାଦରେ ଗ୍ରହଣ କରି ଏକ କଲ୍ୟାଣକାରୀ ନିୟମ ବୋଲି ବିବେଚନା କରି ନିଜର ମାର୍ଗକୁ ସରସ ସୁନ୍ଦର କରି ଆଗକୁ

ବଢ଼ିପାରେ । କର୍ମ ନିୟମ ଅନୁଯାୟୀ ମଣିଷ ଯେପରି ବୁଣେ ସେପରି ଫସଲ କାଟେ । ମନୁଷ୍ୟ ନିଜର ଭାଗ୍ୟବିଧାତା । ସେ ତା'ର ଅତୀତର ସନ୍ତାନ ଓ ଭବିଷ୍ୟତର ଜନ୍ମଦାତା, ନିଜର ଭଲ ଓ ମନ୍ଦ କର୍ମ ଅନୁଯାୟୀ ପିତାମାତା, ଶରୀର, ଚାରିତ୍ରିକ ଗୁଣ, ଦକ୍ଷତା, ପରିବେଶ ଓ ଜନ୍ମସ୍ଥାନ ଇତ୍ୟାଦି ଲାଭ କରିଥାଏ । ଆନିବେସାନ୍ତ ଏହି ପୁସ୍ତକରେ କର୍ମନିର୍ମାଣ ତତ୍ତ୍ୱ, କର୍ମଫଳ ଭୋଗ, କର୍ମଫଳ ପରିବର୍ତ୍ତନ ଓ କର୍ମବନ୍ଧନର ସମାପ୍ତି ଇତ୍ୟାଦି ବିଷୟ ଗୁଡ଼ିକୁ ଅତ୍ୟନ୍ତ ସୁନ୍ଦର ସାବଲୀଳ ଭାବେ ବର୍ଣ୍ଣନା କରିଛନ୍ତି । ପୁସ୍ତକଟିକୁ ଅନୁବାଦ କରିବା ସମୟରେ କେତେକ ସ୍ଥାନରେ ଉପଯୁକ୍ତ ଓଡ଼ିଆ ଶବ୍ଦ ଖୋଜି ପାଇବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତେଣୁ ବର୍ତ୍ତମାନ ପ୍ରଚଳିତ ଓଡ଼ିଆ ଭାଷାରେ ପୁସ୍ତକର ମୂଳତତ୍ତ୍ୱକୁ ଅପରିବର୍ତ୍ତନ ରଖାଯାଇ ଅନୁବାଦ କରିବାକୁ ଯଥାସମ୍ଭବ ଚେଷ୍ଟା କରିଅଛି ।

ଆଦରଣୀୟ ପାଠକ ପାଠିକା ବୃନ୍ଦଙ୍କ ଦ୍ୱାରା ପୁସ୍ତକଟି ଆଦୃତ ହେଲେ ଏବଂ ତାଙ୍କ ଜୀବନ ଯାପନରେ ସହାୟକ ହେଲେ ମୋର ଶ୍ରମ ସାର୍ଥକ ହେବ ବୋଲି ଅନୁଭବ କରିବି ।

ମୋର ଜ୍ୟେଷ୍ଠ ଭ୍ରାତୃତୁଲ୍ୟ ଉତ୍କଳ ବ୍ରହ୍ମବିଦ୍ୟା ସଂଘର ସୁଲେଖକ, ବରିଷ୍ଠ ତଥା ସକ୍ରୀୟ ସଭ୍ୟ ଶ୍ରୀଯୁକ୍ତ ଅଶୋକ କୁମାର ମହାପାତ୍ର ପାଣ୍ଡୁଲିପିକୁ ଆମୂଳ ଚୂଳ ପଢ଼ି ଉପଯୁକ୍ତ ସ୍ଥାନରେ ସଂଶୋଧନ କରି କେତେକ ପରାମର୍ଶ ଦେଇଥିବା ହେତୁ ତାଙ୍କ ନିକଟରେ ମୁଁ ଚିରକୃତଜ୍ଞ । ଉତ୍କଳ ବ୍ରହ୍ମବିଦ୍ୟା ସଂଘ ପୁସ୍ତକଟିକୁ ପ୍ରକାଶନ କରିଥିବାରୁ ମୁଁ ଅଶେଷ କୃତଜ୍ଞତା ଜଣାଉଛି । ଆଡ୍ୟାୟାରର TPH ପୁସ୍ତକଟିକୁ ଅନୁବାଦ କରିବା ପାଇଁ ଅନୁମତି ଦେଇଥିବାରୁ ତାଙ୍କୁ ମୁଁ କୃତଜ୍ଞତା ଜଣାଉଛି ।

ଆନ୍ତର୍ଜାତିକ ବ୍ରହ୍ମବିଦ୍ୟା ସମିତିର ଭାରତୀୟ ଶାଖା ବାରଣାସୀ ପୁସ୍ତକ ପ୍ରକାଶନ ନିମନ୍ତେ ଆର୍ଥିକ ସହାୟତା ଦେଇଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ଭୁବନେଶ୍ୱର
୨୪.୦୪.୨୦୨୪

**ପୌର୍ଣ୍ଣମାସୀ ପଟ୍ଟନାୟକ**
ମୋ: ୯୪୩୭୨୭୬୨୦୪

# ମୁଖବନ୍ଧ

ଏହି ପୁସ୍ତକଟିକୁ ପ୍ରକାଶନ କରିବା ସମ୍ବନ୍ଧରେ କିଛି କହିବା ନିତ୍ୟାନ୍ତ ଆବଶ୍ୟକ । ଜନ ସାଧାରଣଙ୍କ ଆଗ୍ରହ ଦୃଷ୍ଟିରୁ ବ୍ରହ୍ମବିଦ୍ୟା ଜ୍ଞାନକୁ ସରଳ ଓ ବୋଧଗମ୍ୟ କରି ସାତଗୋଟି ପୁସ୍ତକମାଳା (Seven Manuals) ଲେଖାଯାଇଥିଲା। ସେଥି ମଧ୍ୟରୁ ଏହି ପୁସ୍ତକଟିର କ୍ରମିକ ନମ୍ବର ୪ର୍ଥ ଅଟେ । କିଛି ବ୍ୟକ୍ତିଙ୍କର ଅଭିଯୋଗ–ଆମର ସାହିତ୍ୟ ଅତ୍ୟନ୍ତ କଠିନ । ଅତି ମାତ୍ରାରେ ପାରିଭାଷିକ (Technical) ଏବଂ ସାଧାରଣ ପାଠକ ପାଠିକାଙ୍କ ନିମନ୍ତେ ବ୍ୟୟସାପେକ୍ଷ ମଧ୍ୟ । ଆମେ ଆଶା କରୁଛୁ– ବର୍ତ୍ତମାନର ପୁସ୍ତକମାଳା ପ୍ରକୃତ ଆବଶ୍ୟକତା ପୂରଣ କରିବାରେ ସଫଳ ହେବ । ବ୍ରହ୍ମବିଦ୍ୟା କେବଳ ବିଦ୍ୱାନ ମାନଙ୍କ ପାଇଁ ନୁହେଁ । ଏହା ସମସ୍ତଙ୍କ ନିମନ୍ତେ ଆବଶ୍ୟକ । ସମ୍ଭବତଃ, ଯେଉଁମାନେ ଏହି ପୁସ୍ତକରେ ଦିଆଯାଇଥିବା ଜ୍ଞାନର ପ୍ରଥମ ଆଭାସ ପାଇ ପାରିବେ, ତାଙ୍କ ଭିତରୁ କିଛି ବ୍ୟକ୍ତି ଏହାର ଦର୍ଶନ, ବିଜ୍ଞାନ ଓ ଧର୍ମର ଗଭୀରତା ଭିତରକୁ ପ୍ରବେଶ କରିପାରିବେ ଓ ଏହାର ଗୂଢ଼ତତ୍ତ୍ୱ ଗୁଡ଼ିକୁ ଉତ୍ସାହ ଓ ଉତ୍କଣ୍ଠାର ସହିତ ବୁଝିବାକୁ ପ୍ରଯତ୍ନ କରିବେ । ଏହି ପୁସ୍ତକ–ମାଳାର ପ୍ରକୃତ ଉପଯୋଗ ସେହିମାନେ କରିପାରିବେ ଯେଉଁମାନଙ୍କର ଜୀବନ ବ୍ୟସ୍ତବହୁଳ ଏବଂ ଅଧ୍ୟୟନ ପାଇଁ ସମୟସ୍ୱଳ୍ପ । ଏହି ପୁସ୍ତକ ଗୁଡ଼ିକର ଉଦ୍ଦେଶ୍ୟ ଜୀବନର ବିଭିନ୍ନ ସତ୍ୟ ସମୂହକୁ ସ୍ପଷ୍ଟ କରିବା, ଯାହାଦ୍ୱାରା ଜୀବନ ସରଳ ଓ ସୁଗମ ହୋଇଯିବ ଏବଂ ମଣିଷ ମୃତ୍ୟୁକୁ ଆନନ୍ଦରେ ସମ୍ମୁଖୀନ କରିପାରିବ । ଆମ ମାନବ ଜାତିର ଅଗ୍ରଜ ଅର୍ଥାତ୍ ମହାତ୍ମାଗଣଙ୍କ ସେବକଙ୍କ ଦ୍ୱାରା ପୁସ୍ତକ ଗୁଡ଼ିକ ରଚିତ ହୋଇଛି । ନିଜର ସହଯୋଗୀ ବା ମିତ୍ରମାନଙ୍କ ସେବା ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ନଥିଲା।

❑

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଉପକ୍ରମ | ୧୧ |
| ୨. | ନିୟମର ଅପରିବର୍ତ୍ତନୀୟତା | ୧୨ |
| ୩. | ପ୍ରାକୃତିର ବିଭିନ୍ନ ଲୋକ (ଜଗତ) | ୧୪ |
| ୪. | ଚିନ୍ତା ମୂର୍ତ୍ତୀର ସୃଷ୍ଟି | ୧୮ |
| ୫. | ଚିନ୍ତା ମୂର୍ତ୍ତୀର କାର୍ଯ୍ୟ | ୨୨ |
| ୬. | କର୍ମ ନିର୍ମାଣ ତତ୍ତ୍ୱ | ୨୭ |
| ୭. | କର୍ମ ନିର୍ମାଣ ବିଷଦ ରୂପେ | ୩୫ |
| ୮. | କର୍ମଫଳ ପ୍ରାପ୍ତି | ୪୭ |
| ୯. | କର୍ମଫଳ ଭୋଗ | ୫୭ |
| ୧୦. | ଭବିଷ୍ୟତର ନିର୍ମାଣ | ୬୦ |
| ୧୧. | କର୍ମଫଳ ପରିବର୍ତ୍ତନ | ୬୨ |
| ୧୨. | କର୍ମବନ୍ଧନର ସମାପ୍ତି | ୬୮ |
| ୧୩. | ସାମୂହିକ କର୍ମ | ୭୩ |
| ୧୪. | ଉପସଂହାର | ୭୯ |


❑

# ଉପକ୍ରମ

"ମନୁଷ୍ୟର ପ୍ରତ୍ୟେକ ବିଚାର ବା ଚିନ୍ତା ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ ସୂକ୍ଷ୍ମଜଗତରେ ପ୍ରବେଶ କରେ । ସେହି ସୂକ୍ଷ୍ମଜଗତ ଗୁଡିକରେ ଥିବା ଭାବମୂର୍ତ୍ତି (ଏଲିମେଣ୍ଟାଲ)- ଉକ୍ତ ଜଗତର ସୀମିତ ବୁଦ୍ଧି ସଂପନ୍ନ ଶକ୍ତିର ସହାୟତାରେ ଅଥବା ତାହା ସହିତ ମିଶିଯାଇ ଉପରୋକ୍ତ ବିଚାର ଏକ ସକ୍ରିୟ ସତ୍ତାରେ ପରିଣତ ହୋଇଯାଏ । ମନ ମଧ୍ୟରୁ ଉଦ୍ଭବ ଏହି ଜୀବ ଏକ ସକ୍ରିୟ ସତ୍ତା ରୂପରେ ଜୀବିତ ରୁହେ । ଏହାର ଜୀବନକାଳ, ଏହାକୁ ଉତ୍ପନ୍ନ କରିବା କ୍ରିୟାର ତୀବ୍ରତା ଅନୁପାତରେ ଦୀର୍ଘ ବା ସ୍ୱଳ୍ପ ହୋଇଥାଏ । ଏହି ରୂପେ ସତ୍‌ବିଚାର ଏକ କ୍ରିୟାଶୀଳ ଏବଂ କଲ୍ୟାଣକାରୀ ଶକ୍ତି ରୂପେ ତଥା କୁବିଚାର ଏକ ଦୁଃଖଦାୟୀ ଶକ୍ତି ରୂପେ ପରିଣତ ହୁଏ । ତେଣୁ, ମନୁଷ୍ୟ ନିଜର କଳ୍ପନା, ଇଚ୍ଛା, ପ୍ରବୃତ୍ତି ଓ ବାସନା ଗୁଡିକର ପ୍ରବାହ ଦ୍ୱାରା ସୃଷ୍ଟି ହୋଇଥିବା ତତ୍ତ୍ୱ ସମୂହର ଏକ ଅଲଗା ଦୁନିଆ ଅଦୃଶ୍ୟ ଲୋକରେ ନିରନ୍ତର ନିର୍ମାଣ କରି ଚାଲିଥାଏ । ଉକ୍ତ ପ୍ରବାହର ଗତିଶୀଳତା ଏବଂ ତିବ୍ରତା ଅନୁସାରେ ଏହା ସଂପର୍କରେ ଆସୁଥିବା ପ୍ରତ୍ୟେକ ମନୁଷ୍ୟର ସମ୍ବେଦନଶୀଳତା ଓ ସ୍ନାୟୁତନ୍ତ୍ରକୁ ପ୍ରଭାବିତ କରେ । ବୌଦ୍ଧଧର୍ମାବଲମ୍ବୀ ମାନେ ଏହାକୁ 'ସ୍କନ୍ଧ' ବୋଲି କୁହନ୍ତି ଏବଂ ହିନ୍ଦୁମାନେ ଏହାକୁ 'କର୍ମ'ର ସଂଜ୍ଞା ଦେଇଥାନ୍ତି । ଜୀବନମୁକ୍ତ ମହାତ୍ମାଗଣ ଏହି ଚିନ୍ତାମୂର୍ତ୍ତୀର ନିର୍ମାଣ ନିଜ ଇଚ୍ଛାରେ ସଂସାରର ପ୍ରଗତି ପାଇଁ କରନ୍ତି । କିନ୍ତୁ ଅନ୍ୟମାନଙ୍କ କ୍ଷେତ୍ରରେ ଏହାର ନିର୍ମାଣ ନିଜ ଅଜାଣତରେ ହୋଇ ଚାଲିଥାଏ ।"

'କର୍ମ' ର ତାତ୍ତ୍ୱିକ ସ୍ୱରୂପ ଏହାଠାରୁ ଅଧିକ ସୁନ୍ଦର ରୂପେ ଚିତ୍ରଣ କରିବା କ୍ୱଚିତ୍ ସମ୍ଭବ । ଉପରୋକ୍ତ ଅନୁଚ୍ଛେଦ ମହାତ୍ମା କେ.ଏଚ.ଙ୍କର ଏକ ପତ୍ରରୁ ନିଆଯାଇଛି । ଯଦି ଏହାର ସମ୍ପୁର୍ଣ୍ଣ ଅର୍ଥକୁ ଭଲ ରୂପେ ବୁଝା ଯାଇପାରିବ ତେବେ କର୍ମ ବିଷୟରେ ଅଧିକାଂଶ ଦ୍ୱନ୍ଦ ସମାପ୍ତ ହୋଇଯିବ ଏବଂ କର୍ମ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱଗୁଡ଼ିକୁ ଉପଲବ୍ଧି କରିପାରିବା । ତେଣୁ, ଏହାର ବିଷୟବସ୍ତୁକୁ ଅଧ୍ୟୟନର ସର୍ବୋତ୍ତମ ଆଧାର ରୂପେ ଗ୍ରହଣ କରି ମନୁଷ୍ୟର ସୃଜନାତ୍ମକ ଶକ୍ତିଗୁଡିକର ବିଚାରରୁ ଆରମ୍ଭ କରିବ । ମୁଖବନ୍ଧ ରୂପରେ ଆମର କେବଳ ନିୟମର ଅପରିବର୍ତ୍ତନିୟତା ତଥା ପ୍ରକୃତିର ମହାନ୍ ଜଗତଗୁଡିକ ସମ୍ବନ୍ଧରେ ସ୍ୱଷ୍ଟଧାରଣା ତଥା ଜ୍ଞାନ ଆବଶ୍ୟକ ।

◆◆◆

# ନିୟମର ଅପରିବର୍ତ୍ତନୀୟତା

ଏହା ଏକ ସ୍ୱତସିଦ୍ଧ ସତ୍ୟ ଯେ ଆମେମାନେ ନିୟମଗୁଡ଼ିକର ସଂସାରରେ ବାସ କରୁଅଛେ । ଯେଉଁ ନିୟମରେ ଆମେ ବାନ୍ଧି ହୋଇଅଛୁ ତାହା ଆମେ ଭାଙ୍ଗି ପାରିବା ନାହିଁ । ତଥାପି ଯେତେବେଳେ ଏହି ତଥ୍ୟ ଠିକ୍ ରୂପେ ଓ ଯଥାର୍ଥ ରୂପେ ବୁଝି ହୋଇଯିବ ତଥା ସ୍ଥୁଳ ଜଗତ ପରି ମାନସିକ ଏବଂ ନୈତିକ ଜଗତରେ ମଧ୍ୟ ଏହା ବାସ୍ତବ ବୋଲି ପ୍ରତୀତ ହେବ ସେତେବେଳେ ଏକ ପ୍ରକାର ନିଃସହାୟତା ଭାବ ମନରେ ଆସିବ । ଆମକୁ ଏପରି ଲାଗିବ ଯେପରି ଆମେ ଏକ ମହାନଶକ୍ତିର ଅକ୍ତିଆରରେ ଅଛେ ଯିଏ ଆମକୁ ଜାବୁଡ଼ି ଧରି ନିଜର ଇଚ୍ଛାମୁତାବକ ଏଠାକୁ ସେଠାକୁ ଘୁରିବୁଲାଉଛି । କିନ୍ତୁ ବାସ୍ତବିକତା ଏହାଠାରୁ ସମ୍ପୁର୍ଣ୍ଣ ବିପରୀତ । କାରଣ ଏହି ମହାନଶକ୍ତିକୁ ଆମେ ବୁଝିପାରିଲେ ଆମେ ଯେଉଁଠାକୁ ଚାହିଁବା ତାହା ଆମକୁ ସେହି ସ୍ଥାନକୁ ଆମ ନିଜ ଆଜ୍ଞାନୁସାରେ ନେଇଯିବ । ପ୍ରକୃତିର ସମସ୍ତ ପ୍ରକାର ଶକ୍ତିଗୁଡ଼ିକର ପ୍ରୟୋଗ ନିଜର ସାମର୍ଥ୍ୟ ଅନୁପାତରେ କରାଯାଇପାରିବ । ପ୍ରକୃତିର ନିୟମ ମାନିବା ଦ୍ୱାରା ହିଁ ତାହା ଉପରେ ବିଜୟ ପ୍ରାପ୍ତ ହୋଇପାରିବ । ଯେତେବେଳେ ଆମେ ପ୍ରକୃତିର ଅଗାଧ ଶକ୍ତି ସମ୍ବନ୍ଧରେ ଜ୍ଞାନପ୍ରାପ୍ତ କରିବା ଏବଂ ତା'ର ନିୟମ ଅନୁସାରେ କାର୍ଯ୍ୟ କରିବା ସେତେବେଳେ ପ୍ରକୃତିକୁ ଆମେ ଉଚିତ ଭାବରେ ବ୍ୟବହାର କରିପାରିବା । ପ୍ରକୃତିର ଅନନ୍ତ ଭଣ୍ଡାରରୁ ଆମେ ସେହି ସବୁ ଶକ୍ତିକୁ ବାଛିପାରିବା ଯାହା ମାଧ୍ୟମରେ ଆମର ଭଲ ଉଦ୍ଦେଶ୍ୟ ପୂର୍ତ୍ତି ହୋଇ ପାରିବ ଏବଂ ସେତେବେଳେ ପ୍ରାକୃତିକ ନିୟମର "ଅପରିବର୍ତ୍ତନୀୟତା" ହିଁ ଆମର ସଫଳତାକୁ ସୁନିଶ୍ଚିତ କରାଇଦେବ ।

ବିଭିନ୍ନ ପ୍ରୟୋଗାତ୍ମକ ବିଜ୍ଞାନର ନିଶ୍ଚିତତା, ଲକ୍ଷ୍ୟପ୍ରାପ୍ତି ନିମନ୍ତେ ବିଭିନ୍ନ ଯୋଜନା ଏବଂ ଭବିଷ୍ୟବାଣୀ କରିବାର ଶକ୍ତି, ନିୟମର ଏହି ଅପରିବର୍ତ୍ତନୀୟତା ଗୁଣ ଉପରେ ନିର୍ଭର କରେ । ଜଣେ ରସାୟନବିତ୍ ଏହି ବିଶ୍ୱାସ ଉପରେ ନିଶ୍ଚିତ ରହେ ଯେ ଉଚିତ୍ ରୂପେ କରୁଥିବା ପ୍ରଶ୍ନର ଉତ୍ତର ପ୍ରକୃତି ସଦାସର୍ବଦା ସେହି ଅନୁରୂପ ଦେଇଥାଏ । ପ୍ରାପ୍ତ ଉତ୍ତରରେ ଯଦି

କୌଣସି ଅନିୟମିତତା ଦେଖାଦିଏ ତେବେ ଏହାର କାରଣ ପ୍ରକୃତିର କୌଣସି ପରିବର୍ତ୍ତନ ଯୋଗୁ ନୁହେଁ ବରଂ ନିଜର କାର୍ଯ୍ୟ କରିବାର ପ୍ରକ୍ରିୟାରେ କୌଣସି ତ୍ରୁଟି ଯୋଗୁ ହୋଇଥାଏ ବୋଲି ଭାବିବାକୁ ପଡିବ। ଏହି ନିୟମ ମନୁଷ୍ୟର ପ୍ରତ୍ୟେକ କାର୍ଯ୍ୟକଳାପ ପାଇଁ ମଧ୍ୟ ପ୍ରଯୁଜ୍ୟ। ଏହି ଜ୍ଞାନର ଆଧାରରେ ଯେତେ ଅଧିକ କାର୍ଯ୍ୟ କରାଯିବ ସେତେ ଅଧିକ ନିଶ୍ଚିତତା ସହ ତାହାର ପରିଣାମ ଉପରେ ପୂର୍ବାନୁମାନ ଲଗା ଯାଇପାରିବ । କାରଣ ଆମେ ଯାହାକୁ "ଆକସ୍ମିକ ଘଟଣା" ବୋଲି ଅଭିହିତ କରିଥାଉ ତାହା କେବଳ ଆମ ଅଜ୍ଞାନତାର ପରିଣାମ ଅଟେ ଏବଂ ଏହାର କାରଣ କ୍ରୀୟାଶୀଳ ନିୟମ ଗୁଡିକ ବିଷୟରେ ଅନଭିଜ୍ଞତା ବା ଉପେକ୍ଷା ହେତୁ ହୋଇଥାଏ । ସ୍ଥୁଳ ଜଗତ ପରି ମାନସିକ ଓ ନୈତିକ ଜଗତରେ ମଧ୍ୟ ଯେ କୌଣସି କାର୍ଯ୍ୟର ପରିଣାମ ସମ୍ବନ୍ଧରେ ପୂର୍ବାନୁମାନ କରାଯାଇପାରେ ଏବଂ ସେଥି ନିମନ୍ତେ ଯୋଜନା କରାଯାଇ ପାରିବ । ପ୍ରକୃତି ଆମକୁ କେବେ ଧୋକା ଦିଏ ନାହିଁ। ଆମର ନିଜର ଅଜ୍ଞାନତା ହିଁ ଆମକୁ ଧୋକା ଦିଏ ।ସମସ୍ତ ଜଗତ (Plane) ଗୁଡ଼ିକ ସମ୍ବନ୍ଧରେ ଅଧିକରୁ ଅଧିକ ଜ୍ଞାନର ଅର୍ଥ ହେଉଛି ଅଧିକରୁ ଅଧିକ ଶକ୍ତି । ସର୍ବଜ୍ଞତା ଓ ସର୍ବଶକ୍ତିମାନତା ଦୁହେଁ ଭିନ୍ନ ନୁହଁନ୍ତି ।

ସ୍ଥୁଳ ଜଗତ ପରି ମାନସିକ ଓ ନୈତିକ ଜଗତରେ ମଧ୍ୟ ନିୟମ ଅପରିବର୍ତ୍ତନୀୟ । କାରଣ ବିଶ୍ୱର ଉତ୍ପତ୍ତି ସେହି 'ଏକ'ରୁ ହୋଇଅଛି ତଥା ଆମେ ଯାହାକୁ 'ନିୟମ' ବୋଲି କହୁଛୁ ତାହା ସେହି ପରମ ଦିବ୍ୟ ଶକ୍ତିଙ୍କ ଅଭିବ୍ୟକ୍ତି ଅଟେ । ଯେହେତୁ ସମସ୍ତଙ୍କ ଉତ୍ପତ୍ତି ସେହି 'ଏକ' ଜୀବନରୁ ହୋଇଛି ତେଣୁ ସେହି 'ଏକ ନିୟମ' ହିଁ ସମସ୍ତଙ୍କର ରକ୍ଷା କବଚ । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜଗତ (Plane) ସେହି ଦିବ୍ୟ ପ୍ରକୃତିର ଦୃଢ ଏବଂ ଅପରିବର୍ତ୍ତନୀୟ ଆଧାରଶିଳା ଉପରେ ପର୍ଯ୍ୟବେସିତ ।

◆ ◆ ◆

# ପ୍ରକୃତିର ବିଭିନ୍ନ ଲୋକ(ଜଗତ)

ମହାତ୍ମାଙ୍କର ଉପଦେଶ ଅନୁସାରେ କର୍ମଫଳ ଭୋଗ ପକ୍ରିୟାର ଅଧ୍ୟୟନ କରିବା ନିମନ୍ତେ ସୃଷ୍ଟିର ତିନିଗୋଟି ନିମ୍ନ ଲୋକ(ଜଗତ) ଏବଂ ଏହି ସମ୍ବନ୍ଧିତ ସିଦ୍ଧାନ୍ତ ଗୁଡିକ ଉପରେ ସ୍ପଷ୍ଟ ଜ୍ଞାନ ହେବା ନିତ୍ୟାନ୍ତ ଆବଶ୍ୟକ । ଏହି ଲୋକ(ଜଗତ) ଗୁଡିକ ନାମରୁ ଏଠାରେ କାର୍ଯ୍ୟକାରୀ ଚେତନାର ସ୍ଥିତି ସମ୍ବନ୍ଧରେ ସୂଚନା ମିଳେ । ଏଥିପାଇଁ ନିମ୍ନଲିଖିତ ଚିତ୍ରରେ ବିଭିନ୍ନ ଲୋକ(ଜଗତ) ଓ ଏହା ସହିତ ସମ୍ବନ୍ଧିତ ତତ୍ତ୍ୱ ଏବଂ ଚେତନାର ବିଭିନ୍ନ ଶରୀର ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି ଯାହା ବୁଝିବାରେ ସହାୟକ ହେବ ।

| **ଲୋକ(ଜଗତ)** | | **ତତ୍ତ୍ୱ** | **ଶରୀର** |
|---|---|---|---|
| | | **ଆତ୍ମା** | |
| ସୁଷୁପ୍ତି | | ବୁଦ୍ଧି | ବୌଦ୍ଧିକଶରୀର |
| (ଦେବାଚନ) | | ମାନସ | ୧–ମାନସ ଶରୀର<br>୨–କାରଣ ଶରୀର |
| କାମଲୋକ(ଜଗତ) | ଉଚ୍ଚତର | କାମ ମାନସ | କାମନା ଶରୀର |
| | ନିମ୍ନତର | କାମ | |
| ସ୍ଥୂଳଲୋକ(ଜଗତ) | | ଲିଙ୍ଗ ଶରୀର<br>ସ୍ଥୂଳ ଶରୀର | ଛାୟା ଶରୀର<br>ସ୍ଥୂଳ ଶରୀର |

ପ୍ରୟୋଗାତ୍ମକ ଆଧ୍ୟାତ୍ମ ବିଦ୍ୟାର ଶିକ୍ଷାର୍ଥୀ ଏହି ଲୋକଗୁଡିକରେ ବିଚାର କରିବା ତଥା ନିଜ ଅନୁସନ୍ଧାନ ଦ୍ୱାରା ପ୍ରାକୃତିକ ସିଦ୍ଧାନ୍ତ ଗୁଡିକୁ ଜ୍ଞାନରେ ପରିବର୍ତ୍ତିତ କରିବା ଶିଖିଥାଏ । ସ୍ଥୂଳ ଜଗତରେ ଚେତନା ନିମ୍ନତମ ଶରୀର ଅର୍ଥାତ ସ୍ଥୂଳ ଶରୀର ମାଧ୍ୟମରେ କାର୍ଯ୍ୟ କରେ ଏବଂ ଏଥିରେ

ଚେତନା ମସ୍ତିଷ୍କର କ୍ଷମତାନୁଯାୟୀ ସୀମିତ ରହେ । ସୂକ୍ଷ୍ମ ଶରୀର କହିଲେ ଅନେକ ପ୍ରକାରର କାମସ୍ତରୀୟ ଶରୀର ଅଛନ୍ତି ଯେଉଁମାନେ ଭୂବର୍ଲୋକ ବା କାମଲୋକର ବିଭିନ୍ନ ଜଟିଳ କ୍ଷେତ୍ର ନିମନ୍ତେ ଉପଯୁକ୍ତ ହୋଇଥାନ୍ତି । ମାନସଲୋକ ବା ଦେବାଚନର ଦୁଇଟି ସ୍ତର ଅଛି ଯଥା ରୂପ ଏବଂ ଅରୂପ । ରୂପସ୍ତରରେ ଚେତନା ନିମ୍ନ ମାନସ ଶରୀରକୁ ଉପଯୋଗ କରେ ଏବଂ ଅରୂପସ୍ତରରେ କାରଣ ଶରୀର ବ୍ୟବହାର ହୋଇଥାଏ । ବୌଦ୍ଧିକ ଲୋକ ବିଷୟ ବର୍ତ୍ତମାନ ଚର୍ଚ୍ଚା କରିବା ଅନାବଶ୍ୟକ ଅଟେ ।

ଏହି ସମସ୍ତ ଲୋକ ଗୁଡିକର ପଦାର୍ଥ ଏକ ପ୍ରକାର ନୁହେଁ । ସାଧାରଣତଃ ପ୍ରତ୍ୟେକ ଲୋକର ପଦାର୍ଥ ତାହାର ପାଖ ତଥା ଉପର ଲୋକର ପଦାର୍ଥ ଅପେକ୍ଷା ସ୍ଥୁଳତର ଅଟେ । ଏହି ପଦାର୍ଥ ପ୍ରକୃତିର ସଂରଚନା ଅନୁରୂପ ହୋଇଥାଏ । କାରଣ କ୍ରମ ବିକାଶର ନିମ୍ନଗାମୀ ପ୍ରବାହ ସର୍ବଦା ବିରଳ(Rare)ରୁ ଘନ ଓ ସୂକ୍ଷ୍ମରୁ ସ୍ଥୂଳ ଆଡକୁ ହୋଇଥାଏ । ଏହା ବ୍ୟତିତ ଏହି ଲୋକ ଗୁଡିକରେ ବିଭିନ୍ନ ଶ୍ରେଣୀର ଜୀବ ବାସ କରନ୍ତି । ଆତ୍ମାଲୋକର ମହାଜ୍ଞାନୀ ମାନଙ୍କଠାରୁ ଆରମ୍ଭ କରି ସ୍ଥୂଳ ଜଗତର ନିମ୍ନତମ ଅର୍ଦ୍ଧଚେତନ ପ୍ରାକୃତିକ ଦେବାଦେବୀ (ପ୍ରକୃତି ଚୈତନ୍ୟ) ମଧ୍ୟ ଅନ୍ତର୍ଭୁକ୍ତ । ପ୍ରତ୍ୟେକ ଲୋକ(Plane)ର ଉପାଦାନ ଗୁଡ଼ିକରେ ଚେତନା ଓ ପଦାର୍ଥ ଦୁହେଁ ମିଶିକରି ଅଛନ୍ତି । ଅର୍ଥାତ୍ ସମସ୍ତ ଉପାଦାନରେ ପଦାର୍ଥ ତା'ର ଶରୀର ଓ ଚେତନା ତାହାର ଜୀବନ ରୂପେ ଅବସ୍ଥିତ ଏବଂ ଏହି ସ୍ୱତନ୍ତ୍ର ଉପାଦାନଗୁଡ଼ିକର ସମାବେଶ, ବିଭିନ୍ନ ପ୍ରକାରର ଶରୀର ସ୍ତର ଅନୁରୂପ ସେମାନଙ୍କ ମଧ୍ୟ ବିଭିନ୍ନ ସ୍ତର ଅଛି । କୌଣସି ପ୍ରକାରର ଶରୀରର ଅସ୍ତିତ୍ୱ ଏହି ପରି ଅନୁପ୍ରାଣିତ ହେବା ବିନା ସମ୍ଭବ ନୁହେଁ, ଅନୁପ୍ରାଣିତ କରୁଥିବା ଜୀବ ମହାଜ୍ଞାନୀ ହୁଅନ୍ତୁ ବା ନିମ୍ନତମ ଦେବ ଶ୍ରେଣୀର ହୁଅନ୍ତୁ ଅଥବା ତାଙ୍କ ମଧ୍ୟବର୍ତ୍ତୀ କୌଣସି ଜୀବ । ବର୍ତ୍ତମାନ, ଆମକୁ ଯେଉଁ ଜୀବ ବିଷୟରେ ଚର୍ଚ୍ଚା କରିବା ଆବଶ୍ୟକ ତାହା ହେଉଛି ମୂଖ୍ୟତଃ କାମଲୋକ ସହ ସମ୍ବନ୍ଧିତ ଅଟେ କାରଣ ଏହି ଲୋକରେ ମନୁଷ୍ୟକୁ ତାହାର ବାସନା ଶରୀର(କାମଶରୀର) ଅଥବା ଯାହାକୁ

ଆମେ ସଂବେଦନ କୋଷ କହିବା ତାହା ପ୍ରାପ୍ତ ହୋଇଥାଏ, କାରଣ ସେମାନେ ଏହି କାମନା ଶରୀରରେ ପ୍ରବେଶ କରିଯାଆନ୍ତି ଏବଂ ତାହାର କାମଲୋକର ଇନ୍ଦ୍ରିୟ ସମୂହକୁ ସକ୍ରୀୟ କରାଇଥାଅନ୍ତି । ବ୍ରହ୍ମବିଦ୍ୟା ସାହିତ୍ୟରେ ଏହାକୁ ଭୂବଲୋକର ଭାବମୂର୍ତ୍ତି (Elementals)କୁହାଯାଏ । ଏହିମାନେ କମ୍ପନ ଗୁଡିକୁ ସଂବେଦନାରେ ପରିଣତ କରାଇ ଦିଅନ୍ତି ।

ସଂବେଦନା (Sensation)ଏହି କାମଲୋକର ଭାବମୂର୍ତ୍ତୀମାନଙ୍କର ସବୁଠାରୁ ପ୍ରମୁଖ ବିଶେଷତ୍ୱ ଅଟେ । ଏମାନଙ୍କଠାରେ କେବଳ କମ୍ପନର ପ୍ରତ୍ୟୁତ୍ତର ଦେବା ନିମନ୍ତେ ଶକ୍ତି ନଥାଏ ବରଂ ତାଙ୍କର ଅନୁଭବ କରିବାର ଶକ୍ତି ମଧ୍ୟ ଥାଏ । କାମଲୋକ ଭିନ୍ନ ଭିନ୍ନ ସ୍ତରର ଚେତନା ଥିବା ଜୀବ ମାନଙ୍କ ଦ୍ୱାରା ଭରପୂର । ଏହିମାନେ ବିଭିନ୍ନ ପ୍ରକାରର ଆବେଗ (Impulse) ଗ୍ରହଣ କରି ତାହାକୁ ସମ୍ବେଦନାରେ ପରିବର୍ତ୍ତିତ କରିଦିଅନ୍ତି । ଯେଉଁ ବ୍ୟକ୍ତିର ଶରୀରରେ ଏପରି ଭାବମୂର୍ତ୍ତି (Elementals) ମାନଙ୍କର ସମାବେଶ ଅଛି ସେହିମାନଙ୍କର ଅନୁଭବ କରିବାର କ୍ଷମତା ଥାଏ ଏବଂ ମନୁଷ୍ୟ ଏପରି ଶରୀର ମାଧ୍ୟମରେ ଅନୁଭବ ଗ୍ରହଣ କରିଥାଏ । ମନୁଷ୍ୟ ଶରୀରର କ୍ଷୁଦ୍ରତମ ଅଂଶ ଯଥା ଅଣୁ ବା କୋଷଗୁଡିକ ଭିତରେ ଉପରୋକ୍ତ ଚେତନା କାର୍ଯ୍ୟ କରିନଥାଏ । ଏହି ଅଣୁ ବା କୋଷଗୁଡିକର ନିଜସ୍ୱ ଅଲଗା ଚେତନା ଥାଏ ଏବଂ ଏହା ମାଧ୍ୟମରେ ଏମାନେ ମନୁଷ୍ୟର ଶରୀରର ଜୈବିକ ପଦାର୍ଥର ବୃଦ୍ଧି ଯଥା : ପରିପାଚନ, ନିର୍ମାଣ, କ୍ଷରଣ ଇତ୍ୟାଦି ବିକାଶଶୀଳ ଜୀବନର ବିଭିନ୍ନ ପ୍ରକ୍ରିୟା ଚଳାଇଥାନ୍ତି । ମନୁଷ୍ୟ ତାହାର ଅଙ୍ଗର ଚେତନାର ସହଭାଗୀ ହୁଏନାହିଁ । ମନୁଷ୍ୟ ଯେ କୌଣସି ମୂହୁର୍ତ୍ତରେ ନିଜର ଚେତନାକୁ ନିଜ ହୃଦୟରେ କୌଣସି କୋଷାଣୁର ଚେତନା ସହ ମିଶାଇ ସଠିକ ରୂପେ କହିପାରିବ ନାହିଁ ଯେ ତାହାର ହୃଦୟ କଣ କରୁଥିଲା । ମନୁଷ୍ୟର ଚେତନା ସାଧାରଣତଃ ଭୂବର୍ଲୋକର ଉଚ୍ଚତର କ୍ଷେତ୍ରରେ ଅର୍ଥାତ୍ କାମ-ମାନସରେ କାର୍ଯ୍ୟ କରିପାରେ । ସେଠାରେ ମନ କାମନା ସହିତ ମିଳି କାର୍ଯ୍ୟ କରେ । ଭୂବର୍ଲୋକରେ ମନ ଏକାକୀ ଭାବେ କାର୍ଯ୍ୟ କରିପାରେ ନାହିଁ ।

କାମଲୋକର ଯେଉଁ ଭାବମୂର୍ତ୍ତୀଗଣ ମନୁଷ୍ୟର କାମନା ଶରୀରରେ ପ୍ରବେଶ କରନ୍ତି, ଓ ସେମାନଙ୍କ ସାହାଯ୍ୟରେ ନିମ୍ନତର ପଶୁମାନଙ୍କର ସାଧାରଣ କାମନା ଶରୀର ମଧ୍ୟ ତିଆରି ହୁଏ । ତାଙ୍କ ସହ ମେଳ ଖାଉଥିବା ଭାବମୂର୍ତ୍ତୀମାନଙ୍କ ଦ୍ୱାରା କାମଲୋକ ଭରି ହୋଇ ରହିଛି । ନିଜ ସ୍ୱରୂପର ଏହି ବିଭାଗ ଦ୍ୱାରା ମନୁଷ୍ୟ ନିଜ ଆଖ-ପାଖରେ ଥିବା ଆକର୍ଷଣୀୟ ବା ବିକର୍ଷଣୀୟ ବସ୍ତୁମାନଙ୍କ ସହ ସିଧା ସଳଖ ସମ୍ପର୍କ ସ୍ଥାପନ କରି ଥାଆନ୍ତି । ନିଜର ଏହି ଇଚ୍ଛା ଶକ୍ତି, ଭାବନା ଓ କାମନା-ବାସନା ମାଧ୍ୟମରେ ସେ ଏହି ଅସଂଖ୍ୟ ଜୀବଙ୍କୁ ପ୍ରଭାବିତ କରନ୍ତି ଓ ପ୍ରତ୍ୟେକ ଦିଗରେ ତାଙ୍କ ଦ୍ୱାରା ପଠା ଯାଇଥିବା ଭାବନାର କମ୍ପନର ପ୍ରତ୍ୟୁତ୍ତର ସେମାନେ ସଂବେଦନଶୀଳତା ଦ୍ୱାରା ଦେଇଥାନ୍ତି । ତାହାର କାମନା ଶରୀର ସ୍ୱୟଂ ଏକ ଯନ୍ତ୍ରର କାର୍ଯ୍ୟ କରେ ଯଥା; ବାହ୍ୟ ପ୍ରଦେଶରୁ ପ୍ରାପ୍ତ କମ୍ପନଗୁଡ଼ିକୁ ଭାବନାରେ ପରିବର୍ତ୍ତନ କରିବା ଓ ଅନ୍ତରରେ ଉଠୁଥିବା ଭାବନା ଗୁଡିକୁ କମ୍ପନରେ ପରିଣତ କରିବା ।

◆◆◆

# ଚିନ୍ତାମୂର୍ତ୍ତୀର ସୃଷ୍ଟି

ବର୍ତ୍ତମାନ ଆମେ ମହାତ୍ମାଙ୍କର ବାକ୍ୟକୁ ଅଧିକ ସ୍ୱଷ୍ଟ ରୂପେ ବୁଝିପାରିବା ସ୍ଥିତିରେ ଅଛେ । ମନ ନିଜର କ୍ଷେତ୍ରରେ କାର୍ଯ୍ୟ କରିବା ସମୟରେ ବିଭିନ୍ନ ଆକୃତି, ବିଚାର ଓ ଚିନ୍ତା ଉତ୍ପନ୍ନ କରିଥାଏ । କଳ୍ପନାକୁ ମନର ସୃଜନାତ୍ମକ ଶକ୍ତି କହିବା ଅତ୍ୟନ୍ତ ଉପଯୁକ୍ତ ତଥା ଆକ୍ଷରିକ ଅର୍ଥରେ ଏହା ବହୁମାତ୍ରାରେ ସଠିକ ଅଟେ । ଏହି ଆକୃତି-ନିର୍ମାଣ କ୍ଷମତା ମନର ଏକ ବିଶେଷ ଶକ୍ତି ଅଟେ ଏବଂ ମାନସପଟର କୌଣସି ଚିତ୍ରକୁ ବ୍ୟକ୍ତ କରିବା ନିମନ୍ତେ ଶବ୍ଦ ସକ୍ଷମ ନୁହେଁ । ଏହା କେବଳ ଆଂଶିକ ରୂପେ ମାନସ ପଟର ଚିତ୍ରକୁ ବ୍ୟକ୍ତ କରେ । (ଏହି ପୁସ୍ତକରେ ମଧ୍ୟ 'କର୍ମ'ର ପ୍ରତୀକ ଶବ୍ଦ ମାଧ୍ୟମରେ ବ୍ୟକ୍ତ ହୋଇଅଛି । ଏହା ସବୁ ପୁସ୍ତକର ସୀମିତତା-ଅନୁବାଦକ) ଏକ ଚିନ୍ତା ବା ବିଚାର, ଏକ ମାନସିକ ଆକୃତି, ଅତ୍ୟନ୍ତ ଜଟିଳ ବିଷୟ ଅଟେ । ଏହାର ସଠିକ ବର୍ଣ୍ଣନା ନିମନ୍ତେ ସମ୍ଭବତଃ ଏକ ପୂରା ବାକ୍ୟର ଆବଶ୍ୟକତା ହୁଏ । ମନ ଯଦି କୌଣସି ବିଶେଷ ଘଟଣାକୁ ଭଲ ରୂପେ ବୁଝିଯାଏ ତେବେ ସମ୍ପୂର୍ଣ୍ଣ ଘଟଣାକୁ ଦିଆ ଯାଇଥିବା ନାମ ସେହି ଘଟଣାକୁ ପୂର୍ଣ୍ଣରୂପେ ବ୍ୟକ୍ତ କରିନଥାଏ । ଯେତେବେଳେ ଆମେ 'ତ୍ରିଭୂଜ' ବୋଲି କହିଥାଉ ତାକୁ ଶୁଣୁଥିବା ବ୍ୟକ୍ତି ମନରେ ଯେଉଁ ଚିତ୍ର ତିଆରି ହୋଇଥାଏ ତାକୁ ଶବ୍ଦରେ ସମ୍ପୁର୍ଣ୍ଣ ରୂପେ ବର୍ଣ୍ଣନା କରିବା ନମନ୍ତେ ଏକ ଦୀର୍ଘ ବ୍ୟାଖ୍ୟାନ ଆବଶ୍ୟକ ହୁଏ । ଚିନ୍ତା କରିବା ଲାଗି ସର୍ବୋତ୍ତମ ପ୍ରକ୍ରିୟା 'ପ୍ରତୀକ'ରେ ହିଁ ଥାଏ । ନିଜର ଏହି 'ପ୍ରତୀକ' ଗୁଡିକୁ ଆମେ ପୁଣି ବହୁ ପରିଶ୍ରମ ସହ ଅପୂର୍ଣ୍ଣ ରୂପେ ଶବ୍ଦ ମାଧ୍ୟମରେ ବ୍ୟକ୍ତ କରିପାରୁ । ଯେଉଁଠାରେ ମନ-ମନ ମଧ୍ୟରେ କଥାବାର୍ତ୍ତା ହୁଏ ସେହିଠାରେ ଅଭିବ୍ୟକ୍ତି ପୂର୍ଣ୍ଣରୂପେ ହୋଇଥାଏ ଅର୍ଥାତ୍ ଶବ୍ଦ ଯାହା ବ୍ୟକ୍ତ କରେ ତାହାଠାରୁ ବହୁତ ଅଧିକ ଅବ୍ୟକ୍ତ ରହିଯାଏ । ଏକ ସୀମିତ ପ୍ରକାରର ବିଚାର ବିନିମୟ (Thought Transference) ଶବ୍ଦରେ ନୁହେଁ ବରଂ ମାନସିକ ଚିତ୍ର ମାଧ୍ୟମରେ ପଠାଯାଇଥାଏ । ଏକ ବକ୍ତା ନିଜର ମାନସିକ ଚିତ୍ର ଗୁଡିକୁ ଯଥାସମ୍ଭବ ବିଭିନ୍ନ ଭାଗ ଭାଗ ଶବ୍ଦରେ ବ୍ୟକ୍ତ କରିବାକୁ ପ୍ରଯତ୍ନ କରିଥାଏ । ଏହି ବାକ୍ୟ ଶ୍ରୋତା ମନରେ ବକ୍ତାର ମନ ଅନୁରୂପ ଚିତ୍ର

ତିଆରି କରିଥାଏ । ମନ ଶବ୍ଦ ଦ୍ୱାରା ନୁହେଁ, ବିଭିନ୍ନ ଚିତ୍ର  ଏବଂ ଆକୃତି ମାଧ୍ୟମରେ କାର୍ଯ୍ୟ କରେ । ଅଧିକାଂଶ ବାଦବିବାଦ ଏବଂ ଭୂଲ ବୁଝାମଣା ଏଥିପାଇଁ ହୋଇଥାଏ କାରଣ ବିଭିନ୍ନ ବ୍ୟକ୍ତି ଗୋଟିଏ ଶବ୍ଦ ନିମନ୍ତେ ଭିନ୍ନ ଭିନ୍ନ ଚିତ୍ର ତିଆରି କରନ୍ତି ଅଥବା ସମାନ ଚିତ୍ର ଗୁଡିକ ପାଇଁ ଭିନ୍ନ ଭିନ୍ନ ଶବ୍ଦ ପ୍ରୟୋଗ କରନ୍ତି ।

ତେଣୁ ଚିନ୍ତା ମୂର୍ତ୍ତୀ ନିମ୍ନ ମାନସଲୋକର ସୂକ୍ଷ୍ମ ପଦାର୍ଥରୁ ମନଦ୍ୱାରା ନିର୍ମିତ ଏକ ମାନସିକ ଆକୃତି ଅଟେ । ଏହି ଲୋକର ତୀବ୍ର ଗତିରେ କମ୍ପିତ ହେଉଥିବା ପରମାଣୁ ଦ୍ୱାରା ଗଠିତ ଏହି ଚିନ୍ତା ମୂର୍ତ୍ତି ନିଜ ଚତୁଃର୍ପାଶ୍ୱରେ କମ୍ପନ ଉପନ୍ନ କରେ । ଏହି କମ୍ପନ ଦ୍ୱାରା କୌଣସି ଏକ ଜୀବ ମଧ୍ୟରେ ଉତ୍ପନ୍ନ ହେଉଥିବା ଧ୍ୱନି ତଥା ରଙ୍ଗର ମାଧ୍ୟମରେ ରୂପକୁ ପରିବର୍ତ୍ତନ କରିବାରେ ସକ୍ଷମ ହୁଏ । ଯେତେବେଳେ ଏହି ଚିନ୍ତା ମୂର୍ତ୍ତୀ କାମଲୋକ ଆଡକୁ ଯାତ୍ରା କରେ ବା ପ୍ରବେଶ କରେ ସେତେବେଳେ ଏହି କମ୍ପନ ପ୍ରତ୍ୟେକ ଦିଗରେ ସଙ୍ଗୀତମୟ-ରଙ୍ଗ ଆକୃତିରେ ସ୍ପନ୍ଦିତ ହୋଇଉଠେ ଏବଂ ଏହି ରଙ୍ଗ ସମ୍ବନ୍ଧିତ ନିମ୍ନ ଶ୍ରେଣୀର ଦେବଗଣଙ୍କ ନିମନ୍ତେ ଆହ୍ୱାନ ଦେଇଥାଏ ।

ବିଶ୍ୱର ଅନ୍ୟ ସମସ୍ତ ବସ୍ତୁ ପରି ଏହି ଭାବମୂର୍ତ୍ତି (Elementals)ଗଣ ମଧ୍ୟ ସାତଜଣ ମାନସ ପୁତ୍ର, ସାତଗୋଟି ପ୍ରାଥମିକ କିରଣରୁ କୌଣସି ଜଣଙ୍କ ସହ ସମ୍ବନ୍ଧିତ ଅଟେ । ସାତଗୋଟି କିରଣ ମଧ୍ୟରୁ 'ଶ୍ୱେତ ଆଲୋକ ବ୍ରହ୍ମା(ତୃତୀୟ ପ୍ରକାଶନ) 'ବ୍ୟକ୍ତ ମହତ'ରୁ ପ୍ରସ୍ଫୁଟିତ ହୁଅନ୍ତି । ଏହି ସାତଗୋଟି କିରଣ ଗୁଡିକର ପ୍ରତ୍ୟେକ କିରଣର ସାତଗୋଟି ଉପକିରଣ ଥାଏ ଏବଂ ଏହିପରି କ୍ରମାନୁସାରେ ଉପବିଭାଗ ଗଠିତ ହୋଇଥାଏ । ଏଥିପାଇଁ ବିଶ୍ୱ ସଂରଚନାର ଅନନ୍ତ ବିଭେଦରେ ବିଭିନ୍ନ ଉପବିଭାଗରେ ସମ୍ବନ୍ଧିତ ଭାବମୂର୍ତ୍ତି (Elementals) ଥାଆନ୍ତି । ଯେଉଁ ରଙ୍ଗ ସହ ସେମାନେ ସଂବନ୍ଧିତ ସେହି ରଙ୍ଗ ମାଧ୍ୟମରେ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରାଯାଏ । ଏହି କାରଣରୁ ବିଭିନ୍ନ ଧ୍ୱନୀ, ରଙ୍ଗ ଓ ସଂଖ୍ୟା ଧ୍ୱନି ତଥା ରଙ୍ଗ ଦୁଇଟି ଯାକର ସଂଖ୍ୟା ନିହିତ ଥାଏ । ଏହି ଜ୍ଞାନକୁ ବହୁତ ସାବଧାନ ସହକାରେ ସୁରକ୍ଷିତ ରଖାଯାଇଛି କାରଣ ଆତ୍ମ-ଶକ୍ତି ଏହା ମାଧ୍ୟମରେ Elementalsଙ୍କ ସହ କଥାବାର୍ତ୍ତା

କରନ୍ତି ଏବଂ ଏହି ଜ୍ଞାନ ନିୟନ୍ତ୍ରଣ ଶକ୍ତି ପ୍ରଦାନ କରେ ।

ମହାତ୍ମା କୁତହୁମୀ ଏହି ରଙ୍ଗ-ଭାଷା ସମ୍ବନ୍ଧରେ ବହୁତ ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି-

"ଆପଣ ନିଜର କଥା ସେହି ସ୍ୱଳ୍ପ ଜ୍ଞାନ ବିଶିଷ୍ଟ ଶକ୍ତିମାନଙ୍କୁ କିପରି ବୁଝାଇ ପାରିବେ ଅଥବା ଆଦେଶ ଦେଇ ପାରିବେ ଯାହା ସହିତ ସମ୍ପର୍କର ମାଧ୍ୟମ କଥା ବା ବାକ୍ୟ ମାଧ୍ୟମରେ ନୁହେଁ ବରଂ ରଙ୍ଗ ଏବଂ ଧ୍ୱନି ତଥା ଏହି ଦୁଇ ପ୍ରକାର କମ୍ପନ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ ଅଛି । ଏହି ଶ୍ରେଣୀର ଜୀବମାନଙ୍କ ନିର୍ମାଣରେ ଧ୍ୱନି, ପ୍ରକାଶ ଏବଂ ରଙ୍ଗ ହିଁ ପ୍ରମୁଖ ତତ୍ତ୍ୱ ଅଟେ । ଏହି ଜୀବମାନଙ୍କ ବିଷୟରେ ନା ତୁମର କିଛି ଜ୍ଞାନ ଅଛି ନା ତୁମକୁ ଏହା ବିଶ୍ୱାସ କରିବାକୁ କୁହାଯାଉଛି । ନାସ୍ତିକ, ଭୌତିକବାଦୀ ଓ ଆଧ୍ୟାତ୍ମବାଦୀ ସମସ୍ତେ ଏହି ବିଶ୍ୱାସର ବିରୁଦ୍ଧରେ ତର୍କ କରନ୍ତି । ବିଜ୍ଞାନ ଏହାକୁ ଅଧିକ ରୂପେ ବିରୋଧ କରି ଅନ୍ଧବିଶ୍ୱାସ ଆଖ୍ୟା ଦିଏ ।

ପ୍ରାଚୀନ ଜ୍ଞାନର ବିଦ୍ୟାର୍ଥୀମାନେ ହୁଏତ ରଙ୍ଗର ଭାଷା ବିଷୟରେ ବିଦିତ ଥିବେ । ପ୍ରାଚୀନ ମିଶରରେ ପବିତ୍ର ଗ୍ରନ୍ଥଟିଏ ରଙ୍ଗ ମାଧ୍ୟମରେ ଲେଖା ଯାଇଥିଲା ଏବଂ ତାହାର ପ୍ରତିଲିପି ତିଆରି କରିବାରେ ତ୍ରୁଟିରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ମୁଁ କିନ୍ତୁ ଏହି (ଚିତ୍ତାକର୍ଷକ) ବିଷୟରେ ଆଲୋଚନା କରିବାକୁ ଚାହୁଁନାହିଁ । ଆମର ସମ୍ବନ୍ଧ କେବଳ ଏହି ବିଷୟରେ ଅଟେ-ଯଥା ଭାବମୂର୍ତ୍ତି(Elementals)ଙ୍କୁ ରଙ୍ଗ ଦ୍ୱାରା ସମ୍ବୋଧିତ କରାଯାଏ ଏବଂ ତାହା ତାଙ୍କ ନିମନ୍ତେ ଏହା ସେତିକି ବୋଧଗମ୍ୟ ଯେତିକି ମନୁଷ୍ୟ ଲୋକଙ୍କ ପାଇଁ କଥିତ ଶବ୍ଦ ବୋଧଗମ୍ୟ ହୋଇଥାଏ ।

ଧ୍ୱନୀ-ରଙ୍ଗର ଆଭା ବିଚାର-ମୂର୍ତ୍ତୀକୁ ଉତ୍ପନ୍ନ କରିଥିବା ଲୋକ ଅର୍ଥାତ ପ୍ରେରକର ଭାବନା ଉପରେ ନିର୍ଭର କରେ । ଯଦି ଭାବନା ପବିତ୍ର, ପ୍ରେମମୟ ଏବଂ କଲ୍ୟାଣକାରୀ ହୁଏ ତେବେ ସେହି ଚିନ୍ତାମୂର୍ତ୍ତୀରୁ ଉତ୍ପନ୍ନ ହେଉଥିବା ରଙ୍ଗ ଏପରି ଭାବମୂର୍ତ୍ତି(Elementals)ଙ୍କୁ ଆକର୍ଷିତ କରିବ ଯିଏ ଭାବନା ଦ୍ୱାରା ସେହି ଚିନ୍ତା-ମୂର୍ତ୍ତୀରେ ଅଙ୍କିତ ବିଶେଷତା ଗୁଡିକୁ ଗ୍ରହଣ କରି ସେହି ଦିଗରେ କାର୍ଯ୍ୟ କରିପାରେ । ଏହି ଭାବମୂର୍ତ୍ତୀ(Elementals) ସେହି ଚିନ୍ତାମୂର୍ତ୍ତୀରେ ଆତ୍ମାପରି ପ୍ରବେଶ କରିଥାଏ ଏବଂ ଏହି ରୂପେ କାମଲୋକରେ

ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ଥିବା ଏକ କଲ୍ୟାଣକାରୀ ସ୍ୱରୂପର ନିର୍ମାଣ ହୋଇଯାଏ । ଏହା ବିପରୀତରେ ଯଦି ଭାବନା ବା ଉଦ୍ଦେଶ୍ୟ ଅପବିତ୍ର, ପ୍ରତିଶୋଧ ପୂର୍ଣ୍ଣ, ଅନିଷ୍ଟକାରୀ ହୋଇଥାଏ ତେବେ ଚିନ୍ତାମୂର୍ତ୍ତୀରୁ ଉପନ୍ ରଙ୍ଗ ଏପରି ଭାବମୂର୍ତ୍ତୀ (Elemental)ଙ୍କୁ ଆକର୍ଷିତ କରିବ ଯିଏ ଭାବନା ଦ୍ୱାରା ଚିନ୍ତାମୂର୍ତ୍ତୀରେ ଅଙ୍କିତ ବିଶେଷତ୍ୱଗୁଡ଼ିକୁ ଗ୍ରହଣ କରି ସେହି ଦିଗରେ କାର୍ଯ୍ୟ କରିପାରିବ । ଏହି ସ୍ଥିତିରେ ଚିନ୍ତାମୂର୍ତ୍ତୀରେ ଆତ୍ମା ସଦୃଶ ପ୍ରବେଶ କରିଯାଏ ଏବଂ ଭୂବଲୋକରେ ଏକ ସ୍ୱତନ୍ତ୍ର ଅନିଷ୍ଟକାରୀ ଅସ୍ତିତ୍ୱର ନିର୍ମାଣ ହୋଇଯାଏ । ଉଦାହରଣ ସ୍ୱରୂପ– କ୍ରୋଧର ବିଚାରରେ ଏକ ଲାଲ ସ୍ଫୁରଣ ରୂପଦେବଙ୍କୁ ଆମନ୍ତ୍ରଣ କରେ ଏବଂ ଏହି ଭାବମୂର୍ତ୍ତୀ (Elementals) କ୍ରୋଧ ଉତ୍ପନ୍ନକାରୀ ଆମନ୍ତ୍ରଣ କର୍ତ୍ତା ଆଡକୁ ଅଗ୍ରସର ହୁଅନ୍ତି । ଏମାନଙ୍କ ମଧ୍ୟରୁ ଜଣେ ସେହି ଚିନ୍ତାମୂର୍ତ୍ତୀରେ ପ୍ରବେଶ କରିଯାଆନ୍ତି ଯେଉଁଥିରେ ତାଙ୍କୁ ହାନିକାରକ ଓ ବିଘଟନକାରୀ ଇତ୍ୟାଦି ସ୍ୱତନ୍ତ୍ର କାର୍ଯ୍ୟ କରିବାକୁ ସୁଯୋଗ ମିଳିଯାଏ । ମନୁଷ୍ୟ ନିଜ ଅଜାଣତରେ ଏହି ରଙ୍ଗ ଭାଷାରେ ନିରନ୍ତର କଥାବାର୍ତ୍ତା କରିଚାଲିଥାଏ ଏବଂ ନିଜର ଚତୁଃପାର୍ଶ୍ୱରେ ଏହି ଭାବମୂର୍ତ୍ତୀ(Elementals)ଙ୍କ ଭିଡ ଜମାଇ ଚାଲିଥାଏ ଯିଏ ତା ନିଜ ଦ୍ୱାରା ଉତ୍ପନ୍ନ ଚିନ୍ତାମୂର୍ତ୍ତୀରେ ଘର ବସାଇ ଦିଅନ୍ତି । ଏଥିପାଇଁ କୁହାଯାଇଛି "ମନୁଷ୍ୟ ନିଜର କଳ୍ପନା, ଇଚ୍ଛା, ପ୍ରବୃତ୍ତି ଏବଂ ବାସନାର ପ୍ରବାହରେ ସୃଜିତ ତତ୍ତ୍ୱ ଦ୍ୱାରା ନିଜର ଏକ ଦୁନିଆ ଅଦୃଶ୍ୟ ଲୋକରେ ଗଠନ କରି ଚାଲିଥାଏ ।" ଆମ ନିଜ ଦ୍ୱାରା ଗଠନ କରାଯାଇଥିବା ଦେବଦୂତ ଏବଂ ଦୈତ୍ୟଙ୍କ ଭିଡ ଆମ ଚାରି ପାଖରେ ଲାଗି ରହିଥାଏ ଯେଉଁମାନେ ଅନ୍ୟମାନଙ୍କୁ ସୁଖ ବା ଦୁଃଖ ଦେଇଥାନ୍ତି ଏବଂ ନିଜେ ନିଜର ସୁଖ ଓ ଦୁଃଖର କାରଣ ହୋଇଥାନ୍ତି–ନିଶ୍ଚିତ ରୂପେ ସେ ବହୁତ ବଡ କର୍ମ ନିର୍ମାତା ।(Karmic host)

ସୂକ୍ଷ୍ମଦ୍ରଷ୍ଟାମାନେ ପ୍ରତ୍ୟେକ ବ୍ୟକ୍ତିର ପ୍ରଭାମଣ୍ଡଳରେ ରଙ୍ଗସ୍ଫୁରଣ ଗୁଡିକ ଅନବରତ ବଦଳୁଥିବାର ଦେଖିପାରନ୍ତି । ଭୂବର୍ଲୋକୀୟ ଦୃଷ୍ଟିରେ ପ୍ରତ୍ୟେକ ଚିନ୍ତା, ପ୍ରତ୍ୟେକ ଭାବନାକୁ ଭୂବଲୋକରେ ଏହି ରୂପେ ବ୍ୟକ୍ତ ହେବାର ଦେଖାଯାଏ । ସାଧାରଣ ସୂକ୍ଷ୍ମଦ୍ରଷ୍ଟା ଅପେକ୍ଷା ଅଧିକ ବିକଶିତ ବ୍ୟକ୍ତି ଚିନ୍ତାମୂର୍ତ୍ତୀ ମାନଙ୍କୁ ମଧ୍ୟ ଦେଖିପାରେ ଏବଂ ସେ ଭାବମୂର୍ତ୍ତୀଗଣଙ୍କଠାରୁ ଆସୁଥିବା ରଙ୍ଗ ସ୍ଫୁରଣରୁ ଉତ୍ପନ୍ନ ପ୍ରଭାବ ଗୁଡିକ ମଧ୍ୟ ଦେଖିପାରେ ।

◆◆◆

# ଚିନ୍ତାମୂର୍ତ୍ତୀର କାର୍ଯ୍ୟ

ଏହି ଅନୁପ୍ରାଣୀତ ଚିନ୍ତା ମୂର୍ତ୍ତୀମାନଙ୍କର ଜୀବନକାଳ ଦୁଇଗୋଟି ବିଷୟ ଉପରେ ନିର୍ଭର କରିଥାଏ । ପ୍ରଥମତଃ ତାଙ୍କର ପ୍ରାରମ୍ଭିକ ତୀବ୍ରତା ଅର୍ଥାତ୍ ତାଙ୍କ ଜନ୍ମଦାତା ଦ୍ୱାରା ତାଙ୍କୁ ପ୍ରଦାନ କରାଯାଇଥିବା ଶକ୍ତି । ଦ୍ୱିତୀୟତଃ, ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରାପ୍ତ ହୋଇଥିବା ପୋଷଣ ଯାହା ସେହି ବ୍ୟକ୍ତି ବା ଅନ୍ୟଲୋକ ମାନଙ୍କ ଦ୍ୱାରା ଉକ୍ତ ଚିନ୍ତାର ପୁନରାବୃତ୍ତି ଦ୍ୱାରା ପ୍ରାପ୍ତ ହୋଇଥାଏ । ଚିନ୍ତାର ଏହି ପୁନରାବୃତ୍ତି ଦ୍ୱାରା ସେହି ଚିନ୍ତାମୂର୍ତ୍ତୀ ମାନଙ୍କର ଜୀବନକୁ ନିରନ୍ତର ବଳ ମିଳିଥାଏ । ଯେଉଁ ଚିନ୍ତା ଉପରେ ବାରମ୍ବାର ମନନ କରାଯାଏ, ଯେଉଁ ବିଚାର ବାରମ୍ବାର ଧ୍ୟାନର ବିଷୟରେ ନିଆଯାଏ, ଏହାର ରୂପକୁ କାମଲୋକରେ ବିରାଟ ସ୍ଥାୟିତ୍ୱ ମିଳିଯାଏ । ଏହା ବ୍ୟତିତ ସମାନ ପ୍ରକାରର ଚିନ୍ତାମୂର୍ତ୍ତୀ ଦ୍ୱାରା ଜଣେ ଅନ୍ୟ ଜଣ ଆଡକୁ ଆକର୍ଷିତ ହୋଇଥାଏ । ଏହି ରୂପେ ଏକ ମହାନ୍ ଶକ୍ତି ଏବଂ ତୀବ୍ରତା ରୂପକ ମୂର୍ତ୍ତୀ କାମଲୋକରେ ସକ୍ରିୟ ହୋଇଯାଏ ।

ଚିନ୍ତାମୂର୍ତ୍ତୀ ନିଜ ଜନ୍ମଦାତା ସହ ଏକ ଚୁମ୍ବକୀୟ ବନ୍ଧନ ଦ୍ୱାରା ଯୋଡି ହୋଇ ରହିଥାଏ । ସେମାନେ ଏହି ଚିନ୍ତାମୂର୍ତ୍ତୀ ଉପରେ ପ୍ରଭାବ ପକାଇଥାନ୍ତି ଯାହ ଫଳରେ ତାହାର ପୁନରାବୃତ୍ତି ଘଟିଥାଏ । ଉପରେ ଯେପରି କୁହାଯାଇଛି ଏକ ଚିନ୍ତାମୂର୍ତ୍ତୀକୁ ବାରମ୍ବାର ଦୋହରାଇବା ଦ୍ୱାରା ତାହା ସଶକ୍ତ ହୋଇଯାଏ । ସେତେବେଳେ ଚିନ୍ତା କରିବା ବ୍ୟକ୍ତିର ଏକ ଅଭ୍ୟାସରେ ପରିଣତ ହୋଇଯାଏ । ଏତିକି କୁହାଯାଇପାରେ ଯେ ଏହା ଏପରି ଏକ ଢାଞ୍ଚାରେ ପଡିଯାଏ ଯାହା ଫଳରେ ଚିନ୍ତା ବଡ ସରଳ ତଥା ସୁଗମ ରୂପେ ପ୍ରବାହିତ ହୋଇଚାଲେ । ଯଦିଓ ଏକ ଉଚ୍ଚ ଚିନ୍ତାର ଅଭ୍ୟାସ ଜଣଙ୍କ ପାଇଁ ସହାୟକ ହୋଇଥାଏ, କିନ୍ତୁ ଅଧିକାଂଶ ରୂପେ ଚିନ୍ତା କରିବାର ଏହି ଅଭ୍ୟାସ ମାନସିକ ବିକାଶ ନିମନ୍ତେ ବାଧକ ସାଜିଥାଏ ।

ଆମେ ବର୍ତ୍ତମାନ ଏହି ଅଭ୍ୟାସରେ ପରିଣତ ହେଉଥିବା ପ୍ରକ୍ରିୟା ଉପରେ ବିଚାର କରିବା କାରଣ ଏହାଦ୍ୱାରା ଉପଯୁକ୍ତ ଭାବେ କର୍ମପ୍ରକ୍ରିୟା

ସ୍ପଷ୍ଟ ରୂପେ ବୋଧଗମ୍ୟ ହେବ । ଧରନ୍ତୁ, ଆମେ ଏପରି ଏକ ମନକୁ ନେବା ଯାହାର ପୂର୍ବରୁ କୌଣସି ପ୍ରକ୍ରିୟା ନଥିବ ଅର୍ଥାତ୍ ସଂପୂର୍ଣ୍ଣ ରୂପେ ନିର୍ମଳ ଥିବ । ବାସ୍ତବରେ ଏହା ଏକ ଅସମ୍ଭବ କଥା । କିନ୍ତୁ ଏହାକୁ ଗ୍ରହଣ କରିନେଲେ ଏବ ଆବଶ୍ୟକୀୟ ତଥା ବିଶେଷ କଥା ସ୍ପଷ୍ଟ ହୋଇଯିବ । ଆମେ କଳ୍ପନା କରିବା ଯେ ଏପରି ମନ ପୂର୍ଣ୍ଣ ସ୍ୱତନ୍ତ୍ରତା ଏବଂ ସ୍ୱେଚ୍ଛାରେ କାର୍ଯ୍ୟ କରି ଚିନ୍ତା ମୂର୍ତ୍ତି ଉତ୍ପନ୍ନ କରେ । ସେ ଏହି ପ୍ରକ୍ରିୟାକୁ ଅନେକ ବାର ପୁନରାବୃତ୍ତି କରେ । ଏହି ରୂପେ ତାର ଚିନ୍ତା କରିବା ଏକ ନିଶ୍ଚିତ ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ମନ ଅଜାଣତରେ ଏପରି ବିଚାର କରିବାରେ ଲାଗିଯାଏ । ନିଜର ଇଚ୍ଛାଶକ୍ତି ଦ୍ୱାରା ବୁଝି ସୁଝି ଏବଂ ବିନା ବାଛବିଚାରରେ ନିଜର ମାନସିକ ଶକ୍ତି ଉକ୍ତ ବିଚାର ଆଡକୁ ପ୍ରବାହିତ ହେବାରେ ଲାଗେ । ଆମେ ଏହା ମଧ୍ୟ ଧରି ନେବା ଯେ ମନ ଚିନ୍ତା କରିବାର ଏହି ଅଭ୍ୟାସକୁ ପସନ୍ଦ କରେ ନାହିଁ ଏବଂ ନିଜ ପ୍ରଗତିରେ ଏକ ବାଧା ରୂପେ ସ୍ୱୀକାର କରେ । ପ୍ରାରମ୍ଭିକ ଅବସ୍ଥାରେ ମନର ଏହି ସ୍ୱେଚ୍ଛାପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ଅର୍ଥାତ୍ ମାନସିକ ଶକ୍ତିର ପ୍ରବାହ ନିମନ୍ତେ ଏକ ମାଧ୍ୟମ ତିଆରି ହୋଇଯିବା ଦ୍ୱାରା ଏହି ଅଭ୍ୟାସ ବର୍ତ୍ତମାନ ଏକ ବାଧକ ରୂପେ ପରିଣତ ହୋଇଯାଏ । ଯଦି ଏଥିରୁ ମୁକ୍ତ ହେବାକୁ ଚାହିଁବା, ତାହେଲେ ମନର ଏପରି ଏକ ନୂତନ ସ୍ୱେଚ୍ଛାପୂର୍ଣ୍ଣ କ୍ରିୟା ଦ୍ୱାରା ସମ୍ଭବ ହେବ ଯାହାର ଲକ୍ଷ୍ୟ ହେବ ଏହି ଜୀବିତ ବାଧକର ଶକ୍ତିକ୍ଷୟ ତଥା ଅନ୍ତିମ ବିନାଶ । ଏଠାରେ ଆମେ ଏକ ଛୋଟ ଆଦର୍ଶ-ଚକ୍ର ଉପରେ ବିଚାର କରୁଅଛେ । ସ୍ୱତନ୍ତ୍ର ମନ ଏକ ଅଭ୍ୟାସ ଗଠନ କରିଥାଏ ଏବଂ ପୁଣି ଏହି ବନ୍ଧନ ଭିତରେ କାର୍ଯ୍ୟ କରିବା ନିମନ୍ତେ ବିବଶ ହୋଇଯାଏ । କିନ୍ତୁ ଏହି ବନ୍ଧନରେ ମଧ୍ୟ ତାହାର ସ୍ୱତନ୍ତ୍ରତା ତିଷ୍ଠି ରହିଥାଏ ଏବଂ ସେ ନିଜ ଅନ୍ତରରେ ଏହା ବିରୁଦ୍ଧରେ କାର୍ଯ୍ୟ କରିପାରିବ ଯେତେବେଳ ପର୍ଯ୍ୟନ୍ତ ଏହି ବାଧକ ସମାପ୍ତ ନ ହୋଇଛି । କିନ୍ତୁ ପ୍ରକୃତ ସତ୍ୟ ହେଉଛି ଆମେମାନେ ପ୍ରଥମରୁ ସ୍ୱତନ୍ତ୍ର ନୋହୁଁ କାରଣ ଅତୀତରେ ଆମେ ନିଜ ଦ୍ୱାରା ତିଆରି ହୋଇଥିବା ବନ୍ଧନରେ ବାନ୍ଧି ହୋଇ ସଂସାରକୁ ଆସିଥାଉ । କିନ୍ତୁ ପ୍ରତ୍ୟେକ ବନ୍ଧନ ଉପରୋକ୍ତ ଚକ୍ରକୁ ସଂପୂର୍ଣ୍ଣ କରି ହିଁ ଗଠିତ ହୋଇଥାଏ- ମନ ହିଁ

ତାକୁ ଗଠନ କରେ, ତାହା ମଧ୍ୟରେ ନିଜକୁ ବନ୍ଧନ କରେ ଓ ପୁର୍ନବାର ବନ୍ଧନ ଅବସ୍ଥାରେ ତାହାକୁ କାଟି ମଧ୍ୟ ପାରେ ।

'ଚିନ୍ତାମୂର୍ତ୍ତୀ' ତାର ଜନ୍ମଦାତା ଦ୍ୱାରା ବିଶେଷ ବ୍ୟକ୍ତି ମାନଙ୍କ ପାଖକୁ ପ୍ରେରିତ କରାଯାଇପାରେ ଯାହା ସେହି ବିଚାର ଅନୁରୂପ ଭାବମୂର୍ତ୍ତୀଗଣ ସେହି ବ୍ୟକ୍ତିମାନଙ୍କୁ ସହାୟତା ବା ତାଙ୍କର ଅନିଷ୍ଟ କରିଥାନ୍ତି । ଏହା କୌଣସି କବିଙ୍କ କଳ୍ପନା ନୁହେଁ ଯେ ଶୁଭକାମନା,ପ୍ରାର୍ଥନା ଏବଂ ପ୍ରେମମୟ ବିଚାର ଯାହା ପ୍ରତି ପ୍ରେରଣ କରାଯାଏ ତାଙ୍କ ପାଇଁ ଏହା ଉପଯୋଗୀ ହୋଇଥାଏ । ପ୍ରକୃତରେ ଏହି ପ୍ରେମଭାବ ସେହି ଉଦ୍ଦିଷ୍ଟ ବ୍ୟକ୍ତିର ଚତୁଃର୍ପାଶ୍ୱରେ ଏକ ପ୍ରକାର ସୁରକ୍ଷା କବଚ ନିର୍ମାଣ କରିଦିଏ ଯାହା ସେମାନଙ୍କୁ ଦୁଷ୍ଟ ପ୍ରଭାବ ତଥା ସଙ୍କଟରୁ ରକ୍ଷା କରିଥାଏ ।

ମନୁଷ୍ୟ ସ୍ୱୟଂ ନିଜେ ଚିନ୍ତାମୂର୍ତ୍ତୀ ଉତ୍ପନ୍ନ କରି ତାହାକୁ ବାହାରକୁ ପ୍ରେରିତ କରିଥାଏ ଏବଂ ଏଥି ସଙ୍ଗେ ନିଜଦ୍ୱାରା ସୃଷ୍ଟ ଚିନ୍ତାମୂର୍ତ୍ତୀ ସଦୃଶ ଅନ୍ୟମାନଙ୍କ ଚିନ୍ତାମୂର୍ତ୍ତୀକୁ ମଧ୍ୟ କାମଲୋକରେ ଏକ ଚୁମ୍ବକ ସ୍ୱରୂପ ଆକର୍ଷିତ କରି ଚାଲିଥାଏ । ଏହି ରୂପେ ସେ ବାହ୍ୟ ପରିବେଶର ଶକ୍ତିର ଏକ ବଡ ସ୍ରୋତ ନିଜ ଆଡକୁ ଆକର୍ଷିତ କରିପାରେ । ଏହା ସ୍ୱୟଂ ନିଜ ଉପରେ ନିର୍ଭର କରେ ଯେ ଯେଉଁ ଶକ୍ତି ସେ ବାହ୍ୟ ଜଗତରୁ ନିଜ ଭିତରେ ଗ୍ରହଣ କରୁଛି ତାହା ଭଲ ବା ମନ୍ଦ । ଯଦି ମନୁଷ୍ୟର ବିଚାର ପବିତ୍ର ଏବଂ ସୁନ୍ଦର ଥାଏ ତେବେ ସେ ନିଜ ଚତୁଃପାର୍ଶ୍ୱରୁ କଲ୍ୟାଣକାରୀ ଶକ୍ତିଗୁଡିକୁ ଆକର୍ଷିତ କରେ । ତାକୁ ସମୟ ସମୟରେ ଆଶ୍ଚର୍ଯ୍ୟ ଅନୁଭବ ହୁଏ ଯେ ତା ମଧ୍ୟରେ ଏତେ ସବୁ ଭଲ କାର୍ଯ୍ୟ କରିବାର ଶକ୍ତି କେଉଁଠୁ ଆସୁଛି ଯାହା ବାସ୍ତବ ପକ୍ଷେ ନିଜ ଶକ୍ତିଠାରୁ ଅନେକ ପରିମାଣରେ ଅଧିକ ଭଳି ପ୍ରତୀତ ହେଉଛି । ଏହି ଅନୁରୂପ ଖରାପ ତଥା ନୀଚ ବିଚାରରେ ଅଭ୍ୟସ୍ତ ଥିବା ବ୍ୟକ୍ତି ନିଜ ପାଖକୁ ଅନିଷ୍ଟକାରୀ ଶକ୍ତିଗୁଡିକୁ ଆକର୍ଷିତ କରେ ଏବଂ ଏହି ଅନିଷ୍ଟକାରୀ ଶକ୍ତି ମାଧ୍ୟମରେ ଦୁଷ୍କର୍ମ କରିବସେ । ପରେ ଅନୁତାପ କରିବା ସହ ଚିନ୍ତା କରେ ଆଶ୍ଚର୍ଯ୍ୟ ହୁଏ ଯେ ଏପରି କାର୍ଯ୍ୟ ସେ କିପରି କଲା । ସେ ଚିତ୍କାର କରି କୁହେ ଯେ- "ନିଶ୍ଚିତ ରୂପେ କୌଣସି ଦାନବ ମତେ ଏହି କାର୍ଯ୍ୟ

କରିବାକୁ ପ୍ରେରିତ କରିଅଛି" । ବାସ୍ତବରେ, ସ୍ୱୟଂ ନିଜର ମନ୍ଦଚିନ୍ତା ଦ୍ୱାରା ବାହ୍ୟଜଗତର ଦୁଷ୍ଟ ଶକ୍ତି ଆକର୍ଷିତ ହୋଇ ଏପରି ଅନିଷ୍ଟକାରୀ ଶକ୍ତିର ଅଭିବୃଦ୍ଧି କରିଥାନ୍ତି । ଭଲ ବା ମନ୍ଦ ଚିନ୍ତାମୂର୍ତ୍ତୀକୁ ଅନୁପ୍ରାଣିତ କରୁଥିବା ଭାବମୂର୍ତ୍ତୀ (Elemental) ମନୁଷ୍ୟର ବାସନା ଶରୀର ଏବଂ ନିଜ ଦ୍ୱାରା ସୃଷ୍ଟ ଚିନ୍ତା-ମୂର୍ତ୍ତୀକୁ ଅନୁପ୍ରାଣିତ କରୁଥିବା ଭାବମୂର୍ତ୍ତୀ (Elemental) ସହ ମିଳିତ ହୋଇଯାଆନ୍ତି ଏବଂ ଏହିପରି ବାହ୍ୟଜଗତରୁ ଆସିଥିବା ଭାବମୂର୍ତ୍ତୀ (Elemental) ମନୁଷ୍ୟ ଭିତରେ ତାଙ୍କର କାର୍ଯ୍ୟ କରିଥାଅନ୍ତି । କିନ୍ତୁ ଏହି କାର୍ଯ୍ୟ ସମ୍ପାଦନ ପାଇଁ ତାଙ୍କୁ ନିଜ ପରି ସମାନରୂପକ ଭାବମୂର୍ତ୍ତୀ(Elemental) ମିଳିବା ଆବଶ୍ୟକ ନଚେତ୍ ସେମାନେ ଏହି କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ । ଏହା ବ୍ୟତିତ ଚିନ୍ତାମୂର୍ତ୍ତୀର Elemental ନିଜଠାରୁ ଭିନ୍ନ ବିପରୀତ ଧର୍ମ ଭାବମୂର୍ତ୍ତୀ (Elemental)କୁ ବିରୋଧ କରନ୍ତି । ଏହିପରି ଜଣେ ଭଲ ମଣିଷର ବାତାବରଣ, ତାହାର ପ୍ରଭାମଣ୍ଡଳ ସେହି ସବୁ ବିପରୀତଧର୍ମୀ ଅର୍ଥାତ୍ ଯେଉଁମାନେ କ୍ରୁର ଏବଂ ମନ୍ଦ ପ୍ରକୃତିର ଥିବେ, ସେହି Elementalଙ୍କୁ ଦୂରେଇ ଦିଅନ୍ତି । ସେହି ପ୍ରଭାମଣ୍ଡଳ ତଥା ଭଲ ବାତାବରଣ ଉକ୍ତ ବ୍ୟକ୍ତିକୁ ରକ୍ଷାକବଚ ସଦୃଶ ଘେରି ରହିଥାଏ ତଥା ଅନିଷ୍ଟକାରୀ ମନ୍ଦ ପ୍ରଭାବରୁ ରକ୍ଷା କରେ ।

ଭାବମୂର୍ତ୍ତୀ (Elemental) ଙ୍କର ଅନ୍ୟପ୍ରକାରର କାର୍ଯ୍ୟ ମଧ୍ୟ ଅଛି । ଏହାର ପରିଣାମ ସୁଦୂର ବ୍ୟାପୀ ଅଟେ । ସେଥିପାଇଁ କର୍ମନିର୍ମାଣ କରୁଥିବା କାରଣ ଗୁଡିକୁ ପ୍ରାରମ୍ଭିକ ସ୍ତରରେ ନିରୀକ୍ଷଣ କରୁଥିବା ସମୟରେ ବାଦ ଦିଆଯାଇପାରିବ ନାହିଁ । ଉକ୍ତ କଥାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଚିନ୍ତାମୂର୍ତ୍ତୀ ସେହି ପ୍ରବାହର ଅଙ୍ଗ ଅଟେ ଯିଏ "ନିଜ ଗତିଶୀଳ ତୀବ୍ରତା ଅନୁସାରେ ନିଜ ସମ୍ପର୍କରେ ଆସୁଥବା ଯେ କୌଣସି ସମ୍ବେଦନଶୀଳ ବ୍ୟକ୍ତି ବା ସ୍ନାୟୁ ବ୍ୟବସ୍ଥାକୁ ଅଧିକ ରୂପେ ପ୍ରଭାବିତ କରେ" । ଏହି ପ୍ରବାହର ଅଳ୍ପବହୁତ ପ୍ରଭାବ ତ ସମସ୍ତଙ୍କ ଉପରେ ପଡ଼ିଥାଏ କିନ୍ତୁ ଯିଏ ଯେତେ ଅଧିକ ସମ୍ବେଦନଶୀଳ ସେ ସେତେ ପରିମାଣରେ ପ୍ରଭାବିତ ହୁଏ । ଚିନ୍ତାମୂର୍ତ୍ତୀ ଗୁଡ଼ିକ ନିଜ ଅନୁରୂପ ଚିନ୍ତାମୂର୍ତ୍ତୀଙ୍କ ପାଖକୁ ଆକର୍ଷିତ ହେବାର ପ୍ରବୃତ୍ତି ଥାଏ । ଏକ ପ୍ରକାର ଚିନ୍ତାମୂର୍ତ୍ତୀ ଏକ ସାଥିରେ ଏକତ୍ରିତ ହେବା ଅର୍ଥ ନିଜ ମେଳରେ ରହିବାର ପ୍ରବୃତ୍ତି ବୋଲି ବୁଝାପଡେ । ଯେତେବେଳେ କୌଣସି ବ୍ୟକ୍ତି ଏକ ଚିନ୍ତାମୂର୍ତ୍ତୀ ଉତ୍ପନ୍ନ

କରେ ତେବେ ସେହି ଚିନ୍ତାମୂର୍ତ୍ତୀ ସହିତ ତାର ନିଜର ଚୁମ୍ବକୀୟ ସମ୍ବନ୍ଧ ରହିବା ସହିତ ଉକ୍ତ ଚିନ୍ତାମୂର୍ତ୍ତୀ ଅନୁରୂପ ଅନ୍ୟାନ୍ୟ ଚିନ୍ତାମୂର୍ତ୍ତୀଙ୍କୁ ବାହ୍ୟ ଜଗତରୁ ନିଜ ଆଡକୁ ଆକର୍ଷିତ କରାଏ ଏବଂ କାମଲୋକରେ ଏମାନେ ଏକତ୍ରିତ ହୋଇ ଏକ ଭଲ ଭା ମନ୍ଦ ଶକ୍ତିର ରୂପ ନିଅନ୍ତି । ଏକ ପ୍ରକାର ଚିନ୍ତାମୂର୍ତ୍ତୀଙ୍କର ସାମୂହିକ ରୂପେ ପାରିବାରିକ, ସ୍ଥାନୀୟ ଓ ରାଷ୍ଟ୍ରୀୟ ଭାବନା ଅଧିକ ପ୍ରବଳ ଭାବେ ଥାଏ । ସେମାନେ ଏକପ୍ରକାରର ଭୂବର୍ଲୋକୀୟ ବାୟୁମଣ୍ଡଳ ତିଆରି କରିଦିଅନ୍ତି ଏବଂ ଏହା ମାଧ୍ୟମରେ ଯାହା କିଛି ଦୃଷ୍ଟିଗୋଚର ହୁଏ ତାହା ଏହି ରଙ୍ଗରେ ରଙ୍ଗୀନ ହୋଇଯାଏ । ଉପରୋକ୍ତ ସାମୁହିକ ଗୋଷ୍ଠୀରେ ସମସ୍ତ ବ୍ୟକ୍ତିଙ୍କ ବାସନା ଶରୀର ପ୍ରଭାବିତ ହୁଏ ଏବଂ ଏଥିରୁ ଏକ ପ୍ରକାର କମ୍ପନ ସୃଷ୍ଟି ହୁଏ । ଏହି ରୂପେ ପାରିବାରିକ, ସ୍ଥାନୀୟ ବା ରାଷ୍ଟ୍ରୀୟ କର୍ମସମ୍ବନ୍ଧୀୟ ବାତାବରଣରେ ବ୍ୟକ୍ତିର କାର୍ଯ୍ୟକଳାପରେ ବହୁତ କିଛି ପରିବର୍ତ୍ତନ ଆସିଯାଏ ଏବଂ ନିଜର କ୍ଷମତାକୁ ବ୍ୟକ୍ତ କରିବା ନିମନ୍ତେ ତାର ଶକ୍ତି ସୀମିତ ହୋଇଯାଏ । ଧରନ୍ତୁ, ଜଣେ ବ୍ୟକ୍ତି ସମ୍ମୁଖରେ ଏକ ବିଚାର ରଖିବାର ଅଛି । ସେହି ବ୍ୟକ୍ତି ନିଜ ଚତୁପାର୍ଶ୍ୱରେ ବାତାବରଣ ମାଧ୍ୟମରେ ହିଁ ବିଚାରଟିକୁ ଦେଖିବା ସହ ନିଜ ରଙ୍ଗରେ ରଙ୍ଗିନ୍ କରି ପ୍ରକୃତ ତଥ୍ୟକୁ ବହୁତ ବିକୃତ କରିଦିଏ । ଏହିପରି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କର୍ମ ସମ୍ବନ୍ଧିୟ ଘଟଣାର ସୀମିତତା ଆମ ସମ୍ମୁଖରେ ଆସିପାରେ । ଏହି ସମ୍ବନ୍ଧରେ ଅଧିକ ବିଚାର ଆବଶ୍ୟକ ।

ଏହି ଏକତ୍ରିତ ହୋଇଥିବା ଭାବମୂର୍ତ୍ତୀ(Elemental)ଙ୍କର ପ୍ରଭାବ କେବଳ ସେହି ମନୁଷ୍ୟଙ୍କ ନିକଟରେ ସୀମିତ ନଥାଏ ଯାହାର ବାସନା ଶରୀର ମାଧ୍ୟମରେ ଏମାନେ କାର୍ଯ୍ୟ କରନ୍ତି । ଯଦି ସାମୂହିକ ରୂପେ ଏହି ବିନାଶକାରୀ ଚିନ୍ତାମୂର୍ତ୍ତୀଗଣ ନିର୍ମିତ ହୋଇଥାନ୍ତି ଓ ତାକୁ ଅନୁପ୍ରାଣିତ କରୁଥିବା ଚିନ୍ତାମୂର୍ତ୍ତୀଗୁଡ଼ିକ ବିଧ୍ୱଂସକାରୀ ଶକ୍ତି ରୂପେ କାର୍ଯ୍ୟ କରିବାକୁ ସୁଯୋଗ ପାଆନ୍ତି, ସେମାନେ ପ୍ରାୟତଃ ସ୍ଥୁଳ ଜଗତରେ ବହୁତ ବିନାଶମୂଳକ କାର୍ଯ୍ୟ କରିଥାନ୍ତି । ବିଧ୍ୱସଂକାରୀ ଶକ୍ତିମାନେ ଏକ ଘୂର୍ଣ୍ଣିବଳୟ ରୂପେ ଗଠିତ ହୋଇ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ତୋଫାନ, ଝଡ, ଘୁର୍ଣ୍ଣୀବାତ୍ୟା, ଭୂମିକମ୍ପ ଓ ବଢି ଇତ୍ୟାଦିର ପ୍ରମୂଖ କାରଣରେ ପରିଣତ ହୁଅନ୍ତି । ଏହି କର୍ମଫଳ ଉପରେ ଆଉ ଅଧିକ ବିଚାର ଆବଶ୍ୟକ ।

◆ ◆ ◆

# କର୍ମନିର୍ମାଣ ତତ୍ତ୍ୱ

ମନୁଷ୍ୟ ଓ ନିମ୍ନଶ୍ରେଣୀ ଦେବ (Elemental Kingdom) ଏବଂ ସୃଷ୍ଟି ମଧ୍ୟରେ ଥିବା ସମ୍ବନ୍ଧ ତଥା ମନର ସୃଜନାତ୍ମକ ଶକ୍ତିକୁ ଆମେ ଅଧ୍ୟୟନ କଲେ । ଏହି ଶକ୍ତିମାନଙ୍କ ଦ୍ୱାରା ହିଁ ପୂର୍ବ ବର୍ଣ୍ଣିତ ଜୀବିତ ମୂର୍ତ୍ତୀର ସୃଜନ ହୋଇଥାଏ । ବର୍ତ୍ତମାନ ଆମେ ଗୋଟିଏ ଜୀବନ କାଳରେ କର୍ମ ନିର୍ମାଣ ଏବଂ ଏହାର କାର୍ଯ୍ୟକାରିତା କିଛି ପରିମାଣରେ ବୁଝିଲେ । ଏଠାରେ ଗୋଟିଏ ଜନ୍ମ ଅପେକ୍ଷା "ଏକ ଜୀବନକାଳ" କହିବା ଅଧିକ ଉପଯୁକ୍ତ ହେବ । କାରଣ ସାଧାରଣ ଅର୍ଥରେ ଏକ ଜନ୍ମ କହିଲେ "ଗୋଟିଏ ଜୀବନ"ର ଅର୍ଥ ସୀମିତ ହୋଇଯିବ । କିନ୍ତୁ ସମ୍ପୂର୍ଣ୍ଣ ଜୀବନର ଅର୍ଥ ବୁଝିବାକୁ ହେଲେ "ଏକ ଜୀବନ"ର ପ୍ରୟୋଗ ବ୍ୟାପକ ହୋଇଯିବ । "ଏକ ଜୀବନ କାଳ" କହିବାର ଅର୍ଥ ହେଉଛି- ମାନବ ଜୀବନର ଏକ ଛୋଟ ଚକ୍ର ଯାହା ମଧ୍ୟରେ ସ୍ଥୁଳ ଜଗତ, ଭୂବଲୋକୀୟ ଓ ସ୍ୱର୍ଗଲୋକୀୟ ଅନୁଭୂତି ତଥା ପୁନର୍ବାର ସ୍ଥୁଳ ଜଗତକୁ ଫେରି ଆସିବା ପର୍ଯ୍ୟନ୍ତ ପ୍ରକ୍ରିୟା ସମ୍ମିଳିତ ଅଟେ । ଏହି ଚକ୍ରରେ ମନୁଷ୍ୟର ସେହି ଚାରିଗୋଟି ଅବସ୍ଥା ସ୍ପଷ୍ଟ ରୂପେ ଅନ୍ତର୍ଭୂକ୍ତ ଯାହା ମଧ୍ୟ ଦେଇ ଜୀବାତ୍ମା ଗତି କରିଥାଏ । ବର୍ତ୍ତମାନର ମାନବ ଜାତିର ସେହି ଜୀବାତ୍ମାକୁ ନିଜର ଯାତ୍ରା ପଥରେ ଉପରୋକ୍ତ ଅବସ୍ଥା ଦେଇ ବାରମ୍ବାର ଗତି କରିବାକୁ ପଡ଼ିଥାଏ । ପ୍ରତ୍ୟେକଥର ସଂଖ୍ୟାତ୍ମକ ଓ ଗୁଣାତ୍ମକ ଏହି ଦୁଇଗୋଟି ଦୃଷ୍ଟିକୋଣରୁ ଅନୁଭୂତି ଲାଭ କରିଥାଏ ଏବଂ ଏହି ଅନୁଭୂତି ଯେତେ ଭିନ୍ନ ହେଉନା କାହିଁକି ସାଧାରଣ ମନୁଷ୍ୟର ଜୀବନ-କାଳରେ ଏହି ଚାରିଗୋଟି ଅବସ୍ଥା ନିଶ୍ଚୟ ଆସିବ ।

ଏହା ବୁଝିବା ନିତ୍ୟାନ୍ତ ଆବଶ୍ୟକ ଯେ ସ୍ଥୁଳଶରୀର ଭିତରେ ଜୀବାତ୍ମାର ବାସକାଳ ଅପେକ୍ଷା ସ୍ଥୁଳଶରୀର ବାହାରେ ଜୀବାତ୍ମାର ବାସକାଳ ଅଧିକ ଦୀର୍ଘ ଅଟେ । କର୍ମ-ନିୟମର ଗତିବିଧିକୁ ଭଲ ରୂପେ ଆମେ ବୁଝିପାରିବା ନାହିଁ ଯେ ପର୍ଯ୍ୟନ୍ତ ଆମେ ଜୀବାତ୍ମାର ସୂକ୍ଷ୍ମ ଅବସ୍ଥାର କାର୍ଯ୍ୟକଳାପକୁ ଅଧ୍ୟୟନ ନ କରିଅଛେ । ଆମେ ଗୁରୁଦେବଙ୍କର ସେହି ବାକ୍ୟକୁ ସ୍ମରଣ କରିବା ଯେଉଁଥିରେ ସେ କହିଛନ୍ତି ଯେ ସ୍ଥୂଳ ଶରୀର ବାହାରେ ଥିବା ଜୀବନକୁ ହିଁ ବାସ୍ତବିକ ଜୀବନ କୁହାଯାଏ ।

"ବେଦାନ୍ତବାଦୀମାନେ ମାନବର ଦୁଇଟି ପ୍ରକାର ସଚେତନ ଜୀବନ ଯଥା: ସ୍ଥୁଳ ଓ ଆତ୍ମିକ ଜୀବନକୁ ହିଁ ବିଶ୍ୱାସ କରନ୍ତି କିନ୍ତୁ ଆତ୍ମିକ ଜୀବନକୁ ବାସ୍ତବିକ ରୂପେ ବିଶ୍ୱାସ କରନ୍ତି । ସ୍ଥୁଳ ଜୀବନ ନିଜର ପରିବର୍ତ୍ତନଶୀଳତା ତଥା ସଂକ୍ଷିପ୍ତତା କାରଣରୁ ଆମର ଇନ୍ଦ୍ରୀୟ ମାନଙ୍କର ଭ୍ରମ ବିନା ଆଉ କିଛି ନୁହେଁ ବୋଲି ବିଶ୍ୱାସ କରନ୍ତି । ଆତ୍ମିକ ଲୋକରେ ଆମର ଜୀବନ ବାସ୍ତବ ଅଟେ କାରଣ ଏହିଠାରେ ଆମର ଅନନ୍ତ, ଅପରିବର୍ତ୍ତନୀୟ, ଅମର 'ମୁଁ' ସୂତ୍ରାତ୍ମା ବାସ କରେ । ଏହି କାରଣରୁ ବେଦାନ୍ତୀ ମୃତ୍ୟୁ ପରେ ଜୀବନକୁ ହିଁ ଏକ ମାତ୍ର ଯଥାର୍ଥ ତଥା ପାର୍ଥିବ ଜୀବନ ଓ ବ୍ୟକ୍ତିତ୍ୱକୁ କାଳ୍ପନିକ ବୋଲି ବିଚାର କରିଥାନ୍ତି ।"

ପାର୍ଥିବ ଜୀବନ-କାଳରେ ଜୀବାତ୍ମାର କ୍ରିୟାଶୀଳତା "ଚିନ୍ତା-ମୂର୍ତ୍ତୀର ସୃଷ୍ଟି" ଅଧ୍ୟାୟରେ ସର୍ବାଧିକ ସ୍ୱଷ୍ଟ ରୂପେ ବର୍ଣ୍ଣନା କରାଯାଇଛି । କିନ୍ତୁ କର୍ମର ଗତିକୁ ଠିକ୍ ରୂପେ ବୁଝିବା ନିମନ୍ତେ ଆମକୁ ଚିନ୍ତାମୂର୍ତ୍ତୀ ଶବ୍ଦକୁ ଆହୁରି ଅଧିକ ବିଶ୍ଲେଷଣ କରିବା ଦରକାର ତଥା ଆଉ ଅଧିକ କିଛି ବିଷୟରେ ଜାଣିବା ଦରକାର ଯାହା ସମ୍ବନ୍ଧରେ ପୂର୍ବରୁ ସାମାନ୍ୟ ଧାରଣା ପ୍ରସ୍ତୁତ କଲା ସମୟରେ ଛାଡି ଦେଇଥିଲେ । ଜୀବାତ୍ମା 'ମନ' ମାଧ୍ୟମରେ କାର୍ଯ୍ୟ କରୁଥିବା ସମୟରେ ମାନସିକ ଆକୃତି ବା ପ୍ରାରମ୍ଭିକ ବିଚାର-ମୂର୍ତ୍ତୀର ନିର୍ମାଣ କରିଥାଏ । ଏହି ମାନସିକ ଆକୃତିକୁ ହିଁ ଆମେ ମନର ଏହି ତତ୍କ୍ଷଣାତ୍ ପରିକଳ୍ପନା ଅର୍ଥରେ ନେବା ଏବଂ ଆଗକୁ ମଧ୍ୟ ଏହି ଶବ୍ଦର ପ୍ରୟୋଗ ଚିନ୍ତା-ମୂର୍ତ୍ତୀର ପ୍ରାରମ୍ଭିକ ଅବସ୍ଥା ନିମନ୍ତେ କରିବା । ଏହି ମାନସିକ ଆକୃତି ନିଜ ଜନ୍ମଦାତାର ଚେତନାର ଏକ ଅଂଶ ସ୍ୱରୂପ ସଂଯୁକ୍ତ ଥାଏ । ଏହା ଜୀବନ୍ତ ଓ ସ୍ପନ୍ଦନଶୀଳ ସୂକ୍ଷ୍ମ ପଦାର୍ଥ ବିଶିଷ୍ଟ । ଧରିନିଅନ୍ତୁ ଏକ ଶବ୍ଦର ଚିନ୍ତା କରାଗଲା । କିନ୍ତୁ ପ୍ରକାଶ କରାଗଲା ନାହିଁ । ତେଣୁ ତାକୁ ଆକୃତି ଏ ପର୍ଯ୍ୟନ୍ତ ମିଳିପାରି ନାହିଁ । ପାଠକ, କିଛିକ୍ଷଣ ପାଇଁ ନିଜର ମନକୁ ଏହି ମାନସିକ ଆକୃତି ଉପରେ କେନ୍ଦ୍ରିତ କରନ୍ତୁ; ନିଜକୁ ଅନ୍ୟ ସବୁଠାରୁ ଏବଂ ନିଜ କ୍ଷେତ୍ର ଓ କ୍ଷେତ୍ରବାହାରେ ଉତ୍ପନ୍ନ ହେଉଥିବା ସମସ୍ତ ବିଷୟ ବସ୍ତୁର ପ୍ରଭାବରୁ ନିଜକ ପୃଥକ କରି ଏହା ସମ୍ବନ୍ଧରେ ଏକ ସ୍ୱଷ୍ଟ ଧାରଣା ଆଣନ୍ତୁ । ଦେଖିବେ, ଏହା ଏକ ମାନସିକ ଆକୃତିକୁ ନିର୍ମାଣ କରିଦେବ, ଠିକ୍ ଯେପରି କିଛି ସମୟ ପୂର୍ବରୁ କୁହାଯାଇଛି ଯେ ମାନସିକ

ଆକୃତି ନିଜ ଜନ୍ମଦାତାର ଚେତନାର ଏକ ଅବିଚ୍ଛେଦ ଅଙ୍ଗ। ଏହାକୁ ପୃଥକ କରାଯାଇପାରିବ ନାହିଁ। ସଂସାରରେ ରହିବା ସମୟରେ, ମୃତ୍ୟୁ ସମୟରେ, ସଂସାର ତ୍ୟାଗ କଲା ସମୟରେ ତଥା ମୃତ୍ୟୁ ପରେ ଅନ୍ୟ ଲୋକମାନଙ୍କରେ ଏହା(ଚିନ୍ତା-ମୂର୍ତ୍ତୀ) ସଦା ସର୍ବଦା ତା' ସାଥିରେ ରହିଥାଏ। ଯଦି ଏହି ଲୋକ ଗୁଡିକର ଉଚ୍ଚତର ସ୍ତରକୁ ଯାତ୍ରା କରୁଥିବା ସମୟରେ ସେଠାରେ ସୂକ୍ଷ୍ମ ବାତାବରଣ ଏହି ବିଚାର-ମୂର୍ତ୍ତୀକୁ ଅସହନୀୟ  ହୁଏ ତେବେ ଜୀବ ବିଚାର-ମୂର୍ତ୍ତୀର ସ୍ଥୁଳରୂପକୁ  ଛାଡି ଦେଇ ତାହାର କେବଳ ମାନସିକ ଆକାରକୁ ନିଜ ସାଥିରେ ନେଇଯାଏ। ସେହି ଲୋକର ଅପେକ୍ଷାକୃତ ସ୍ଥୁଳ ସ୍ତରକୁ ଫେରିବା ସମୟରେ ସେହି ମାନସିକ ଆକାର ପୁନର୍ବାର ସ୍ଥୁଳତର ପଦାର୍ଥକୁ ଗ୍ରହଣ କରିନିଏ ଏବଂ ଉପଯୁକ୍ତ ସ୍ଥୁଳତର ରୂପ ପୁନର୍ବାର ନିର୍ମିତ ହୋଇଯାଏ। ଏହି ମାନସିକ ଆକୃତି ଦୀର୍ଘ ସମୟ ପର୍ଯ୍ୟନ୍ତ ସୁପ୍ତ ରହିପାରେ। କିନ୍ତୁ ଏହାକୁ ପୁନର୍ବାର ଜାଗ୍ରତ ଏବଂ ସଜୀବ ମଧ୍ୟ କରାଯାଇପାରେ। ଏହି ମାନସିକ ଆକୃତି ଗୁଡ଼ିକର ଜନ୍ମଦାତା ଏବଂ ଏହାଠାରୁ ଉତ୍ପନ୍ନ, ଏହି ପ୍ରକାର ଜୀବମାନଙ୍କର ପ୍ରତ୍ୟେକ ନୂଆ ସଂବେଗ ଦ୍ୱାରା ଏହିମାନଙ୍କ ଜୀବନ ଶକ୍ତି ବଢ଼ିଥାଏ ଏବଂ ଏହାର ସ୍ୱରୂପକୁ ପରିବର୍ତ୍ତନ କରିଥାଏ।

ଏହି ମାନସିକ ଆକୃତିର ବିକାଶ ଏକ ନିଶ୍ଚିତ ନିୟମ ଅନୁସାରେ ହୁଏ। ଏହି ମାନସିକ ଆକୃତି ସମୂହ ଚରିତ୍ରକୁ ନିର୍ମାଣ କରିଥାଏ। ବାହ୍ୟସ୍ୱରୂପ ଅନ୍ତରର ସ୍ୱରୂପ ବାହ୍ୟରେ ପ୍ରତିବିମ୍ବିତ ହୁଏ। ଯେପରି କୋଷଗୁଡିକ ଦ୍ୱାରା ଶରୀରର ତନ୍ତୁଗୁଡିକର ନିର୍ମାଣ ହୁଏ ଏବଂ ଏହି ପ୍ରକ୍ରିୟାରେ ଅନେକ କିଛି ପରିବର୍ତ୍ତନ ହୋଇଯାଏ, ସେହିପରି ମାନସିକ ଆକୃତିଗୁଡିକ ଦ୍ୱାରା ମନର ବିଶିଷ୍ଟତା ତିଆରି ହୁଏ ଏବଂ ଏଥିରେ ବହୁତ କିଛି ପରିବର୍ତ୍ତନ ମଧ୍ୟ ହୁଏ। କର୍ମର ଗତିକୁ ଅଧ୍ୟୟନ କଲେ ଏହି ପରିବର୍ତ୍ତନ ସମ୍ବନ୍ଧୀୟ ତଥ୍ୟ ବହୁତ ଅଧିକ ରୂପେ ଆମ ପାଇଁ ସ୍ପଷ୍ଟ ହୋଇପାରିବ। ଜୀବାତ୍ମାର ସୃଜାନତ୍ମକ ଶକ୍ତିମାନଙ୍କ ଦ୍ୱାରା ଏହି ମାନସିକ ଆକୃତି ଗୁଡିକର ନିର୍ମାଣ ବହୁତ ପ୍ରକାର ପଦାର୍ଥର ସମଷ୍ଟିରୁ ହୋଇଥାଏ। ଜୀବାତ୍ମା କାମନାରୁ ପ୍ରେରିତ ହୋଇ କ୍ରିୟାଶୀଳ ହୁଏ । କାମନା ବା ଇଚ୍ଛା ଅନୁରୂପ ଆକୃତି ତିଆରି କରିପାରେ, ଆହୁରି ମଧ୍ୟ ଏହା ନିଜର ପ୍ରେରଣାରୁ ଏକ ଉଚ୍ଚ ଆଦର୍ଶ ଦିଗକୁ ପ୍ରେରିତ ହୋଇ ସେହି

ଅନୁରୂପ ଏକ ଆକୃତି ଗଠନ କରିପାରେ । ଏହା ବିଶୁଦ୍ଧ ବୌଦ୍ଧିକ ଧାରଣ ଦ୍ୱାରା କ୍ରିୟାଶୀଳ ହୋଇ ଏହା ଅନୁରୂପ ଆକୃତି ତିଆରି କରିପାରେ । କିନ୍ତୁ ଉଚ୍ଚ ହେଉ ବା ନିମ୍ନ ହେଉ, ବୌଦ୍ଧିକ ହେଉ ବା କାମନାଯୁକ୍ତ, ଉପଯୋଗୀ ହେଉ ବା ଅନିଷ୍ଟକର ହେଉ, ଦିବ୍ୟ ହେଉ ବା ପାଶବିକ ହେଉ, ମନୁଷ୍ୟ ଭିତରେ ସର୍ବଦା ଏକ **ମାନସିକ ଆକୃତି** ଥାଏ । ଏହାର ଅସ୍ତିତ୍ୱ ଉପରେ ବ୍ୟକ୍ତିଗତ କର୍ମ ନିର୍ଭର କରେ । ଏହି ମାନସିକ ଆକୃତି ବିନା ବ୍ୟକ୍ତିର ଏକ ଜୀବନ-କାଳରୁ ଅନ୍ୟ ଜୀବନକାଳ ସହିତ ସଂଯୁକ୍ତ କରୁଥିବା କୌଣସି ବ୍ୟକ୍ତିଗତ କର୍ମ ହୋଇପାରେ ନାହିଁ । ମାନସିକ ଆକୃତି ଯୋଗୁ ହିଁ ସେହି ସ୍ଥାୟୀ ତତ୍ତ୍ୱ ଉପଲବ୍ଧ ଥାଏ ଯାହାଦ୍ୱାରା ମନୁଷ୍ୟର ବ୍ୟକ୍ତିଗତ କର୍ମ ତିଷ୍ଠି ରହେ ।

ବର୍ତ୍ତମାନ ଆମେ ପ୍ରାରମ୍ଭିକ ବିଚାର-ମୂର୍ତ୍ତୀ ତଥା ଦ୍ୱିତୀୟ ସ୍ତରୀୟ ବିଚାର-ମୂର୍ତ୍ତୀ ମଧ୍ୟରେ ଥିବା ପାରସ୍ପରିକ ସମ୍ବନ୍ଧ, ବିଶୁଦ୍ଧ ଏବଂ ସାଧାରଣ ବିଚାର-ମୂର୍ତ୍ତୀ ତଥା ଅନୁପ୍ରାଣିତ ଚିନ୍ତା-ମୂର୍ତ୍ତୀ ମଧ୍ୟରେ ସମ୍ବନ୍ଧ, ମାନସିକ ଆକୃତି ତଥା କାମମାନସ ଆକୃତି ଅର୍ଥାତ କାମଲୋକର ବିଚାରମୂର୍ତ୍ତୀ ମଧ୍ୟରେ ଥିବା ପାରସ୍ପରିକ ସମ୍ବନ୍ଧ ବିଷୟରେ ଅଧ୍ୟୟନ କରିବା । ଏହା କିପରି ଉତ୍ପନ୍ନ ହୁଏ ଓ କଣ ଅଟେ ? ଯଦି ପ୍ରଥମେ ପ୍ରତୀକର ବିଷୟରେ ଜାଣିବାକୁ ଚାହିଁବା ତେବେ ଦେଖିବା ଶବ୍ଦ ବିଚାରର ପରେ ଶବ୍ଦ ଉଚ୍ଚାରିତ ହୁଏ ଏବଂ ସଙ୍ଗେ ସଙ୍ଗେ ପ୍ରତୀକର ଉତ୍ପତ୍ତି ହୁଏ । ଜୀବାତ୍ମା ବିଚାର କରେ ଏବଂ ଧ୍ୱନି ଦ୍ୱାରା ଭୂବର୍ଲୋକୀୟ ପଦାର୍ଥରେ ରୂପ ତିଆରି ହୋଇଯାଏ । ମହତ୍ ବା ସମଷ୍ଟିଗତ ଚେତନାର ପରିକଳ୍ପନା ଯେତେବେଳେ ବାହାରେ ପ୍ରକଟ ହୁଏ ସେତେବେଳେ ଏହା ବ୍ୟକ୍ତ ସୃଷ୍ଟିରେ ପରିଣତ ହୋଇଯାଏ । ଏହିପରି ମନୁଷ୍ୟ ମନର ମାନସିକ ଆକୃତିମାନ ଯେତେବେଳେ ବାହାରେ ପ୍ରକଟ ହୁଏ ସେ ତା'ର ଜନ୍ମଦାତାର ବ୍ୟକ୍ତ ସଂସାରରେ ପରିଣତ ହୁଏ । ସେ "ତାର ନିଜର ବିଚାର ପ୍ରବାହ ଦ୍ୱାରା ବିଭିନ୍ନ ଲୋକରେ ନିଜର ଅଲଗା ଦୁନିଆ ବସାଇ ଚାଲେ ।" ମାନସିକ ଆକୃତିର କମ୍ପନ ଦ୍ୱାରା ସ୍ଥୁଳ ଭୂବର୍ଲୋକୀୟ ପଦାର୍ଥରେ ସେହି ପ୍ରକାରର କମ୍ପନ ଉତ୍ପନ୍ନ ହୁଏ ଏବଂ ଏହିଥିରୁ ଦ୍ୱିତୀୟ ସ୍ତରୀୟ ବିଚାର-ମୂର୍ତ୍ତୀ ବା କାମମାନସ ଆକୃତି ତିଆରି ହୁଏ । ଯେପରି ଆଗରୁ କୁହାଯାଇଛି ମାନସିକ

ଆକୃତି ତା'ର ଜନ୍ମଦାତାର ଚେତନା ଦ୍ୱାରା ହିଁ ତିଆରି ହୋଇଥାଏ । କିନ୍ତୁ ଚେତନାରୁ ଓ ଏହାର କମ୍ପନର ବାହାରକୁ ପ୍ରବେଶ କଲେ ଭୂବଲୋକର ସ୍ଥୁଳତର ପଦାର୍ଥ ଦ୍ୱାରା ଏହି ମାନସିକ ଆକୃତିର ପ୍ରତିରୂପ ତିଆରି ହୋଇଯାଏ । ଏହି ଭାବମୂର୍ତ୍ତୀମାନଙ୍କ (Elemental) ଶକ୍ତି ନିମନ୍ତେ କୋଷ ଉପଲବ୍ଧ କରାଇଥାଏ । ଯେତେବେଳ ପର୍ଯ୍ୟନ୍ତ ଏହି ରୂପ ରହିଥାଏ ସେତେବେଳ ପର୍ଯ୍ୟନ୍ତ ସେହି ଶକ୍ତି ଏହା ମଧ୍ୟରେ ପରିସୀମିତ ଥାଏ କାରଣ ଏହି ରୂପରେ ବିଦ୍ୟମାନ ମାନସିକ ତତ୍ତ୍ୱ ତାକୁ ଅନୁପ୍ରାଣୀତ କରେ । ଗୁରୁଦେବଙ୍କର ବର୍ଣ୍ଣନାରେ ଏହାକୁ କ୍ରୀୟାଶକ୍ତି କୁହାଯାଇଛି । ଏହି କାମମାନସ ଆକୃତି ଭୂବଲୋକରେ ଭ୍ରମଣ କରୁଥାଏ ଓ ନିଜର ଜନକ-ମାନସିକ ଆକୃତି ସହ ସମ୍ପର୍କ ରଖିଥାଏ । ଯେ କୌଣସି କାମ-ମାନସ ଆକୃତିର ଜୀବନକାଳ ପରିସ୍ଥିତି ଅନୁସାରେ ଦୀର୍ଘ ବା ସ୍ୱଳ୍ପ ହୋଇଥାଏ । ଏହାର ବିନାଶ ତା'ର ଜନକ ମାନସିକ ଆକୃତିକୁ ପ୍ରଭାବିତ କରି ନଥାଏ । ପ୍ରତ୍ୟେକ ନୂଆ ଉତ୍ସାହ ପ୍ରାପ୍ତ ହେଲେ ସେହି ମାନସିକ ଆକୃତି ଏକ ନୂଆ ଭୂବଲୋକୀୟ ପ୍ରତିରୂପକୁ ଜନ୍ମ ଦେବ, ଠିକ୍ ସେହିପରି ଯେପରି ଏକ ଶବ୍ଦର ଉଚ୍ଚାରଣରେ ଏକ ନୂଆ ରୂପ ତିଆରି ହୋଇଥାଏ ।

ମାନସିକ ଆକୃତିର କମ୍ପନ କେବଳ ତଳସ୍ତରକୁ ଅର୍ଥାତ ଭୂବଲୋକକୁ ଯେ ପହଁଚେ ତାହା ନୁହେଁ ବରଂ ଉପରସ୍ତର ଅର୍ଥାତ ଆତ୍ମିକସ୍ତର ପର୍ଯ୍ୟନ୍ତ ମଧ୍ୟ ଯାଇପାରେ । ଯେପରି ଏହା ନିମ୍ନଲୋକ ଗୁଡିକରେ ସ୍ଥୁଳରୂପ ତିଆରି କରିଥାଏ ସେହିପରି ଉଚ୍ଚତର ଲୋକରେ ମଧ୍ୟ ଏହା ଅଧିକ ସୂକ୍ଷ୍ମରୂପ ନିର୍ମାଣ କରିପାରେ । ଉଚ୍ଚତର ଲୋକରେ ଆକାଶରେ ଶବ୍ଦର ଉତ୍ପତ୍ତି ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା ହୋଇଛି । ଆକାଶ ସମସ୍ତ ରୂପଗଣଙ୍କର ଭଣ୍ଡାର ଗୃହ ସୁରକ୍ଷିତ କୋଷ ଅଟେ ଯେଉଁଠାରେ ମହତ୍‌ର ଅନନ୍ତ ସମ୍ପଦ ଦ୍ୱାରା ବିଚାର ଗୁଡିକ ବିପୁଳ ପରିମାଣରେ ଢାଳି ଦିଆଯାଏ ଯାହା ବିଶ୍ୱରେ ବ୍ୟକ୍ତ ରୂପ ନେବା ପାଇଁ ଉଦ୍ଧିଷ୍ଟ । ବିଶ୍ୱରୁ ସମସ୍ତ କମ୍ପନ ମଧ୍ୟ ଏହି ଆକାଶରେ ପ୍ରବିଷ୍ଟ ହୁଏ- ସମସ୍ତ ଦେବତାଙ୍କର ପ୍ରତ୍ୟେକ ବିଚାର, କାମନାଯୁକ୍ତ ଜୀବ ମାନଙ୍କର ସମସ୍ତ କାମନା, ସମସ୍ତ ଲୋକଗୁଡିକର ପ୍ରତ୍ୟେକ ଜୀବମାନଙ୍କ ଦ୍ୱାରା କରାଯାଇଥିବା କର୍ମ ଇତ୍ୟାଦି ସମସ୍ତଙ୍କର ନିଜ ନିଜର ପ୍ରଭାବ ଥାଏ ଯାହା ଆମ ପାଇଁ ଅରୂପ

ବା ଅଦୃଶ୍ୟ ହୋଇପାରେ କିନ୍ତୁ ଉଚ୍ଚତର ଆଧ୍ୟାତ୍ମିକ ଦେବତାଙ୍କ ପାଇଁ ରୂପମୟ ଅଟେ । ସମସ୍ତ ଘଟଣାର ରୂପମୟ ଆକୃତି ଅର୍ଥାତ ଆକାଶିକ ଆକୃତି ସଦାସର୍ବଦା ତିଆରି ହୋଇଚାଲିଥାଏ ଏବଂ ଏହା ହିଁ ସତ୍‌କର୍ମର ପଞ୍ଜିକା ବା ଚିତ୍ରଗୁପ୍ତର ପାଞ୍ଜି(ଲିପିକ) କୁହାଯାଏ ଏବଂ ଏହାକୁ ସେହି ବ୍ୟକ୍ତି ପାଠ କରିପାରେ ଅର୍ନ୍ତଚକ୍ଷୁ ଯାହାର ଖୋଲି ଯାଇଅଛି । ଯିଏ ଏହି କ୍ରିୟାକୁ ଜାଣିଅଛି ସେ ଏହି ଆକାଶଙ୍କ ଆକୃତିକୁ ଭୂବଲୋକୀୟ ପଦାର୍ଥର ପର୍ଦା ଉପରେ ଠିକ୍ ଏହିପରି ପ୍ରତିବିମ୍ବିତ କରିପାରେ ଯେପରି ମ୍ୟାଜିକ ଲଣ୍ଠନରେ ଲଗା ଯାଇଥିବା Slideର ପରଦା ଉପରେ ଚିତ୍ର ଦେଖାଯାଇଥାଏ । ଏହିଭଳି ଅତୀତର କୌଣସି ଘଟଣାକୁ ସମ୍ପୁର୍ଣ୍ଣ ବିସ୍ତାର ଭାବେ ଏକ ସଜୀବ ବାସ୍ତବିକତା ରୂପରେ ମଧ୍ୟ ଦେଖାଇ ଦିଆ ଯାଇପାରେ । ଏହା ଏଥିପାଇଁ ସମ୍ଭବ ହୋଇଥାଏ କାରଣ ଆକାଶିକ ଲେଖାରେ ସଦାସର୍ବଦା ପାଇଁ ଅଙ୍କିତ ହୋଇ ବିଦ୍ୟମାନ ଥାଏ ଏବଂ ଏହି ଲେଖାର ଯେ କୌଣସି ପୃଷ୍ଠାର ଜୀବିତ ଚିତ୍ର ସ୍ୱେଚ୍ଛାରେ ନିଆ ଯାଇପାରେ ଏବଂ ଏହାକୁ ଭୂବଲୋକରେ ଅଭିନୟ କରାଯାଇପାରେ ତଥା ଏକ କୁଶଳୀ ଭବିଷ୍ୟଦ୍ରଷ୍ଟା ଏଥିମଧ୍ୟରେ ଜିଇଁପାରେ । ଯଦି ଏହି ଅସମ୍ପୂର୍ଣ୍ଣ ବର୍ଣ୍ଣନ ପାଠକଙ୍କୁ ବୁଝାପଡ଼େ ତେବେ ତାର କର୍ମଫଳର କାରଣକୁ ସେ କିଛି ପରିମାଣରେ ଅନୁମାନ ଲଗାଇପାରିବ । ଜୀବାତ୍ମା ଦ୍ୱାରା ନିର୍ମିତ ମାନସିକ ଆକୃତି ଅଭିନ୍ନ ରୂପେ ଆକାଶରେ ଅଙ୍କିତ ହୋଇଯାଏ ବା ଲିପିବଦ୍ଧ ହୋଇଯାଏ । ପୁଣି ଏହାଠାରୁ କାମ-ମାନସ ଆକୃତି, ଏକ କ୍ରୀୟାଶୀଳ ଅନୁପ୍ରାଣିତ ଜୀବ ଉତ୍ପନ୍ନ ହେବ । ସେ ଭୂବଲୋକରେ ଭ୍ରମଣ କରିବା ସମୟରେ ଅନେକ ପ୍ରଭାବ ଉତ୍ପନ୍ନ କରିବ ଏବଂ ସେଥିରୁ ପ୍ରତ୍ୟେକ ପ୍ରଭାବର ଠିକ ଠିକ ଚିତ୍ରଣ କରାଯାଇପାରିବ । ଏହିପରି ଯେ କୌଣସି ସମୟରେ ଉକ୍ତ ପ୍ରଭାବର କାରଣ ତଥା ଏହାଦ୍ୱାରା ତା'ର ଜନ୍ମଦାତା ବିଷୟରେ ଜଣାଯାଇପାରିବ । କାମମାନସ ଆକୃତିର ପ୍ରତ୍ୟେକ ସୂତ୍ର ନିଜର ରଂଗର ଆଭା ଦ୍ୱାରା ଚିହ୍ନାଯାଇପାରିବ । କୌଣସି ଏକ  ପରିମାଣ ଯଦିଓ ଅନେକ ଗୁଡିଏ ସୂତ୍ରଦ୍ୱାରା ମିଳିକରି ତିଆରି ହୋଇଛି, ପ୍ରତ୍ୟେକ ସୂତ୍ର ଭିତରକୁ ପ୍ରବେଶ କରିହେବ ଏବଂ ପ୍ରାରମ୍ଭରୁ ଉକ୍ତ ମାନସିକ ଆକୃତିକୁ ଉତ୍ପନ୍ନ କରିଥିବା ଜୀବାତ୍ମା ସମ୍ବନ୍ଧରେ ଜାଣିହେବ(ଜୀବାତ୍ମାକୁ ଚିହ୍ନିହେବ) । ଏହିପରି ଜଣଙ୍କର ବ୍ୟକ୍ତିଗତ ଦାୟିତ୍ୱକୁ

କର୍ମର ମହାନ୍ ଦେବତା, କର୍ମ ନିୟମର ନିୟନ୍ତା ଏକ ଦୃଷ୍ଟିରେ ଦେଖି ପାରନ୍ତି ତାହାକୁ ଭୂଲୋକ ପର୍ଯ୍ୟନ୍ତ ସୀମିତ ରୂପେ ତଥା ଅକୁଶଳ ଜୀବମାନଙ୍କ ସମ୍ମୁଖରେ ଅତ୍ୟନ୍ତ ଅସମ୍ପୂର୍ଣ୍ଣ ଭାଷାରେ ଉପସ୍ଥାପିତ କରାଯାଇପାରେ । ଯେଉଁ ମାନସିକ ଆକୃତିକୁ ଜୀବାତ୍ମା ଉତ୍ପନ୍ନ କରେ ଏଥି ନିମନ୍ତେ ସେ ସମ୍ପୂର୍ଣ୍ଣ ରୂପେ ଉତ୍ତରଦାୟୀ ରୁହେ ତଥା ଏହାର ଦୂରଗାମୀ ପରିଣାମ ଲାଗି ମଧ୍ୟ ତା'ର ଆଶିଂକ ଦାୟିତ୍ୱ ରୁହେ । କାରଣ ପ୍ରତ୍ୟେକ ପରିଣାମ ପାଇଁ ଅନ୍ୟ କର୍ମ-ସୂତ୍ର ମଧ୍ୟ କାରଣ ହୋଇଥାଏ । ଏଥିପାଇଁ ଆମେ ଏହା ବୁଝିପାରିବା ଉଚିତ ଯେ କର୍ମଫଳ ପ୍ରାପ୍ତିରେ ଭାବନାକୁ ଏତେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ କାହିଁକି ଦିଆଯାଇଛି ଏବଂ କାର୍ଯ୍ୟ ଅପେକ୍ଷାକୃତ ଗୌଣ କାହିଁକି, କର୍ମର ଫଳ ପ୍ରତ୍ୟେକ ଲୋକରେ ଏହା ସମ୍ବନ୍ଧିତ କାରଣ ଗୁଡିକ ଅନୁସାରେ କାହିଁକି ହୋଇଥାଏ ଓ ଜଗତଗୁଡ଼ିକ ଏକ ଅଖଣ୍ଡ ସୂତ୍ରରେ କାହିଁକି ବନ୍ଧିତ ?

ବ୍ରହ୍ମବିଦ୍ୟାର ଜ୍ଞାନମୟ ବିଚାର ବା ସିଦ୍ଧାନ୍ତ ଗୁଡିକ ସଂସାରକୁ ଆଲୋକିତ କରେ, ତାହାର ଭ୍ରାନ୍ତିଗୁଡିକ ଦୂର କରେ ଏବଂ ଏହା ସ୍ପଷ୍ଟ କରେ ଯେ ଜୀବନରେ ଦେଖା ଯାଉଥିବା ସମସ୍ତ ଅସଙ୍ଗତି, ବିଷମତା, ଅପ୍ରତ୍ୟାଶିତ ଘଟଣାବଳୀ ପଛରେ ପୂର୍ଣ୍ଣନ୍ୟାୟ କାର୍ଯ୍ୟରତ ଅଛି । ତେଣୁ ସେହି ମହାତ୍ମାଗଣଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ଯେ ସେ ଆମକୁ ଅଜ୍ଞାନର ଘନ ଅନ୍ଧକାରରେ ସତ୍ୟର ମଶାଲ ଜଳାଇ ରଖିଛନ୍ତି ଏବଂ ଆମକୁ ଅସହନୀୟ ମାନସିକ, ଦୁଃଖ, ମନ୍ଦ ଅବସ୍ଥାରୁ ମୁକ୍ତ କରିଛନ୍ତି ।

ତୁମେ ବନ୍ଧା ନୁହଁ, ସମସ୍ତଙ୍କ ଆତ୍ମା ଆନନ୍ଦମୟ
ଜୀନନର ମୂଳ ହେଲା ଦିବ୍ୟ ଶାନ୍ତି
କଷ୍ଟରୁ ବଳିଷ୍ଠ ଅଟେ ଆତ୍ମବଳ ଯିଏ ଥିଲା ମଙ୍ଗଳ
ହେବ ନିଶ୍ଚୟ ମଙ୍ଗଳତର, ମଙ୍ଗଳତମ

x x x x

ଏହି ଧର୍ମ ଅଟେ ନ୍ୟାୟର ଏବଂ ଗତିଶୀଳ
କେହି ଏହାକୁ ନ ବଦଳାଇ ପାରିବ ନା ରୋକି ପାରିବ
ପ୍ରେମ ହିଁ ଅଟେ ମୂଳ ଏହାର ଏବଂ ଅନ୍ତ ମଧ୍ୟ
ଶାନ୍ତି ଓ ପରିଣତି ଅଟେ ମଧୁର । ଏହାକୁ ପାଳନକର

ଜୀବତ୍ମାର ଯେଉଁ କାର୍ଯ୍ୟ କର୍ମର କାରଣ ହୋଇଯାଏ ତାହାର ତିନିଗୋଟି ପରିଣାମକୁ ଯଦି ଆମେ ବିସ୍ତାର ରୂପେ ନ ହେଲେ ମଧ୍ୟ ସିଦ୍ଧାନ୍ତ ରୂପେ କ୍ରମନୁସାରେ  ଲିପିବଦ୍ଧ କରି ପାରିବା ତେବେ ସମ୍ଭବତଃ ଆମେ ଅଧିକ ସ୍ପଷ୍ଟ ରୂପେ ବୁଝିପାରିବା । ତେଣୁ ଏକ ଜୀବନକାଳରେ ଆମକୁ ନିମ୍ନଲିଖିତ ଜିନିଷ ପ୍ରାପ୍ତ ହୋଇଥାଏ ।

| | **ଲୋକ** | **ପଦାର୍ଥ** | **ପରିଣାମ** |
|---|---|---|---|
| ମନୁଷ୍ୟ ନିର୍ମାଣ କରେ | ଆତ୍ମିକ | ଆକାଶ | ଆକାଶିକ-ଆକୃତି ଯାହାଠାରୁ କର୍ମ-ଲେଖା(ପ୍ରାରବ୍ଧ)ତିଆରି ହୁଏ |
| | କାମଲୋକ (ଭୂବର୍ଲୋକ) | ଉଚ୍ଚ କାମ | (ମାନସିକ ଆକୃତି ଯିଏ ଜନ୍ମଦାତାର ଚେତନାରେ ରୁହେ) |
| | | ନିମ୍ନମାନସ | (କାମ-ମାନସ ଆକୃତି-ଭୂବର୍ଲୋକର ସକ୍ରିୟ ଜୀବ) |

ଏହାର ପରିଣାମ ହେବ ପ୍ରବୃତ୍ତି, କ୍ଷମତା, କ୍ରିୟା ବା କାର୍ଯ୍ୟକଳାପ, ସୁଯୋଗ, ବାତାବରଣ ଇତ୍ୟାଦି ଯାହା ନିଶ୍ଚିତ ନିୟମ ଅନୁସାରେ ଭବିଷ୍ୟତ ଜୀବନ କାଳରେ ପ୍ରମୁଖ ରୂପେ ପ୍ରାପ୍ତ ହେବ ।

◆ ◆ ◆

# କର୍ମନିର୍ମାଣ -ବିଷଦ ରୂପେ

ମନୁଷ୍ୟର ଜୀବାତ୍ମା, କର୍ମର ନିର୍ମାତା, ଏକ ବିକାଶ ଶୀଳ ଜୀବ। ଏହା ଏକ ଜୀବନ୍ତ ବ୍ୟକ୍ତି ଅଟେ । ଅନନ୍ତ ବିକାଶ ପଥରେ ଯେତେଯେତେ ଆଗକୁ ବଢ଼େ, ତାହାର ମାନସିକ ସ୍ତର ସେତେ ବୃଦ୍ଧି ପ୍ରାପ୍ତ ହୋଇଚାଲିଥାଏ । ଉଚ୍ଚ ଏବଂ ନିମ୍ନ ମାନସରେ ମୂଳଭୂତ ଏକତାକୁ ସଦାସର୍ବଦା ଧ୍ୟାନରେ ରଖିବା ଆବଶ୍ୟକ । ଆମେ ଆମର ସୁବିଧା ଦୃଷ୍ଟିରୁ ଦୁଇଟି ମଧ୍ୟରେ ବିଭାଜନ କରୁ କିନ୍ତୁ ପାର୍ଥକ୍ୟ କେବଳ କାର୍ଯ୍ୟକଳାପରେ ଅଛି, ସ୍ୱରୂପରେ ନାହିଁ । ଉଚ୍ଚମାନସ ବୁଦ୍ଧି ଲୋକରେ କାର୍ଯ୍ୟକରେ ଏବଂ ଏହାର ନିଜ ଅତୀତ ବିଷୟରେ ସମ୍ପୂର୍ଣ୍ଣ ସଚେତନ ଥାଏ, ନିମ୍ନ ମାନସ ଭୂବଲୋକରେ କାର୍ଯ୍ୟ କରେ ଏବଂ ଏହି ଲୋକରେ ଭୂର୍ବଲୋକୀୟ ପଦାର୍ଥର ଆବରଣ ରହିଥାଏ । ଏହା କାମ-କୋଷରେ ସ୍ଥିତ ରହିଥାଏ ଏବଂ ଏହାର ସମସ୍ତ କାର୍ଯ୍ୟ କାମନା ମିଶ୍ରିତ ତଥା ପ୍ରେରଣା ଦାୟକ ପ୍ରେରିତ ହୋଇଥାଏ । ଯେଉଁ ଭୂବର୍ଲୋକୀୟ ପଦାର୍ଥର ଆବରଣ ଏହା ଉପରେ ଥାଏ ତାହା ତାକୁ ବହୁତ ପରିମାଣରେ ଦୃଷ୍ଟିହୀନ କରାଇ ଦିଏ ଏବଂ ସମ୍ପୂର୍ଣ୍ଣ ମାନସିକ ଚେତନାର କେବଳ ଏକ ଅଂଶ ତାହାକୁ ପ୍ରାପ୍ତ ହେବା ସମ୍ଭବ ହୁଏ ଏବଂ ଅଧିକାଂଶ ବ୍ୟକ୍ତି ମାନଙ୍କ ନିମନ୍ତେ ଏହି ଭାଗ କେବଳ ବର୍ତ୍ତମାନ ଜୀବନର କିଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅନୁଭବ ପର୍ଯ୍ୟନ୍ତ ସୀମିତ ଥାଏ । ଅଧିକାଂଶ ଦେହାତ୍ମାଙ୍କ ନିମନ୍ତେ ନିମ୍ନ-ମାନସ ହିଁ 'ମୁଁ ଅଟେ' ଯାହାକୁ ଆମେ ଜୀବ ବା ବ୍ୟକ୍ତିତ୍ୱ ବୋଲି କହୁ । ଚେତନାର ସ୍ୱର ଯାହାକୁ ଅସ୍ପଷ୍ଟତା ଏବଂ ସନ୍ତ୍ରମତା କାରଣରୁ ଈଶ୍ୱରଙ୍କ ସ୍ୱର ବୋଲି ବୁଝାଯାଏ । କିନ୍ତୁ ଏଥି ନିମନ୍ତେ ଉଚ୍ଚମାନସ ଲୋକରେ ଉଚ୍ଚ ମାନସର ଅଭିବ୍ୟକ୍ତି ଥାଏ ଏବଂ ଏହାକୁ ପ୍ରମାଣ ରୂପେ ସ୍ୱୀକାର କରିବା ଉଚିତ ଅଟେ ଯଦିଓ ଏହାର ସ୍ୱରୂପ ସମ୍ବନ୍ଧରେ ଭୂଲ୍ ଧାରଣା ଥାଇପାରେ । କିନ୍ତୁ ବିଦ୍ୟାର୍ଥୀକୁ ଏହା ଭଲ ରୂପେ ଜାଣିବା ଆବଶ୍ୟକ ଯେ ନିମ୍ନ ମାନସ ଏବଂ ଉଚ୍ଚ ମାନସ ଏକ ଅଟନ୍ତି ଯେପରି ସୂର୍ଯ୍ୟ କିରଣ ସୂର୍ଯ୍ୟଙ୍କଠାରୁ ଅଭିନ୍ନ ଅଟେ । ସୂର୍ଯ୍ୟ ରୂପୀ ମାନସ ସର୍ବଦା ବୁଦ୍ଧି ଲୋକର ସ୍ୱର୍ଗରେ ଚମକୁ ଥାଏ ଏବଂ ଏହାର କିରଣ ସର୍ବଦା ନିମ୍ନ ମାନସ ଲୋକରେ ପ୍ରବେଶ କରେ । ଏମାନଙ୍କର କାର୍ଯ୍ୟପ୍ରଣାଳୀକୁ ବୁଝିବା ନିମନ୍ତେ ଏମାନଙ୍କୁ ଦୁଇଗୋଟି ବୋଲି ମାନି ନେଲେ

ସୁବିଧା ହେବ । କିନ୍ତୁ ଏହା ବ୍ୟତିତ ଯଦି ଏମାନଙ୍କୁ ଦୁଇ ବୋଲି ବୁଝାଯାଏ ତେବେ ବହୁତ ବଡ଼ ଭ୍ରାନ୍ତି ହୋଇପାରେ ।

ତେଣୁ, ଜୀବାତ୍ମା ଏକ ବିକାଶଶୀଳ ଓ ବର୍ଦ୍ଧନଶୀଳ ସତ୍ତା । ଏହାର କିରଣ ନିମ୍ନ ଆଡକୁ ଗତି କରିବା ଏହି ପ୍ରକାର ହୋଇଥାଏ ଯେପରି କୌଣସି ଏକ ବସ୍ତୁକୁ ଧରିବା ନିମନ୍ତେ ହାତକୁ ପାଣିରେ ଭର୍ତ୍ତି କରାଯାଏ ଏବଂ ବସ୍ତୁଟିକୁ ଧରି ସାରିଲା ପରେ ତାହାକୁ ବାହାରକୁ ଅଣାଯାଏ । ଜୀବାତ୍ମାର ବିକାଶ ହାତ ବଢାଇକରି ଏକତ୍ରିତ ବସ୍ତୁଗୁଡିକର ମହତ୍ୱ ଉପରେ ନିର୍ଭର କରିଥାଏ । କିରଣର ଲେଉଟାଣି ପରେ ଏହାର କାର୍ଯ୍ୟ କରିବାର ମହତ୍ୱ ସୀମିତ ହୋଇଯାଏ ଏବଂ ଭୂବଲୋକରେ କାର୍ଯ୍ୟକରିବା ମିଳିତ ଅନୁଭବ ଉପରେ ନିର୍ଭର କରେ । ଏହା ଠିକ ଏହି ପ୍ରକାର ଘଟିଥାଏ ଯେପରି କୌଣସି ଶ୍ରମିକ କ୍ଷେତକୁ ଯାଏ ଏବଂ ବର୍ଷା ଓ ଖରାରେ, ଥଣ୍ଡା ଓ ଗରମରେ ପରିଶ୍ରମ କରେ ଏବଂ ରାତ୍ରିରେ ଘରକୁ ଫେରିଆସେ କିନ୍ତୁ ଶ୍ରମିକ ନିଜେ ମଧ୍ୟ ମାଲିକ ଅଟେ ଏବଂ ଏହାର ନିଜସ୍ୱ ପରିଶ୍ରମର ଫଳରେ ନିଜର ଭଣ୍ଡାର ପୂର୍ଣ୍ଣ ତଥା ସମୃଦ୍ଧ ହୁଏ । ପ୍ରତ୍ୟେକ ଜୀବ(ବ୍ୟକ୍ତିଗତ ଜୀବାତ୍ମା) ନିମ୍ନ ଲୋକଗୁଡିରେ ସେହି ଜୀବାତ୍ମାକୁ ପ୍ରତିନିଧିତ୍ୱ କରୁଥିବା ପ୍ରଭାବଶାଳୀ ଅଂଶ ଅଟେ ଏବଂ ଜୀବାତ୍ମାର ନିଜର ବିକାଶ ଅନୁରୂପ ସେ କମ୍ ବା ଅଧିକ ବିକଶିତ ହୋଇଥାଏ । ଯଦି ଏହି କଥା ସମ୍ପୂର୍ଣ୍ଣ ରୂପେ ବୁଝି ହେଇଯିବ ତେବେ ଗୋଟିଏ ପରେ ଗୋଟିଏ ଜନ୍ମରେ ଯେଉଁ ଜୀବକୁ ଯେଉଁ କର୍ମ ଭୋଗିବାକୁ ମିଳେ ତାହା ପ୍ରତି କୌଣସି ପ୍ରକାରର ଅନ୍ୟାୟ ହେଉଥିବା କଥାର ସମାପ୍ତ ଘଟିଥାଏ । କାରଣ ସେତେବେଳେ ଏହା ବୁଝାପଡିଯାଏ ଯେ ଯେଉଁ ଜୀବାତ୍ମା ଏହି କର୍ମ କରିଅଛି ସେ ହିଁ ଏହାକୁ ଭୋଗ କରିବ ଯେଉଁ ଶ୍ରମିକଟି ବୀଜ ବୁଣିଅଛି ସେ ହିଁ ଫସଲ କାଟିବ । ହୋଇପାରେ ବୀଜ ବୁଣୁଥିବା ସମୟରେ ଯେଉଁ କପଡା ବା ବସ୍ତ୍ର ପିନ୍ଧିଥିବ ତାହା ଫସଲ କାଟୁଥିବା ସମୟରେ ଚିରି ଯାଇଥିବ । ବୀଜ ବୁଣିବା ଏବଂ ଫସଲ କାଟିବା ମଧ୍ୟବର୍ତ୍ତୀ ସମୟରେ ଜୀବାତ୍ମାର ଭୂବଲୋକୀୟ ବସ୍ତ୍ର ମଧ୍ୟ ପୁରୁଣା ହୋଇଯାଇଥିବ ଏବଂ ସେ ନୂଆ ବସ୍ତ୍ର ଧାରଣ କରି ଫସଲ କାଟୁଥିବ । କିନ୍ତୁ ଯିଏ ବୁଣିଥାଏ 'ସେ' ହିଁ କେବଳ ଫସଲ କାଟେ । ଯଦି ସେ ଖରାପ ମଞ୍ଜି ବୁଣିଥିବ ତେବେ ଯେତେବେଳେ ସେ ଫସଲ କାଟିବ ତାକୁ ଫସଲ ପ୍ରାପ୍ତି ହେବନାହିଁ ।

ଜୀବାତ୍ମାର ବିକାଶର ପ୍ରାରମ୍ଭିକ ଅବସ୍ଥାରେ ତାହାର ପ୍ରଗତି ଅତ୍ୟନ୍ତ ଧୀର ଗତିରେ ହୋଇଥାଏ । କାରଣ ବାସନା ଓ ସ୍ଥୁଳଜଗତର ଆକର୍ଷଣ ତାକୁ ଏଠାକୁ ସେଠାକୁ ଘୁରାଇଥାଏ । ତାହା ଦ୍ୱାରା ନିର୍ମିତ ମାନସିକ ଆକୃତି ଗୁଡ଼ିକରୁ ଅଧିକାଂଶ ବାସନାଯୁକ୍ତ ହୋଇଥାଏ ଏବଂ ଏଥିପାଇଁ କାମ-ମାନସ ଆକୃତି ଗୁଡ଼ିକ ଉଗ୍ର ଏବଂ ଅଳ୍ପାୟୁ ହୋଇଥାନ୍ତି- ସଶକ୍ତ ଓ ଦୀର୍ଘଜୀବୀ ହୋଇନଥାନ୍ତି । କାମ-ମାନସ ଆକୃତିର ଶକ୍ତି ସେହି ମାନସିକ ତତ୍ତ୍ୱ ଉପରେ ନିର୍ଭର କରିଥାଏ ଯାହାଠାରୁ ମାନସିକ-ଆକୃତି ନିର୍ମିତ ହୋଇଥାଏ । ଦୃଢ ଏବଂ ସତ୍‌ବିଚାରରୁ ସୁସ୍ପଷ୍ଟ ଆକୃତି ତିଆରି ହୋଇଥାଏ ଏବଂ ଏଥିରୁ ନିର୍ମିତ କାମ-ମାନସ ଆକୃତି ମଧ୍ୟ ସଶକ୍ତ ଏବଂ ଦୃଢ ହୋଇଥାଏ । ଯଦି ଜୀବନର ଏକ ସ୍ପଷ୍ଟ ଲକ୍ଷ୍ୟ ଏବଂ ନିର୍ଦ୍ଧାରିତ ଆଦର୍ଶ ଥାଏ ଯାହା ଉପରେ ମନ ନିରନ୍ତର ମନନ କରୁଥାଏ ତେବେ ତାହାଠାରୁ ନିର୍ମିତ ମାନସିକ ଆକୃତି ମାନସିକ ଜୀବନରେ ଏକ ପ୍ରବଳ ଶକ୍ତି ରୂପେ ପ୍ରବାହିତ ହେବ ଏବଂ ଜୀବାତ୍ମାର ଶକ୍ତି ଅଧିକାଂଶ ରୂପେ ଏହାଦ୍ୱାରା ସଞ୍ଚାଳିତ ହେବ ।

ବର୍ତ୍ତମାନ ଆମେ ମାନସିକ-ଆକୃତିମାନଙ୍କ ଦ୍ୱାରା କର୍ମ ନିର୍ମାଣର ଅଧ୍ୟୟନ କରିବା । ନିଜ ଜୀବନରେ ମନୁଷ୍ୟ ଅଗଣିତ ମାନସିକ ଆକୃତି ତିଆରି କରିଥାଏ । ସେଥିମଧ୍ୟରୁ କିଛୀ ସଶକ୍ତ ଏବଂ ସ୍ପଷ୍ଟ ହୋଇଥାଏ ଯାହା ଥରକୁ ଥର ମାନସିକ ସଂବେଗ ଦ୍ୱାରା ନିରନ୍ତର ପୁଷ୍ଟ ହୋଇଥାଏ । କିଛି ଆକୃତି ଦୂର୍ବଳ ଏବଂ ଅସ୍ପଷ୍ଟ ହୋଇଥାଏ ଯାହାକୁ ମନ ନିର୍ମାଣ କରୁଥାଏ ଏବଂ ତ୍ୟାଗ କରୁଥାଏ । ମୃତ୍ୟୁ ସମୟରେ ଜୀବାତ୍ମା ପାଖରେ ଅସଂଖ୍ୟ ମାନସିକ ଆକୃତି ବିଦ୍ୟମାନ ଥାଆନ୍ତି ଯାହା କେବଳ ରୂପରେ ନୁହେଁ ବରଂ ଶକ୍ତି ଓ ସ୍ପଷ୍ଟତା ଦୃଷ୍ଟିରୁ ମଧ୍ୟ ଭିନ୍ନ ଥାଏ । କିଛି ଆକୃତି ଆଧ୍ୟାତ୍ମିକ ଆକାଂକ୍ଷା ପାଇଁ, କିଛି ସେବା ଭାବନା ପାଇଁ, କିଛି ଜ୍ଞାନ ଜିଜ୍ଞାସା ନିମନ୍ତେ, କିଛି ଉଚ୍ଚଜୀବନ ପ୍ରାପ୍ତି ନିମନ୍ତେ ଓ କିଛି ସମର୍ପିତ ପ୍ରତିଜ୍ଞା ପାଇଁ ହୋଇଥାଏ । କିଛି ଆକୃତି ସମ୍ପୂର୍ଣ୍ଣ ରୂପେ ବୌଦ୍ଧିକ ହୋଇଥାଏ- ସ୍ପଷ୍ଟବିଚାର ଏବଂ ଗଭୀର ଅଧ୍ୟୟନର ପରିଣାମ ସ୍ୱରୂପ କିଛି ଭାବନାତ୍ମକ ଏବଂ ବାସନାଯୁକ୍ତ ହୋଇଥାଏ ଯେଉଁଥିରେ କରୁଣା, କୋମଳତା, ଭକ୍ତି, କ୍ରୋଧ, ଆକାଂକ୍ଷା, ଦମ୍ଭ, ଲୋଭ ଇତ୍ୟାଦି ବ୍ୟକ୍ତ ହୋଇଥାଏ । କିଛି ଆକୃତି ଅନିୟନ୍ତ୍ରିତ ବାସନା ଦ୍ୱାରା ପ୍ରେରିତ,

ଶାରୀରୀକ କ୍ଷୁଧାରୁ ନିର୍ମିତ ଏବଂ ଏହା ଲୋଲୁପ, ମଦାସ୍ତକ୍ତ ଓ ବିଷୟାସକ୍ତ ବିଚାର ଗୁଡ଼ିକର ପ୍ରତୀକ ଅଟେ । ପ୍ରତ୍ୟେକ ଜୀବାତ୍ମାର ନିଜସ୍ୱ ଚେତନା ଥାଏ । ତାହା ଏହି ମାନସିକ ଆକୃତି ମାନଙ୍କ ଦ୍ୱାରା ଘେରିହୋଇ ରହିଥାଏ ଯାହା ତା'ର ମାନସିକ ଜୀବନର ଫଳସ୍ୱରୂପ ନିର୍ମିତ ହୋଇଥାଏ । ଗୋଟିଏ ବିଚାର ଯେତେ କ୍ଷଣିକ ହେଉ ନା କାହିଁକି ତାହା ଉପରୋକ୍ତ ପ୍ରକାରରେ ବ୍ୟକ୍ତ ହୋଇଥାଏ । କାମ-ମାନସ ଆକୃତି ଯଦି ବହୁତ ପୂର୍ବରୁ ନଷ୍ଟ ହୋଇଯାଇଛି ତାଙ୍କ ମଧ୍ୟ କିଛି ଘଣ୍ଟା ପାଇଁ ଜୀବିତ ରହିବାର ଶକ୍ତି ଥାଇପାରେ କିନ୍ତୁ ପ୍ରତ୍ୟେକ ମାନସିକ ଆକୃତି-ଗୋଟିଏ ମଧ୍ୟ ନିଜ ପାଖରୁ ଯାଇ ନ ଥାଏ । ଜୀବାତ୍ମା ପାଖରେ ସମ୍ପତ୍ତି ରୂପେ ରହିଥାଏ ଏବଂ ଯେତେବେଳେ ଜୀବାତ୍ମାର ମୃତ୍ୟୁପରେ କାମଲୋକକୁ ଯାଏ ସେତେବେଳେ ଏହି ସମସ୍ତ ମାନସିକ ଆକୃତିଙ୍କୁ ସାଙ୍ଗରେ ନେଇ ଯାଏ ।

ଭୁବର୍ଲୋକ ବା କାମଲୋକ ବିଭିନ୍ନ ସ୍ତରରେ ବିଭକ୍ତ ଅଟେ । ମୃତ୍ୟୁ ପରେ ଜୀବାତ୍ମା ନିଜର ସମ୍ପୂର୍ଣ୍ଣ ବାସନା ଶରୀର ବା କାମରୂପରେ ଭାରାକ୍ରାନ୍ତ ରହିଥାଏ । କାମ-ମାନସ ଦ୍ୱାରା ନିର୍ମିତ ସମସ୍ତ ସ୍ଥୁଳ ଏବଂ ପାଶବିକ ପ୍ରବୃତିର ମାନସିକ-ଆକୃତିଗୁଡ଼ିକ ଭୂବର୍ଲୋକର ନିମ୍ନତମ ସ୍ତରରେ ଶକ୍ତିଶାଳୀ ହୋଇଥାଏ । ଅଳ୍ପ ବିକଶିତ ଜୀବାତ୍ମାର ଧ୍ୟାନ ଏହି ଆକୃତି ଗୁଡ଼ିକ ଉପରେ କେନ୍ଦ୍ରିତ ଥାଏ ଏବଂ ତାଙ୍କ ଅନୁରୂପ ଏହା କାର୍ଯ୍ୟ କରିବାକୁ ଉଦ୍ୟତ ହୁଏ । ଏହିପରି ନିଜର ଆସନ୍ତା ଜନ୍ମରେ ସେମାନ(ମାନସିକ ଆକୃତି)ଙ୍କୁ ସ୍ଥୁଳ ଶରୀରରେ ପୁନର୍ବାର ଦୋହରାଇବା ପାଇଁ ପ୍ରସ୍ତୁତ ହୋଇଥାଏ । ଯେଉଁ ମନୁଷ୍ୟ ବିଷୟାସକ୍ତି ସମ୍ବନ୍ଧରେ ବିଚାର କରେ ଏବଂ ସେହି ପ୍ରକାରର ମାନସିକ ଆକୃତି ମାନଙ୍କୁ ତିଆରି କରି ଚାଲିଥାଏ ସେ ପୃଥିବୀରେ ବିଷୟ ସୁଖ ସମ୍ବନ୍ଧିତ ଦୃଶ୍ୟ ଆଡ଼କୁ କେବଳ ଆକର୍ଷିତ ହେବ ନାହିଁ ବରଂ ନିଜ ମନରେ ସେହି ସବୁ କାର୍ଯ୍ୟକଳାପ ଗୁଡ଼ିକୁ ବାରମ୍ବାର ଦୋହରାଇ ଥାଏ । ତେଣୁ ଭବିଷ୍ୟତରେ ଏହି ପ୍ରକାର ଅପରାଧ କରିବା ପ୍ରବୃତ୍ତି ତାହାର ସ୍ୱଭାବରେ ପ୍ରବଳରୁ ପ୍ରବଳତର ହୋଇଯିବ । ଏହି ବିଷୟ ତତ୍ତ୍ୱ ଭୂବଲୋକ ଅନ୍ୟ ସ୍ତରର ପଦାର୍ଥ ଦ୍ୱାରା ନିର୍ମିତ ମାନସିକ ଆକୃତିଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ । ଯେତେବେଳେ ଜୀବାତ୍ମା ନିମ୍ନତମ ସ୍ତରରୁ ଉଚ୍ଚତର ସ୍ତର ଆଡ଼କୁ ଗତି

କରିବାକୁ ଲାଗେ ସେତେବେଳେ ନିମ୍ନସ୍ତରର ପଦାର୍ଥ ଦ୍ୱାରା ନିର୍ମିତ ମାନସିକ ଆକୃତି ଗୁଡ଼ିକରୁ ଏହି ତତ୍ତ୍ୱ ବାହାରିଯାଇ ଚେତନାରେ ଅନ୍ତର୍ହିତ ହୋଇଯାଏ । ଏହାକୁ ଏଚ.ପି. ବ୍ଲାଭାଟସ୍କି ପଦାର୍ଥର ଅଭାବ ବୋଲି କହୁଥିଲେ ଅର୍ଥାତ୍ ଭୌତିକ ଅଭିବ୍ୟକ୍ତି ବିନା ବା ସ୍ଥୁଳ ଶରୀର ବିନା ଅସ୍ତିତ୍ୱକୁ ତିଷ୍ଠି ରଖିବାର କ୍ଷମତା । ଯେତେବେଳେ ଜୀବାତ୍ମା ଉର୍ଦ୍ଧ୍ୱଦିଗକୁ ଅର୍ଥାତ୍ ସ୍ୱର୍ଗଲୋକ ବା ଦେବାଚନ ଆଡ଼କୁ ଗତି କରେ ସେତେବେଳେ ଭୂବଲୋକୀୟ ଆବରଣ ତାହାର ସ୍ଥୁଳ ତତ୍ତ୍ୱରୁ ମୁକ୍ତ ହୋଇଯାଏ । ପ୍ରତ୍ୟେକଥର କାଢି ଦେଇଥିବା ଖୋଳ ଧିରେ ଧିରେ ଛିନ୍ନ ଭିନ୍ନ ହୋଇଯାଏ ଏବଂ କିରଣ (Ray)ବା ଜୀବାତ୍ମା ନିଜର ଭୂବର୍ଲୋକୀୟ ଆବରଣରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ରୂପେ ଫେରିଯାଏ । ଜୀବାତ୍ମାର ପୁନର୍ବାର ସ୍ଥୂଳ ଜୀବନକୁ ଆସିବା ପରେ ଏହି ସୁପ୍ତ ଆକୃତିଗୁଡ଼ିକ ବାହାରକୁ ଆସିଯାଏ ଏବଂ ନିଜ ଆଡ଼କୁ ଉପଯୁକ୍ତ ଭୂବର୍ଲୋକୀୟ ପଦାର୍ଥକୁ ଆକର୍ଷିତ କରେ । ଏହି ପରି ଭୂବର୍ଲୋକରେ ଏହା ବ୍ୟକ୍ତ ହେବା ନିମନ୍ତେ ଯୋଗ୍ୟ ହୋଇଯାଏ ଏବଂ ନୂତନ ଜନ୍ମରେ ଏହାର ବାସନା ଶରୀରର ଅଭିଳାଷ, ବାସନା ଓ ନିମ୍ନ ଭାବନାରେ ପରିଣତ ହୁଏ ।

ଏହି ପ୍ରସଙ୍ଗରେ କହି ରଖିବା ଉଚିତ୍ ହେବ ଯେ ମୃତ୍ୟୁପରେ ପ୍ରାରମ୍ଭିକ ଅବସ୍ଥାରେ ଜୀବାତ୍ମାକୁ ଘେରି ରହିଥିବା କିଛି ମାନସିକ ଆକୃତି ବହୁତ କଷ୍ଟଦାୟକ ହୋଇଥାଏ । ଅନ୍ଧବିଶ୍ୱାସ ଉପରେ ଆଧାରିତ ମାନସିକ ଆକୃତି ଅନେକ ଭୟାନକ ଦୃଶ୍ୟ ମାଧ୍ୟମରେ ଜୀବାତ୍ମାକୁ କଷ୍ଟ ପହୁଞ୍ଚାଇଥାଏ ଯାହାର ବାସ୍ତବତା ସହ କୌଣସି ସମ୍ବନ୍ଧ ନଥାଏ । କାମନା ବାସନା ଓ ଅଭିଳାଷ ଆଦି ଦ୍ୱାରା ନିର୍ମିତ ସମସ୍ତ ମାନସିକ ଆକୃତି ଗୁଡିକ ଉପର ବର୍ଣ୍ଣିତ ପ୍ରକ୍ରିୟାରେ ଗତି କରିଥାଏ ଏବଂ ଜୀବାତ୍ମା ପୁନର୍ବାର ସଂସାରକୁ ଲେଉଟିବା ପରେ ଏହା ବ୍ୟକ୍ତ ହୋଇଯାଏ । ଯେପରି କି 'Astral Plane' ପୁସ୍ତକର ଲେଖକ C.W.L.ଙ୍କ ଭାଷାରେ,"କାମ-ଲୋକରେ ଯେତେବେଳେ ପ୍ରତ୍ୟେକ ତତ୍ତ୍ୱ ତାହାଠାରୁ ପୃଥକ ହୋଇଯାଏ,ସେତେବେଳେ ବିଶ୍ୱର ମହାନ୍ କର୍ମଦେବତା, ଲିପିକ, ସେହି ଜୀବର କର୍ମ ବିଷୟରେ ବିଚାର କରନ୍ତି ଏବଂ ମନୁଷ୍ୟର ଆସନ୍ତା ଜନ୍ମ ନିମନ୍ତେ ତାହାର କର୍ମ ଅନୁରୂପ ଛାୟା ଶରୀର (Etheric Double)ଅର୍ଥାତ୍ ଏକ ଛାଞ୍ଚ ନିର୍ମାଣ କରି ଦିଅନ୍ତି ।"

ଏହି ସମୟରେ ନିମ୍ନ ତତ୍ତ୍ୱଗୁଡିକରୁ ଜୀବାତ୍ମାମୁକ୍ତ ହୋଇ ସ୍ୱର୍ଗଲୋକ(ଦେବାଚନ)ରେ ପ୍ରବେଶ କରେ। ସେହିଲୋକକୁ ନେଇ ଯାଇପାରୁଥିବା କିଛି ପବିତ୍ର ମାନସିକ ଆକୃତିଙ୍କ ସହ କିଛି ସମୟ ଜୀବାତ୍ମା ସେଠାରେ ବିତାଇଥାଏ ଅଥବା ଏହାର ଅଭାବରେ ଅଳ୍ପ ସମୟ ଲାଗି ବିତାଇଥାଏ । ତାହାର ପ୍ରତ୍ୟେକ ଉଚ୍ଚପ୍ରୟାସ ଯେତେ କମ୍ ବା କ୍ଷଣିକ ହୋଇଥାଉ ନା କାହିଁକି ସେଠାରେ ସେ ସବୁକୁ ପୁଣିଥରେ ଦେଖିଥାଏ ଏବଂ ତାର ଭୁଲ ସୁଧାରିଥାଏ ଏବଂ ସେହି ସାମଗ୍ରୀରୁ ଆସନ୍ତା ଜନ୍ମ ନିମନ୍ତେ ବିଭିନ୍ନ ଶକ୍ତି ବା ସାମର୍ଥ୍ୟ ନିର୍ମାଣ କରିଥାଏ।

ଦେବାଚନର ଜୀବନ ପ୍ରକୃତରେ ପରିପାକ(assimilation)ର ଜୀବନ ଅଟେ। ସ୍ଥୁଳ ଜୀବନରେ ପୃଥିବୀରୁ ପ୍ରାପ୍ତ ଅନୁଭୂତିଗୁଡ଼ିକ ଦ୍ୱାରା ଜୀବାତ୍ମା ନିଜର ଏକ ସୂକ୍ଷ୍ମାଙ୍ଗ ନିର୍ମାଣ କରିଥାଏ। ଏହି ଅନୁଭୂତିରୁ ହିଁ ଜୀବାତ୍ମା ବିକଶିତ ହୁଏ। ସ୍ଥୁଳଜଗତର ଜୀବନରେ ତାହା ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ମାନସିକ ଆକୃତି ଗୁଡିକର ସଂଖ୍ୟା, ତାର ରୂପରେଖ ତଥା ଏହାର ଉପଯୁକ୍ତ ଓ ଅପେକ୍ଷାକୃତ ସ୍ଥାୟୀ ରୂପାନ୍ତକରଣ ଉପରେ ନିଜର ବିକାଶ ନିର୍ଭର କରିଥାଏ। ଏକ ବିଶେଷ ପ୍ରକାରର ସମସ୍ତ ମାନସିକ ଆକୃତି ଗୁଡିକୁ ଏକତ୍ରିତ କରି ଜୀବାତ୍ମା ସେମାନଙ୍କ ମଧ୍ୟରୁ ତାଙ୍କର ସାର ତତ୍ତ୍ୱ କାଢିନିଏ ଏବଂ ଧ୍ୟାନ ଦ୍ୱାରା ଏକ ମାନସିକ ଅଙ୍ଗନିର୍ମାଣ କରି କାଢ଼ିଥିବା ସାରତତ୍ତ୍ୱକୁ ଦକ୍ଷତା ରୂପରେ ତାହା ମଧ୍ୟରେ ଢାଳିଦିଏ। ଉଦାହରଣ ସ୍ୱରୂପ, ଜଗତରେ ଜଣେ ବ୍ୟକ୍ତି ଜ୍ଞାନ ଲାଭ ନିମନ୍ତେ ପ୍ରବଳ ପିପାସା ଏବଂ ଉଚ୍ଚ ତଥା ସୂକ୍ଷ୍ମ ତର୍କ ବୁଝିବା ନିମନ୍ତେ ପ୍ରଯତ୍ନ କରୁଥିବା ବେଳେ ଅନେକ ମାନସିକ ଆକୃତି ନିର୍ମାଣ କରିଅଛି। ସେହି ବ୍ୟକ୍ତି ଯେତେବେଳେ ନିଜର ସ୍ଥୁଳଶରୀର ତ୍ୟାଗ କରିବା ସମୟରେ ତାହାର ମାନସିକ ଶକ୍ତି କେବଳ ସାଧାରଣ ଶ୍ରେଣୀର ଥିଲା। କିନ୍ତୁ ଦେବାଚନରେ ବ୍ୟକ୍ତି ଜଣକ ସେହି ମାନସିକ ଆକୃତିରେ ସୁଧାର ଆଣି ସେଥିରୁ ଏକ କ୍ଷମତା ବିକଶିତ କରିନେବ। ଏହିପରି ଜୀବାତ୍ମା ପୂର୍ବାପେକ୍ଷା ଏକ ଉତ୍ତମ ମାନସିକ ଉପକରଣ ନେଇ ପୁନର୍ବାର ପୃଥିବୀକୁ ଫେରି ଆସିବ। ସେତେବେଳେ ତାହାର ମାନସିକ ଶକ୍ତି ଅଧିକ ବିକଶିତ ହୋଇଥିବ ଯେଉଁଠାରେ କି ପୂର୍ବ ଜନ୍ମରେ ସେହି କାର୍ଯ୍ୟଗୁଡିକୁ ସମ୍ପନ୍ନ

କରିବା ନିମନ୍ତେ ସେ ସର୍ବଦା ଅନୁପଯୁକ୍ତ ଥିଲା । ଏହା ହିଁ ମାନସିକ ଆକୃତି ଗୁଡିକର ରୂପାନ୍ତରଣ ଅଟେ । ଏହା ଦ୍ୱାରା ମାନସିକ ଆକୃତି ରୂପରେ ତାହାର ଅସ୍ତିତ୍ୱ ସମାପ୍ତ ହୋଇଯାଏ । ଯଦି ପରବର୍ତ୍ତୀ ଜୀବନ କାଳରେ ଜୀବାତ୍ମା ସେହି ଆକୃତିମାନଙ୍କୁ ପୁନର୍ବାର ସେହି ରୂପରେ ଦେଖିବାକୁ ଚାହେଁ ତେବେ କର୍ମଲେଖା(ପଞ୍ଜିକା)କୁ ଖୋଜିବାକୁ ପଡିବ ଯେଉଁଠାରେ ଏମାନେ ଆକାଶିୟ ଆକୃତି ରୂପରେ ସଦାସର୍ବଦା ବିଦ୍ୟମାନ ଥାଆନ୍ତି । ଏହି ରୂପାନ୍ତକରଣରେ ଜୀବାତ୍ମା ଦ୍ୱାରା ନିର୍ମିତ ମାନସିକ ଆକୃତି ରୂପରେ ଏମାନଙ୍କ ଅସ୍ତିତ୍ୱ ସମାପ୍ତ ହୋଇଯାଏ ଏବଂ ଏହି ଜୀବାତ୍ମାର ଶକ୍ତିଗୁଡିକ ତାହାର ଏକ ଅଙ୍ଗ ରୂପେ ପରିଣତ ହୁଏ । ତେଣୁ, ଯଦି କୌଣସି ମନୁଷ୍ୟ ନିଜର ବର୍ତ୍ତମାନର ମାନସିକ କ୍ଷମତାଠାରୁ ଅଧିକ କ୍ଷମତା ପ୍ରାପ୍ତ କରିବାକୁ ଚାହେଁ ତେବେ ତାକୁ ପ୍ରାପ୍ତ କରିବା ନିମନ୍ତେ ଦୃଢ ଇଚ୍ଛା ତଥା ଏହା ପ୍ରାପ୍ତି ନିମନ୍ତେ ନିରନ୍ତର ଧ୍ୟାନ କରିବା ସହ ସେ ଏହାର ବିକାଶ ସୁନିଶ୍ଚିତ କରିଥାଏ କାରଣ ଏକ ଜୀବନରେ କରିଥିବା କୌଣସି ଇଚ୍ଛା ଏବଂ ଆକାକ୍ଷାଂ ଅନ୍ୟ ଏକ ଜୀବନରେ କ୍ଷମତାରେ ପରିଣତ ହୋଇଯାଏ । କିନ୍ତୁ ଏହା ମନେ ରଖିବା ଆବଶ୍ୟକ ଯେ ଏହି ପ୍ରକାର ନିର୍ମିତ କ୍ଷମତା ନିର୍ମାତାକୁ ଦିଆଯାଇଥିବା ପଦାର୍ଥ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରିଥାଏ । ଯଦି କିଛି ପରିମାଣରେ ଏ ପଦାର୍ଥ ନଥାଏ ତେବେ ନିର୍ମାଣ ସମ୍ଭବ ହୁଏନାହିଁ । ଯଦି ସଂସାରରେ ଜୀବ ନିଜ ଶକ୍ତି ଗୁଡିକୁ ଉପଯୋଗ କରି ଆକାଂକ୍ଷା ଓ ଇଚ୍ଛାର ବୀଜ ବୁଣି ନାହିଁ ତେବେ ଦେବାଚନରେ ଫସଲ ରୂପରେ ତାକୁ ତିଳେ ମାତ୍ର ମିଳିବ ନାହିଁ ।

ଯଦି ସାମାନ୍ୟ ମାନସିକ ଆକୃତିକୁ ବାରମ୍ବାର ଦୋହରାଯାଏ ତେବେ ଏହି ବିଚାର ପ୍ରବୃତ୍ତିରେ ପରିଣତ ହୁଏ । ସେଥିରୁ ଏପରି ନାଳୀକା ତିଆରି ହୋଇଯାଏ ଯାହା ମଧ୍ୟରେ ମାନସିକ ଶକ୍ତି ବହୁତ ସହଜରେ ସଙ୍ଗେ ସଙ୍ଗେ ପ୍ରବାହିତ ହୋଇଥାଏ । ଏଥିପାଇଁ ମନକୁ ବିନା ଉଦ୍ଦେଶ୍ୟରେ ଅଯଥା ଏପଟ ସେପଟ କରିବା ଅନୁଚିତ, ଅଯଥା ମହତ୍ୱହୀନ ମାନସିକ ଆକୃତି ନିର୍ମାଣ ନ କରିବା ସହ ଏହାକୁ ମନ ମଧ୍ୟରେ ରଖିବା ଅନୁଚିତ୍ । ଯଦି ଏହା ମନ ମଧ୍ୟରେ ରହିଗଲା ତେବେ ଭବିଷ୍ୟତରେ ମାନସିକ ଶକ୍ତି ପ୍ରବାହ ନିମନ୍ତେ ନାଳିକା ଗୁଡ଼ିଏ ତିଆରି କରିଦେବ ଏବଂ ଏହି ନାଳିକା ଗୁଡ଼ିକରେ ପ୍ରବାହିତ

ହେବା ନିମନ୍ତେ ସରଳତମ ମାର୍ଗକୁ ଆପଣେଇବା କାରଣରୁ ଏହି ଶକ୍ତି ନିମ୍ନସ୍ତର ଗୁଡ଼ିକରେ ଘୁରି ବୁଲିବ ।

ଯଦି କୌଣସି ଉଚ୍ଚ ତଥା ପବିତ୍ର କାର୍ଯ୍ୟ କରିବାର ସଂକଳ୍ପ ବା ଇଚ୍ଛା ନିଜର ଯୋଗ୍ୟତାର ଅଭାବ ଯୋଗୁଁ ନୁହେଁ ବରଂ ସୁଯୋଗର ଅଭାବରୁ ବା ବିଭିନ୍ନ ପ୍ରତିକୂଳ ପରିସ୍ଥିତି କାରଣରୁ ପୂର୍ଣ୍ଣ ହୋଇପାରି ନ ଥାଏ ତେବେ ଏପରି ମାନସିକ ଆକୃତି ନିର୍ମିତ ହେବ ଯାହା ଉପରୋକ୍ତ ଅପୂର୍ଣ୍ଣ ସଂକଳ୍ପ ବିଷୟରେ ଦେବାଚନରେ ଚିନ୍ତା ମାଧ୍ୟମରେ କାର୍ଯ୍ୟ କରିବ ଏବଂ ପୃଥିବୀକୁ ଫେରିଲା ପରେ ସେଗୁଡ଼ିକ କର୍ମରୂପେ ବ୍ୟକ୍ତ ହେବ । ଯଦି ମାନସିକ ଆକୃତି ପରୋପକାରୀ କାର୍ଯ୍ୟ କରିବା ଇଚ୍ଛାଦ୍ୱାରା ନିର୍ମିତ ତେବେ ଦେବାଚନରେ କାର୍ଯ୍ୟ ମାନସିକ ରୂପେ ସମ୍ପନ୍ନ ହେବା ସହ କାର୍ଯ୍ୟର ଏକ ସଶକ୍ତ ମାନସିକ ଆକୃତି ଜୀବାତ୍ମାରେ ଛାପରୂପେ ରହିଯିବ ଏବଂ କୌଣସି ନା କୌଣସି ସମୟରେ ଯଦି କେବେ ବିଚାରକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ଉପସ୍ଥିତ ହେବ ଏହା ଭୌତିକ ଜଗତରେ ଏକ ଭୌତିକ କ୍ରିୟା ରୂପେ ବ୍ୟକ୍ତ ହେବ । ଯଦି ଦେବାଚନରେ କୌଣସି ମାନସିକ ଆକୃତି କାର୍ଯ୍ୟର ରୂପ ନେଇଯାଏ ତେବେ ଭୌତିକ କ୍ରିୟା ନିଶ୍ଚିତ ରୂପେ ଦେଖାଦେବ । ଏହି ନିୟମ ନିମ୍ନ ବାସନା ଗୁଡ଼ିକ ଦ୍ୱାରା ନିର୍ମିତ ମାନସିକ ଆକୃତି ନିମନ୍ତେ ମଧ୍ୟ ପ୍ରଯୁଯ୍ୟ ଅଟେ ଯଦିଓ ଏହା ଦେବାଚନ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ କିନ୍ତୁ ସଂସାରକୁ ଫେରିବା ସମୟରେ ଉପର ବର୍ଣ୍ଣିତ ପ୍ରକ୍ରିୟା ଅନୁସାରେ ତାହାର ପୁନଃନିର୍ମାଣ ହୋଇଥାଏ । ଉଦାହରଣ ସ୍ୱରୂପ ବାରମ୍ବାର ଲାଳସାପୂର୍ଣ୍ଣ ଇଚ୍ଛା ଦ୍ୱାରା ନିର୍ମିତ ମାନସିକ ଆକୃତି ଗୁଡ଼ିକ ଉପଯୁକ୍ତ ସୁଯୋଗ ମିଳିଲେ ଚୋରି (Theft)କରିବା ପ୍ରବୃତ୍ତି ରୂପେ ବ୍ୟକ୍ତ ହେବ । ଅର୍ଥାତ୍ କାରଣାତ୍ମକ (Causative) କର୍ମ ପୂର୍ଣ୍ଣ ହୋଇ ସାରିଛି ଏବଂ ଯଦି ଏପରି ସ୍ଥିତି ଆସିଗଲା ଯେଉଁଥି ପାଇଁ ସେହି ମାନସିକ ଆକୃତିର ପୁନରାବୃତ୍ତି ହୁଏ ତେବେ ନିଶ୍ଚିତ ରୂପେ ଏହାନୁଯାୟୀ କାର୍ଯ୍ୟ କରିବାକୁ ହୁଏ ଏବଂ ଫଳସ୍ୱରୂପ ଭୌତିକ କ୍ରିୟା ଅନିବାର୍ଯ୍ୟ ଅଟେ । ଏହା ଭୁଲିଯିବା ଉଚିତ୍ ନୁହେଁ ଯେ କୌଣସି କାର୍ଯ୍ୟକୁ ବାରମ୍ବାର କରିବା ଦ୍ୱାରା ଏହି କାର୍ଯ୍ୟ ସ୍ୱତଃ ହୋଇ ଚାଲେ ଏବଂ ଏହି ନିୟମ ସ୍ଥୁଳ ଅତିରିକ୍ତ ଅନ୍ୟ ଲୋକ(Plane) ଗୁଡ଼ିକରେ ମଧ୍ୟ ପ୍ରଯୁଜ୍ୟ ଅଟେ । ତେଣୁ ଯଦି କୌଣସି କାର୍ଯ୍ୟ କାମଲୋକ ଏବଂ ନିମ୍ନମାନସ ଜଗତରେ

ବାରମ୍ବାର ଦୋହରାଯାଏ ତେବେ ଏହା ସ୍ୱତଃ ହୋଇଚାଲିବ ଏବଂ ଯେବେ ସୁଯୋଗ ମିଳିବ ତେବେ ସ୍ଥୂଳ ଜଗତରେ ସ୍ୱତଃ କ୍ରିୟାଶୀଳ ହେବ । ଜଣେ ଗୋଟିଏ ଅପରାଧ କଲେ ବହୁତ ଥର ଏହା କହିଥାଏ– 'ମୋ ଭାବନା ପୂର୍ବରୁ ଏହା ହୋଇଗଲା' ବା 'ଯଦି ମୁଁ ଗୋଟିଏ ମୁହୂର୍ତ୍ତ ଲାଗି ଏହା ବିଚାର କରିପାରିଥାନ୍ତି ତେବେ ମୁଁ କଦାପି ଏପରି କରି ନଥାନ୍ତି ।' ସେହି ବ୍ୟକ୍ତିର ବିଚାରରେ ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇପାରେ କାରଣ ସେ ସେହି ଅପରାଧ ଘଟାଇବା ପୂର୍ବରୁ ସ୍ୱେଚ୍ଛା ପୂର୍ବକ ବିଚାର କରି ସିଦ୍ଧାନ୍ତ ନେଇ ନ ଥିଲା । ଏହା ଠିକ୍ ଯେ ଉକ୍ତ ବ୍ୟକ୍ତି ପୂର୍ବୋକ୍ତ କାର୍ଯ୍ୟ ଉପରୋକ୍ତ ପରିଣାମ ପର୍ଯ୍ୟନ୍ତ ନେଇଯିବ ବୋଲି ସମ୍ପୂର୍ଣ୍ଣ୍ୟରୂପେ ଅନଭିଜ୍ଞ ଥିଲା । ଯେପରି ସଂତୃପ୍ତ ଘୋଳ(Saturated Solution)ରେ ଗୋଟିଏ ବୁନ୍ଦା ମିଶାଇଲେ ତାହା ଘନୀଭୂତ ହୋଇଯାଏ ଏବଂ ସମ୍ପର୍କ ମାତ୍ରେ ହିଁ ତାହା ପୂର୍ଣ୍ଣ ରୂପେ ବଦଳିଆ ପଦାର୍ଥରେ ପରିଣତ ହୋଇଯାଏ । ସେହିପରି ମାନସିକ ଆକୃତି ଗୁଡ଼ିକ ଯେତେବେଳେ ଏକତ୍ରିତ ହୋଇ ସଂତୃପ୍ତ ଅବସ୍ଥାରେ ପହଞ୍ଚିଯାଆନ୍ତି ସେତେବେଳେ ଏକ ଆକୃତିର ବୃଦ୍ଧି ତାହାକୁ କାର୍ଯ୍ୟରୂପେ ଘନୀଭୂତ କରିଦିଏ ଅର୍ଥାତ୍ କାର୍ଯ୍ୟରେ ପରିଣତ କରିଦିଏ । ତତ୍ପରେ କାର୍ଯ ଅନିବାର୍ଯ୍ୟ ହୋଇଥାଏ । କାରଣ ବାରମ୍ବାର ମାନସିକ ଆକୃତିଗୁଡ଼ିକୁ ନିର୍ମାଣ କରିବା ପ୍ରକ୍ରିୟାରେ ଚୟନ କରିବାର ସ୍ୱାଧୀନତା ସମାପ୍ତ ହୋଇଯାଇଥାଏ ଏବଂ ସ୍ଥୂଳ ମାନସିକ ପ୍ରବୃତିର ଆଦେଶ ପାଳନ ନିମନ୍ତେ ସ୍ଥୂଳ ଶରୀର ବିବଶ ହୋଇଯାଏ । କୌଣସି ଏକ ଜୀବନରେ କିଛି କରିବାର ଇଚ୍ଛା ଯଦି ଅପୂର୍ଣ୍ଣ ରହିଥାଏ ଅନ୍ୟ ଏକ ଜୀବନରେ ତାହାକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ବିବଶ ହୋଇଯାଏ । ଉପରୋକ୍ତ ଉଦାହରଣରୁ ଏପରି ପ୍ରତୀତ ହୁଏ ସତେ ଯେପରି ପ୍ରକୃତିଠାରୁ ଆଶା କରିଥିବା ଏକ ଜିନିଷକୁ ପ୍ରକୃତି ପ୍ରତ୍ୟୁତ୍ତରରେ ପୂରଣ କରିବା ନିମନ୍ତେ ସର୍ବଦା ସୁଯୋଗ ଦିଏ ।

ସାଂସାରିକ ଜୀବନରେ ଜୀବାତ୍ମା ଦ୍ୱାରା ପ୍ରାପ୍ତ ଅନୁଭବ ଯାହା ମାନସିକ ଆକୃତି ଗୁଡ଼ିକର ସ୍ମୃତିରେ ଅଙ୍କିତ ହୋଇଅଛି ସେହି ସମ୍ବନ୍ଧରେ ମଧ୍ୟ ଜୀବାତ୍ମାକୁ କାର୍ଯ୍ୟ କରିବାକୁ ପଡ଼ିବ । ଏହାର ଅଧ୍ୟୟନ, ମନନ ଓ ଧ୍ୟାନ ଦ୍ୱାରା ଜୀବାତ୍ମା ସେମାନଙ୍କ ଭିତରେ ଥିବା ପାରସ୍ପରିକ ସମ୍ବନ୍ଧକୁ ଦେଖିବା ଶିକ୍ଷାଲାଭ କରେ । ବ୍ୟକ୍ତି ସୃଷ୍ଟି (ସ୍ଥୂଳ ଜଗତ)ରେ ସମଷ୍ଟିଗତ ଚେତନାର(Universal Mind) କାର୍ଯ୍ୟ ସମ୍ବନ୍ଧରେ ଏବଂ ଏହାର ମହତ୍ୱକୁ ଜାଣିବା ନିମନ୍ତେ ପ୍ରଯତ୍ନ କରେ ।

ସଂକ୍ଷେପରେ କହିବାକୁ ଗଲେ ଏହିସବୁ ବିଷୟରେ ଧୈର୍ଯ୍ୟପୂର୍ବକ ଚିନ୍ତା କରି ସାଂସାରିକ ଜୀବନରେ ସେମାନଙ୍କଠାରୁ ଏହି ପାଠ ଶିକ୍ଷାଲାଭ କରେ ଯାହା ସେମାନେ ଶିଖାଇ ପାରନ୍ତି ଯଥା : ସୁଖ-ଦୁଃଖର ପାଠ ଓ ଯାହା ଦୁଃଖ ସୁଖର ଜନ୍ମଦାତା, ଏବଂ ଏହି ପାଠ ଯଥା; ସଂସାରରେ ଏକ ଅଲଂଘନୀୟ ନିୟମ କାର୍ଯ୍ୟ କରୁଅଛି ଏବଂ ଏହା ଅନୁଯାୟୀ ବ୍ୟବହାର କରିବା ନିମନ୍ତେ ଜୀବାତ୍ମାକୁ ଶିକ୍ଷା କରିବାକୁ ପଡ଼ିଥାଏ । ସଫଳତା ଓ ଅସଫଳତା, ଉପଲବ୍ଧି ଓ ନିରାଶା, ଅଯଥା ଭୟ, ପୂର୍ଣ୍ଣ ନ ହୋଇ ପାରିବା ଆଶା ଆକାଂକ୍ଷା, ସଙ୍କଟ ସମୟରେ ଶକ୍ତି ନ ପାଇବା, ଅଜ୍ଞାନକୁ କଳ୍ପିତ ଜ୍ଞାନ ରୂପେ ବୁଝିବା, ଅସୀମ ଧୈର୍ଯ୍ୟ ଦ୍ୱାରା ପରାଜୟକୁ ଜୟରେ ତଥା ଅସାବଧାନତା ଦ୍ୱାରା ବିଜୟକୁ ପରାଜୟରେ ପରିଣତ କରିଦେବା-ଏହିସବୁକୁ ବିଷୟକୁ ଜୀବାତ୍ମା ମନନ କରେ । ସେ ନିଜର ଏ ଯାଦୁଗରୀ କଳା ଦ୍ୱାରା ଏହିସବୁ ଅନୁଭବ ଗୁଡ଼ିକର ମିଶ୍ରଣକୁ ସ୍ୱର୍ଣ୍ଣରୀକ ଜ୍ଞାନରେ ପରିବର୍ତ୍ତିତ କରାଇଦିଏ । ସେ ପୂର୍ବାପେକ୍ଷା ଅଧିକ ବୁଦ୍ଧିମାନ ହୋଇ ସ୍ଥୁଳ ଜଗତକୁ ଫେରିଅସେ । ନୂତନ ଜୀବନରେ ଘଟଣାବଳୀକୁ ପୁରାତନ ଅନୁଭୂତିର ଆଧାରରେ ସମ୍ମୁଖୀନ ହୁଏ । ଏହିପରି ଏଠାରେ ମଧ୍ୟ ମାନସିକ ଆକୃତି ଗୁଡ଼ିକ ରୂପାନ୍ତରିତ ହୋଇଯାଏ ଏବଂ ମାନସିକ ଆକୃତି ରୂପେ ବିଦ୍ୟମାନ ରୁହେନାହିଁ, ଉକ୍ତ ଘଟଣାବଳୀକୁ ପୁରୁଣା ସ୍ୱରୂପରେ କେବଳ ଆକାଶିକ ଲେଖାରୁ ଦେଖାଯାଇପାରିବ ।

ଅନୁଭୂତି ଦ୍ୱାରା ନିର୍ମିତ ମାନସିକ ଆକୃତି ଗୁଡ଼ିକରୁ ଓ ନିୟମର ଅନଭିଜ୍ଞତା କାରଣରୁ ମନୁଷ୍ୟକୁ କଷ୍ଟ ହୋଇଥାଏ ଏବଂ ଏହି ଅନୁଭବ ଦ୍ୱାରା ନିର୍ମିତ ଆକୃତି ମାଧ୍ୟମରେ ଅନ୍ତଃକରଣର ଉତ୍ପତ୍ତି ତଥା ଏହାର ବିକାଶ ହୋଇଥାଏ । ପୃଥିବୀରେ ନିଜର ଗୋଟିଏ ପରେ ଗୋଟିଏ ଜନ୍ମ ମାଧ୍ୟମରେ ଜୀବାତ୍ମା ନିରନ୍ତର କାମନା ଦ୍ୱାରା ପ୍ରେରିତ ହୋଇ କୌଣସି ଆକର୍ଷଣୀୟ ବସ୍ତୁ ପଛରେ ବିନା ଭାବିଚିନ୍ତି ଦୌଡ଼ିଥାଏ । ନିଜର ଏହି ପ୍ରୟାସ ଯୋଗୁଁ ପ୍ରାକୃତିକ ନିୟମ ସହ ଧକ୍କା ଖାଇଥାଏ ଏବଂ ଆଘାତ ପାଇ ରକ୍ତରଂଜିତ ହୋଇ ତଳେ ପଡ଼ିଯାଏ । ଏପରି ଅନେକ ଅନୁଭୂତି ଜୀବାତ୍ମାକୁ ଏହି ଶିକ୍ଷା ଦେଇଥାଏ ଯେ ନିୟମ ବିରୁଦ୍ଧରେ ଯାଇ ଇଚ୍ଛା ବା କାମନାକୁ ପୂର୍ତ୍ତି କରିବା କେବଳ କଷ୍ଟ ହିଁ ଦେଇଥାଏ । କୌଣସି ଆସନ୍ତା ଜନ୍ମରେ ତା'ର ବାସନା ଶରୀର ଯେବେ କୌଣସି ଦୁଷ୍କର୍ମ ମାଧ୍ୟମରେ ତାହାର ରସ ଆସ୍ୱାଦନ କରିବାକୁ

ପ୍ରଣୋଦିତ କରେ ତେବେ ପୂରୁଣା ଅନୁଭୂତିର ସ୍ମୃତି ଅନ୍ତଃକରଣ ରୂପରେ ଦୃଢତା ପୂର୍ବକ ଆଗ୍ରାହ୍ୟ କରେ ଏବଂ ପ୍ରବଳ ବିରୋଧ ପ୍ରକଟ କରେ ତଥା ବିନା ବିଚାରରେ ଇପ୍ସିତ ବସ୍ତୁ ଗୁଡ଼ିକ ପଛରେ ଦୌଡୁଥିବା ଇନ୍ଦ୍ରିୟରୂପକ ଘୋଡ଼ାର ଲଗାମ ନିଜ ହାତରେ ରଖି ପରିସ୍ଥିତିକୁ ଆୟତ୍ତ କରେ । କ୍ରମବିକାଶର ବର୍ତ୍ତମାନ ସ୍ଥିତିରେ ଅତ୍ୟନ୍ତ ଅବିକଶିତ ଜିବାତ୍ମାଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଜୀବାତ୍ମା ଏପରି ଅନୁଭବ ମଧ୍ୟରେ ଗତି କରିଛନ୍ତି । ମୋଟ ଉପରେ 'ଭୁଲ' ଓ 'ଠିକ' ଅର୍ଥାତ୍ ଦିବ୍ୟ ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବିରୋଧକୁ ବୁଝିପାରିଛନ୍ତି । ନୈତିକତାର ଏହି ପ୍ରମୁଖ ପ୍ରଶ୍ନ ସମ୍ବନ୍ଧରେ ବ୍ୟାପକ ତଥା ଦୀର୍ଘ ଅନୁଭୂତି କାରଣରୁ ଜୀବାତ୍ମା ସ୍ପଷ୍ଟ ଓ ସୁନିଶ୍ଚିତ ରୂପେ ଘଟଣାଟିକୁ ବୁଝାଇବାକୁ ସମର୍ଥ ହୋଇଛି । କିନ୍ତୁ କ୍ରମବିକାଶର ବର୍ତ୍ତମାନ ଅବସ୍ଥା ସହ ସମ୍ବନ୍ଧିତ ବହୁତ ଗୁଡ଼ିଏ ଉଚ୍ଚ ତଥା ସୂକ୍ଷ୍ମ ପ୍ରଶ୍ନ ସମ୍ବନ୍ଧରେ ଅନୁଭୂତି ଏତେ ସୀମିତ ଯେ ଏହା ଅନ୍ତଃକରଣର ରୂପ ନେଇ ପାରିନାହିଁ ଏବଂ ସ୍ପଷ୍ଟ ରୂପେ ଗୋଟିଏ ଜିନିଷକୁ ଦେଖି ଯତ୍ନର ସହିତ ଠିକ୍ ରୂପେ ନିର୍ଣ୍ଣୟ ନେବାରେ ଭୁଲ୍ ହେବାର ସମ୍ଭାବନା ରହିଅଛି । ଉଚ୍ଚତମ ଲୋକରେ 'ପାଳନ କରିବାର ସଂକଳ୍ପ' ସହିତ ତାହାର ଦିବ୍ୟ ପ୍ରକୃତି ସହ ସାମଞ୍ଜସ୍ୟ ଆସିଯାଏ କିନ୍ତୁ ନିମ୍ନତର ଲୋକରେ ପାଳନ କିପରି କରିବାକୁ ପଡ଼ିବ ଏହା ବୁଝିବାକୁ ବା ଜାଣିବାକୁ ଅସଫଳ ରୁହେ । ନିୟମ ବିରୁଦ୍ଧରେ କାର୍ଯ୍ୟ କରିବା କାରଣରୁ କଷ୍ଟ ମିଳେ ଓ ଏହି ଉପଲବ୍ଧିରୁ ସେ ଭବିଷ୍ୟତରେ ତା'ର ଅସଫଳତା ଦୂର କରିପାରିବ । ଦୁଃଖକଷ୍ଟ ତାକୁ ଏହି ଶିକ୍ଷା ଦେବ ଯେଉଁ ବିଷୟରେ ତାହାର ବର୍ତ୍ତମାନ ପର୍ଯ୍ୟନ୍ତ ଜ୍ଞାନ ନ ଥିଲା । ଜୀବାତ୍ମାର କଷ୍ଟଦାୟକ ଅନୁଭବରୁ ତାହାର ଅନ୍ତଃକରଣ ନିର୍ମାଣ ହେବ ଯାହାଫଳରେ ସେ ଭବିଷ୍ୟତରେ ଏପରି କଷ୍ଟରୁ ନିଜକୁ ବଞ୍ଚାଇ ପାରିବ । ସୃଷ୍ଟି (ସ୍ଥୁଳ ଜଗତ)ରେ ଈଶ୍ୱର ସମ୍ବନ୍ଧୀୟ ଜ୍ଞାନ ତାକୁ ଆନନ୍ଦ ପ୍ରଦାନ କରିବ । ସ୍ୱେଚ୍ଛାରେ ସେ ଜୀବନର ନିୟମ ଅନୁସାରେ କାର୍ଯ୍ୟ କରିପାରିବ ଓ କ୍ରମବିକାଶ କାର୍ଯ୍ୟରେ ସଜାଗ ହୋଇ ସହଯୋଗ କରିପାରିବ ।

ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ଦେଖିଲେ କର୍ମ ନିୟମର ସୁନିଶ୍ଚିତ ସିଦ୍ଧାନ୍ତ ଅନୁସାରେ ମାନସିକ ଆକୃତି ଗୁଡ଼ିକ କେଉଁ କାରଣରୁ ନିର୍ମିତ ହୋଇଥାଏ ଯଥା,

ଆକାଂକ୍ଷା ଏବଂ ଇଚ୍ଛା କ୍ଷମତାରେ ପରିଣତ ହୁଏ
ବାରମ୍ବାର କରୁଥିବା ବିଚାର ପ୍ରବୃତ୍ତିରେ ପରିଣତ ହୁଏ
କାର୍ଯ୍ୟ କରିବାର ସଂକଳ୍ପ କର୍ମରେ ପରିଣତ ହୁଏ
ଅନୁଭବ ପ୍ରଜ୍ଞାରେ ପରିଣତ ହୁଏ
କଷ୍ଟଦାୟକ ଅନୁଭବ ଅନ୍ତଃକରଣରେ ପରିଣତ ହୁଏ

କାମମାନସ ଆକୃତି ସମ୍ବନ୍ଧରେ କର୍ମ-ନିୟମକୁ ଅଧିକ ରୂପେ ବୁଝିବା ପାଇଁ କର୍ମଫଳ ପ୍ରାପ୍ତି ଶୀର୍ଷକ ପରିଚ୍ଛେଦରେ ପୁନର୍ବାର ଅଧ୍ୟୟନ କରିବା ।

◆ ◆ ◆

# କର୍ମଫଳ ପ୍ରାପ୍ତି

ନିଜର ଦେବାଚନ ଜୀବନର ସମାପ୍ତି ପରେ ଯେତେବେଳେ ଜୀବାତ୍ମା ପୃଥିବୀରେ କଟାଇଥିବା ବିଗତ ଜନ୍ମର ଅନୁଭୂତି ସମୂହକୁ ନିଜସ୍ୱ କରିଦିଏ ସେତେବେଳେ ସ୍ଥୁଳ ବା ଭୌତିକ ଜୀବନର ବିଭିନ୍ନ କାମନା କାରଣରୁ ଜୀବାତ୍ମା ପୁନର୍ବାର ସଂସାର ଆଡ଼କୁ ଆକର୍ଷିତ ହୁଏ । ତାହାର ଉକ୍ତ ଜୀବନ କାଳର ଅନ୍ତିମ ଅବସ୍ଥା ତା ସମ୍ମୁଖରେ ଉପସ୍ଥିତ ହୁଏ । ଏହା ହେଉଛି ସେହି ଅବସ୍ଥା ଯେଉଁଥିରେ ଭୌତିକ ଜୀବନର ଅନ୍ୟ ଅନୁଭବ ନେବା ପାଇଁ ଜୀବାତ୍ମା ପୁନଃ ଆବରଣ ଗ୍ରହଣ କରେ । ଏହି ଅବସ୍ଥା ସଂସାରରେ ଜନ୍ମ ହେଲା ପରେ ସମାପ୍ତ ହୁଏ ।

ଜୀବାତ୍ମା ଦେବାଚନର ପ୍ରସ୍ଥାନ ଦ୍ୱାର ପର୍ଯ୍ୟନ୍ତ ଆସିଯାଏ । ଏହାକୁ ପୁନର୍ଜନ୍ମର ଲୋକ କୁହାଯାଏ । ଦେବାଚନରେ ନିଜ କାର୍ଯ୍ୟର ପରିଣାମ ଅଳ୍ପ ବହୁତ ନିଜ ସାଙ୍ଗରେ ନେଇ ଆସିଥାଏ । ଯଦି ଜୀବାତ୍ମା ବର୍ତ୍ତମାନ ଅଳ୍ପାୟୁ ହୋଇଥାଏ ତେବେ ତାହାର ଉପଲବ୍ଧି ବହୁତ କମ ହୁଏ । ପ୍ରାରମ୍ଭିକ ଅବସ୍ଥାରେ ଜୀବାତ୍ମାର ପ୍ରଗତି ଏତେ ଧିର ହୋଇଥାଏ ଯେ ତାହା ଜଣା ପଡ଼ି ନ ଥାଏ । ଜୀବାତ୍ମାର ବାଲ୍ୟାବସ୍ଥାରେ ସେ ଏକ ଜନ୍ମ ପରେ ଅନ୍ୟ ଏକ ଜନ୍ମ ବିଶ୍ରାମ ନେବା କ୍ରମରେ ଧାରଣ କରିଚାଲେ । ପ୍ରତ୍ୟେକ ଭୌତିକ ଜୀବନରେ ସେ ଅଳ୍ପମାତ୍ରାରେ ବୀଜ ବପନ କରିପାରେ ଏବଂ ଏଥିପାଇଁ ପ୍ରତ୍ୟେକ ଦେବାଚନରେ ତାକୁ କମ୍ ଫଳ ପ୍ରାପ୍ତି ହୁଏ । ଯେତେବେଳେ କ୍ଷମତା ବିକଶିତ ହୁଏ, ବିକାଶରେ ଗତି ସେତେ ତୀବ୍ରତର ହୋଇଚାଲେ । ସେତେବେଳେ ଜୀବାତ୍ମା ଦେବାଚନରେ ଉତ୍ତମ ପଦାର୍ଥ ଅଧିକରୂପେ ସଂଗ୍ରହ କରି ପ୍ରବେଶ କରେ ଏବଂ ଉପରୋକ୍ତ ବର୍ଣ୍ଣିତ ସାଧାରଣ ନିୟମ ଅନୁଯାୟୀ ବିଭିନ୍ନ କ୍ଷମତା ଗୁଡ଼ିକ ଅଧିକ ରୂପେ ବୃଦ୍ଧି ପାଇ ସେଠାରୁ ଫେରିଆସେ । ଦେବାଚନରୁ ଆସିବା ସମୟରେ ଜୀବାତ୍ମାର ଶରୀର ରୂପୀ ଆବରଣ କେବଳ ସେହି ପଦାର୍ଥରେ ହୋଇଥାଏ ଯାହା ପୁରା ମନନ୍ତ୍ୱର ପର୍ଯ୍ୟନ୍ତ ତିଷ୍ଠି ରହେ ଏବଂ ବିକଶିତ ହୁଏ । ତାହାର ଚାରିପଟେ ତାହାର ଏକ ବ୍ୟକ୍ତିଗତ ଆଭାମଣ୍ଡଳ ତିଆରି ହୁଏ ଯାହା ଜୀବାତ୍ମାର ବିକାଶର ଅବସ୍ଥା ଅନୁରୂପ କମ ବା ବେଶି ସୁନ୍ଦର, ରଂଗଯୁକ୍ତ, ଜ୍ୟୋତିପୂର୍ଣ୍ଣ ସୁନିଶ୍ଚିତ ଏବଂ ବିସ୍ତାରିତ ହୁଏ । ସେ ସ୍ୱର୍ଗର ଅଗ୍ନିରେ ତପ କରି ରାଜା ସୋମଙ୍କ ପରି ପ୍ରକଟ ହୁଏ ।

ପୃଥିବୀ ଅଡ଼କୁ ନିଜର ଯାତ୍ରା କରିବା ସମୟରେ ଭୂର୍ବଲୋକରେ ପହଞ୍ଚିଲା ପରେ ସେ ଏକ ନୂତନ ବାସନା ଶରୀର ଧାରଣ କରେ ଯାହା ତାହାର ପୁରୁଣା କର୍ମ ଫଳର ପ୍ରଥମ ପରିଣାମ ଅଟେ । ବିଭିନ୍ନ କାମନା ବାସନା ଦ୍ୱାରା ପୂର୍ବରୁ ନିର୍ମିତ ମାନସିକ ଆକୃତି ଗୁଡ଼ିକ ଯାହା ପୂର୍ବରୁ ଚେତନାରେ ଅନ୍ତର୍ନିହିତ ହୋଇ ଯାଇଥିଲା ବା ଯାହାକୁ ଏଚ୍.ପି.ବି.ଙ୍କ ଭାଷାରେ 'ପଦାର୍ଥର ଅଭାବ' କୁହାଯାଏ, ଯେଉଁମାନେ ଭୌତିକ ପଦାର୍ଥ ବିନା ଅସ୍ତିତ୍ୱ ବଜାୟ ରଖିବାର କ୍ଷମତା ଲାଭ କରିଛନ୍ତି ସେମାନଙ୍କୁ ବର୍ତ୍ତମାନ ଜୀବାତ୍ମା ବହିଷ୍କାର କରିଦିଏ । ସେ ନିଜ ସ୍ୱଭାବ ଅନୁରୂପ ଭୂବର୍ଲୋକୀୟ ପଦାର୍ଥ ନିଜ ଆଡ଼କୁ ସଙ୍ଗେ ସଙ୍ଗେ ଆକର୍ଷିତ କରିବାକୁ ଲାଗେ ଏବଂ 'ନୂତନ ଜନ୍ମରେ ଏହିସବୁ ଜିନିଷ ତା'ର ବାସନା ଶରୀରର ଅଭିଳାଷ, ବାସନା ଓ ନିମ୍ନ ଭାବନା ଇତ୍ୟାଦିରେ ପରିଣତ ହୋଇଯାଏ । ଏହି ସବୁ କାର୍ଯ୍ୟ ସମ୍ପନ୍ନ ହେବା ନିମନ୍ତେ କେତେବେଳେ ଅଳ୍ପ ସମୟ ଲାଗେ ଅବା କେତେବେଳେ ବହୁତ ସମୟ ଲାଗିଥାଏ । ଯେତେବେଳେ ଏହି କାର୍ଯ୍ୟସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ଜୀବାତ୍ମା ସ୍ୱୟଂ ନିଜର କର୍ମଫଳ ଦ୍ୱାରା ନିର୍ମାଣ କରାଯାଇଥିବା ଶରୀରରେ ପ୍ରବେଶ କରେ । ପୁଣି ନିଜଦ୍ୱାରା ନିର୍ମିତ ତତ୍ତ୍ୱଗୁଡ଼ିକ ଅନୁସାରେ କର୍ମର ମହାନ୍ ଦେବତାଙ୍କ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ତାହାର ଛାୟା ଶରୀର (Etheric Double)ନିର୍ମାଣ କରାଯାଏ । ଏହାପରେ ତାହାର ସ୍ଥୁଳ ଶରୀର ନିର୍ମାଣ ହୁଏ– ଏହି ଘର ଯେଉଁଥିରେ ନିଜର ଆଗାମୀ ଭୌତିକ ଜୀବନରେ ତାକୁ ରହିବାକୁ ପଡ଼ିବ । ଏହିପରି ବ୍ୟକ୍ତି ଏବଂ ଜୀବ ସମ୍ପୂର୍ଣ୍ଣ ରୂପେ ସ୍ୱନିର୍ମିତ ଅଟେ– ଯେପରି ଚିନ୍ତାକରେ ସେପରି ତିଆରି ହୋଇଯାଏ । ତାହାର ଗୁଣ, ସ୍ୱାଭାବିକ କ୍ଷମତାଗୁଡ଼ିକ ଇତ୍ୟାଦି ତାହାର ଭାବନା ବା ଚିନ୍ତାର ପ୍ରତ୍ୟକ୍ଷ ପରିଣାମ ଅଟେ । ଏହା ସତ୍ୟ ଯେ– ମନୁଷ୍ୟ ପ୍ରକୃତରେ ସ୍ୱ–ନିର୍ମିତ ଅଟେ ଏବଂ ସେ ନିଜେ ହିଁ ସେଥିନିମନ୍ତେ ଉତ୍ତରଦାୟୀ ଅଟେ ।

ମନୁଷ୍ୟର ଏକ ସ୍ଥୁଳ ଓ ଛାୟାଶରୀର ତିଆରି ହେବ ଯାହା ତାହାର କ୍ଷମତା ବା ଶକ୍ତିର ଉପଯୋଗକୁ ବହୁପରିମାଣରେ ସୀମିତ କରିଦେବ । ତାକୁ ଯେଉଁ ବାତାବରଣରେ ରହିବାକୁ ହେବ ସେହି ଅନୁସାରେ ତାହାର ବାହ୍ୟ ପରିସ୍ଥିତି ତାକୁ ପ୍ରାପ୍ତ ହେବ । ନିଜର ଶକ୍ତି ବା କ୍ଷମତା ରୂପରେ ବ୍ୟକ୍ତ ହେଉଥିବା ପରିଣାମ ବାଦ୍ ତାକୁ ତାହାଦ୍ୱାରା ଉତ୍ପନ୍ନ ଅନ୍ୟାନ୍ୟ କାରଣ ଦ୍ୱାରା

ନିର୍ଣ୍ଣୟ କରାଯାଇଥିବା ମାର୍ଗରେ ଚାଲିବାକୁ ପାଡ଼ିବ । ତାହା ନିଜଦ୍ୱାରା ନିର୍ମିତ ବିଭିନ୍ନ କାରଣ ଅନୁଯାୟୀ ତା'ର ଜୀବନରେ ସୁଖ ଓ ଦୁଃଖ ଘଟଣାମାନ ଆସିବ, ନିଜର ବ୍ୟକ୍ତିଗତ ଓ ନିଜ ସ୍ୱଭାବ ବ୍ୟତୀତ ଆହୁରି ଅନେକ କିଛି ଆବଶ୍ୟକ ଅଟେ । ତାହାର ଶକ୍ତି/ଗୁଣର ପ୍ରୟୋଗ ନିମନ୍ତେ ଉପଯୁକ୍ତ କ୍ଷେତ୍ର କିପରି ଉପଲବ୍ଧ ହେବ ? ସାଧନ ଓ ବିଭିନ୍ନ ପରିସ୍ଥିତିର ମଧ୍ୟରେ ସାମଞ୍ଜସ୍ୟ କିପରି ରଖାଯିବ ଇତ୍ୟାଦି ମଧ୍ୟ ନିର୍ଣ୍ଣୟ କରିବାକୁ ପଡ଼ିବ ।

ଆମେ ଏବେ ଏପରି କ୍ଷେତ୍ରରେ ପ୍ରବେଶ କରୁଅଛେ ଯାହା ବିଷୟରେ ସଠିକ ବର୍ଣ୍ଣନା କରିବା କଷ୍ଟକର । ଏହି କ୍ଷେତ୍ର ମହାନ୍ ଶକ୍ତିଶାଳୀ ଦେବତାଗଣଙ୍କର ଅଟେ । ତାଙ୍କର ସ୍ୱରୂପକୁ ବୁଝିବା ଆମର ସୀମିତ ଶକ୍ତିର ଉର୍ଦ୍ଧ୍ୱରେ । ତାଙ୍କର ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାନ ଲାଭ ହେବା ସମ୍ଭବ ଅଟେ, ତଥା ତାଙ୍କର କାର୍ଯ୍ୟପଦ୍ଧତି ବିଷୟରେ ଅନୁମାନ କରାଯାଇପାରେ । ତାଙ୍କ ସମ୍ବନ୍ଧରେ ଆମର ଜ୍ଞାନର ସ୍ଥିତି ଏପରି ଅଟେ ଯେପରି ଅତ୍ୟନ୍ତ ଅଳ୍ପ ବୁଦ୍ଧି ସମ୍ପନ୍ନ ନିମ୍ନ ବର୍ଗର ପଶୁମାନଙ୍କର ଆମ ସମ୍ବନ୍ଧରେ ଜ୍ଞାନ ଥାଏ । ସେହି ପଶୁ ଜାଣେ ଯେ ଆମେ ମାନେ ଅଛୁ ଅର୍ଥାତ୍ ଆମର ଅସ୍ତିତ୍ୱ ଅଛି କିନ୍ତୁ ଆମର ଚେତନାର କାର୍ଯ୍ୟକାରୀତା ତଥା କ୍ଷେତ୍ର ସମ୍ବନ୍ଧରେ ସେ ଅନଭିଜ୍ଞ । ଏହି ମହାନ୍ ଦେବତାଗଣଙ୍କୁ ଲିପିକ ଓ 'ଚାରି ମହାରାଜା'ଙ୍କୁ ଚର୍ତୁଦେବ ବା ଦିଗପାଳ କୁହାଯାଏ । ଲିପିକ (ଚିତ୍ରଗୁପ୍ତ)ଙ୍କ ବିଷୟରେ ଅମେ କେତେ କମ ଜାଣିଛେ ତାହା ନିମ୍ନରେ ସ୍ପଷ୍ଟ ହୋଇଯିବ ।

'ଧ୍ୟାନର ଶ୍ଳୋକ'(Stanzas of Dzyan)ପୁସ୍ତକର ଭାଷ୍ୟ–୬ର ୪ର୍ଥ ପଦରେ ବର୍ଣ୍ଣନା ଅନୁଯାୟୀ ଲିପିକ ବିଶ୍ୱର ଦେବଗଣ ଅଟନ୍ତି ।....... ଏମାନଙ୍କ ସମ୍ବନ୍ଧ ସୃଷ୍ଟି ସଂରଚନାର ଗୁହ୍ୟତମ ଭାଗରୁ ହୋଇଅଛି ଏବଂ ଏହାର ବର୍ଣ୍ଣନା ଏଠାରେ କରାଯାଇ ପାରିବ ନାହିଁ । ବଡ଼ରୁ ବଡ଼ ସିଦ୍ଧପୁରୁଷ ମଧ୍ୟ ଏହି ଦେବ–ବର୍ଗଙ୍କ ତିନି ଶ୍ରେଣୀ ବିଷୟରେ ସମ୍ପୂର୍ଣ୍ଣ ରୂପେ ଜାଣନ୍ତି ନା ନାହିଁ ଏହି ଲେଖିକା (HPB)ଙ୍କ କହିବାରେ ଅସମର୍ଥ ଅଟନ୍ତି । ତାଙ୍କ ଅନୁମାନ ଯେ ସେମାନେ ଆମର ସଂସାରର ଏହା ସମ୍ବନ୍ଧିତ ନିମ୍ନ ବର୍ଗ ଦେବଗଣଙ୍କ ବିଷୟରେ କେବଳ ଜାଣିଅଛନ୍ତି । ଉଚ୍ଚତମ ବର୍ଗଙ୍କ ବିଷୟରେ କେବଳ ଗୋଟିଏ କଥା କୁହାଯାଇ ପାରେ– ଲେଖା (Record) ରଖୁଥିବା କାରଣରୁ ଲିପିକଙ୍କ ସମ୍ବନ୍ଧ କର୍ମ ସହିତ ଅଛି ।'

ସେମାନେ 'ଦ୍ୱିତୀୟ ସାତ' ଅଟନ୍ତି ଓ ଭୂବର୍ଲୋକୀୟ ଲେଖା ରଖିଥାନ୍ତି ଯାହା ପୂର୍ବବର୍ଣ୍ଣିତ ଆକାଶୀୟ ଆକୃତିମାନଙ୍କ ଦ୍ୱାରା ପରିପୂର୍ଣ୍ଣ ରହିଥାଏ । ତାଙ୍କର ସମ୍ବନ୍ଧ ପ୍ରତ୍ୟେକ ମନୁଷ୍ୟର ପ୍ରାରବ୍ଧ ଓ ପ୍ରତ୍ୟେକ ବାଳକର ଜନ୍ମ ସହିତ ରହିଥାଏ ।

ସେହି ଲିପିକ 'ଛାୟା ଶରୀରର ଢାଞ୍ଚା' ଚାରି ଦିଗପାଳଙ୍କୁ ଦେଇଥାନ୍ତି । ସେହି ଢାଞ୍ଚା ଅନୁସାରେ ଏପରି ସ୍ଥୁଳ ଶରୀର ନିର୍ମାଣ କରାଯାଏ ଯେଉଁ ପରି ଜୀବାତ୍ମାର ମାନସିକ ଓ ଭାବନାତ୍ମକ ଶକ୍ତିସମୂହ ବ୍ୟକ୍ତ ହୋଇପାରିବ । ଏହି ଚାରି ମହାରାଜା ବା ଦିଗପାଳ ପ୍ରାଣୀମାନଙ୍କର ସଂରକ୍ଷଣ ଓ ପୃଥିବୀରେ ହେଉଥିବା କର୍ମର ଅଭିକର୍ତ୍ତା ମଧ୍ୟ ଅଟନ୍ତି । 'ଧ୍ୟାନର ଶ୍ଲୋକ'ର ୫ମ ଶ୍ଲୋକର ଉଦାହରଣ ଦେଇ ଏଚ ପି.ବ୍ଲାଭାଟସ୍କି ଏମାନଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ ଚତୁଃ ପବିତ୍ର ଓ ସେମାନଙ୍କର ସେନାନୀ ସକାଶେ ପ୍ରତ୍ୟେକ କୋଣରେ ଏକ ପକ୍ଷଯୁକ୍ତ ଚକ୍ର....'ଏହି ଚାରି ମହାରାଜା ବା ଧ୍ୟାନୀ ଚୋହାନ୍‌ଙ୍କ ମହାରାଜା, ଚାରିଦିଗର ଅଧିପତି ଦେବ ଅଟନ୍ତି । ଏହି ମହାନ୍ ବ୍ୟକ୍ତିଗଣଙ୍କର ସମ୍ବନ୍ଧ କର୍ମ ସହିତ ମଧ୍ୟ ଥାଏ । କାରଣ କର୍ମ ଫଳ ପ୍ରଦାନ ପାଇଁ ସ୍ଥୁଳ ଅଭିକର୍ତ୍ତାଙ୍କ ମଧ୍ୟ ଆବଶ୍ୟକତା ଅଛି ।

ଲିପିକଙ୍କଠାରୁ 'ପଦାର୍ଥ-ରହିତ' ଢାଞ୍ଚା ନେଇ ମହାରାଜା ଛାୟା ଶରୀରର ନିର୍ମାଣ ପାଇଁ ଏପରି ତତ୍ତ୍ୱସମୂହକୁ ଚୟନ କରନ୍ତି ଯାହା ସାହାଯ୍ୟରେ ସେହି ଶରୀରରେ ଗୁଣ ମଧ୍ୟ ବ୍ୟକ୍ତ ହୋଇପାରିବ । ଏହିପରି ଏହି ଛାୟା ଶରୀର ଜୀବାତ୍ମାର କର୍ମାନୁସାର ଏକ ଉପକରଣ ହୋଇଯାଏ ଯିଏ ତାହାଦ୍ୱାରା ବିକଶିତ ଶକ୍ତିସମୂହର ଅଭିବ୍ୟକ୍ତିର ମାଧ୍ୟମ ହୋଇଯାଏ ତଥା ତାହାର ସୀମାବଦ୍ଧତା ତା ନିଜର ପୂର୍ବ ଅସଫଳତା ତଥା ବ୍ୟର୍ଥ ହୋଇଯାଇଥିବା ବିଭିନ୍ନ ସୁଯୋଗରୁ ନିର୍ମିତ ହୁଏ । ସେହି ମହାରାଜା ଏହି ଢାଞ୍ଚାକୁ ନିର୍ଦ୍ଦିଷ୍ଟ ଦେଶ, ଜାତି, ପରିବାର ଓ ସାମାଜିକ ପରିବେଶ ଆଡ଼କୁ ନେଇ ଯାଆନ୍ତି ଯେଉଁଠାରେ ସେହି ବିଶିଷ୍ଟ ଜୀବନ ପାଇଁ ପ୍ରାରବ୍ଧ କର୍ମ ଭୋଗ କରିବା ନିମନ୍ତେ ନିଶ୍ଚିତରୂପେ ସୁଯୋଗ ମିଳିପାରିବ । କୌଣସି ଏକ ଜୀବନରେ ସମସ୍ତ ପୁରାତନ ସଞ୍ଚିତ କର୍ମକୁ ଭୋଗ କରାଯାଏ ନାହିଁ । ହିନ୍ଦୁମାନେ ଏହାକୁ ପ୍ରାରବ୍ଧ କୁହନ୍ତି । ଗୋଟିଏ ଜନ୍ମରେ ସମସ୍ତ ସଞ୍ଚିତ କର୍ମଭୋଗ ନିମନ୍ତେ ଏପରି ଶରୀର ନିର୍ମିତ କରାଯାଇ ପାରିବା ସମ୍ଭବ ନୁହେଁ ବା ଏପରି

ବାତାବରଣ ମିଳିବ ନାହିଁ ଯାହା ଜୀବାତ୍ମା ଦ୍ୱାରା ମନ୍ଥର ଗତିରେ ବିକଶିତ ହେଉଥିବା ଶକ୍ତିର ଅଭିବ୍ୟକ୍ତି ନିମନ୍ତେ ଉପଯୁକ୍ତ ହୋଇପାରିବ । ଆହୁରି ମଧ୍ୟ ଗୋଟିଏ ଜନ୍ମରେ ଏପରି ପରିସ୍ଥିତି ଉପଲବ୍ଧ କରାଇ ହେବ ନାହିଁ ହେବ ଯାହା ପୂର୍ବରୁ ବୁଣିଥିବା ଫସଲ କାଟିବା ନିମନ୍ତେ ଆବଶ୍ୟକ । ସେହିପରି ଅନ୍ୟ ଜୀବାତ୍ମାଙ୍କ ପ୍ରତି ନିଜର ଦାୟିତ୍ୱ ପୂର୍ଣ୍ଣ କରାଯାଇ ପାରିବ ଯାହା ସହ କ୍ରମ ବିକାଶର ଦୀର୍ଘ ରାସ୍ତାରେ ପୁନର୍ଜନ୍ମ ନେବାକୁ ଥିବା ଜୀବାତ୍ମାର ସମ୍ପର୍କ ସୃଷ୍ଟି ହୋଇଥିଲା ।

ସମସ୍ତ କର୍ମର ଯେତିକି ଭାଗ ଏକ ଜନ୍ମରେ ଭୋଗ କରିବା ସମ୍ଭବ ଅଟେ ସେହି ଅନୁସାରେ ଏକ ଉପଯୁକ୍ତ ଛାୟା ଶରୀର ପ୍ରସ୍ତୁତ କରାଯାଏ । ଏହି ଛାୟା ଶରୀରର ଢାଞ୍ଚା ଉପଯୁକ୍ତ କ୍ଷେତ୍ରକୁ ନିଆଯାଏ । ତାହାକୁ ଏପରି ସ୍ଥାନରେ ରଖାଯାଏ ଯେଉଁଠାରେ ଜୀବାତ୍ମା ଅନ୍ୟ କେତେକଜୀବାତ୍ମାଙ୍କ ସଂସ୍ପର୍ଶରେ ଆସିପାରିବ ଯେଉଁମାନଙ୍କ ସହ ବିଗତ ଜନ୍ମରେ ସମ୍ବନ୍ଧ ଥିଲା ଏବଂ ଯେଉଁମାନେ ବର୍ତ୍ତମାନର ଜନ୍ମକାଳରେ ବା ପୂର୍ବରୁ ଉପସ୍ଥିତ ଅଛନ୍ତି ଅଥବା ଜନ୍ମ ନେବା ନିମନ୍ତେ ନିର୍ଦ୍ଧାରଣ ହୋଇଛି । ଏପରି ଦେଶ ବଛାଯାଏ ଯେଉଁଠାରେ ଧାର୍ମିକ, ରାଜନୈତିକ, ଓ ସାମାଜିକ ପରିସ୍ଥିତି ଜୀବାତ୍ମାର କିଛି ଶକ୍ତି ବା କ୍ଷମତାର ଅଭିବ୍ୟକ୍ତି ନିମନ୍ତେ ଅନୁକୂଳ ହୋଇଥାଏ ଏବଂ ଯେଉଁଠାରେ ତାହା ଦ୍ୱାରା ନିର୍ମିତ ପରିଣାମର ଉତ୍ପତ୍ତି ନିମନ୍ତେ ଉପଯୁକ୍ତ କ୍ଷେତ୍ର ଉପଲବ୍ଧ ହେବ । ଏପରି ଜାତି ବଛାଯାଇଥାଏ ଯାହାର ଗୁଣ ଜନ୍ମ ନେବାକୁ ଥିବା ଜୀବାତ୍ମାର ଶକ୍ତି ଓ କ୍ଷମତା ସହ ମେଳ ଖାଉଥିବ । ସେହିଭଳି ପରିବାର ମଧ୍ୟ ବଛା ଯାଇଥାଏ ଯାହାର ବଂଶ ପରମ୍ପରାରେ ଏପରି ଭୌତିକ ତତ୍ତ୍ୱର ବିକାଶ ହୋଇଥିବ ଯାହା ତା'ର ଛାୟା ଶରୀର ନିର୍ମାଣ ନିମନ୍ତେ ଅନୁକୂଳ ଥିବ ଅର୍ଥାତ୍ ଏପରି ପରିବାର ଯାହାର ସାଧାରଣ ଭାବେ ବା ବିଶେଷ ରୂପେ ସ୍ଥୁଳ ଶରୀର ସଂରଚନା, ଜୀବାତ୍ମାର ମାନସିକ ଓ ଭାବନାତ୍ମକ ସ୍ୱଭାବକୁ ଅଭିବ୍ୟକ୍ତି କରିବାର ସୁଯୋଗ ପ୍ରଦାନ କରିଥାଏ ।

ଜୀବାତ୍ମାର ଅନେକ ଗୁଣ ମଧ୍ୟରୁ ତଥା ସଂସାରରେ ଉପଲବ୍ଧ ଅନେକ ସ୍ଥୁଳ ସ୍ୱରୂପରୁ ଯେଉଁଗୁଡ଼ିକ ପରସ୍ପରକୁ ଅନୁକୂଳ ସେଗୁଡ଼ିକ ବଛା ଯାଇଥାଏ । ଏବଂ ଯେଉଁଥିରୁ ପ୍ରତୀକ୍ଷାରତ ଜୀବାତ୍ମା ନିମନ୍ତେ ଏପରି ଏକ କୋଷ ବା ଶରୀର ତିଆରି କରାଯାଇ ପାରିବ ଯାହା ମାଧ୍ୟମରେ ଜୀବାତ୍ମା ତାର କିଛି

କର୍ମ କ୍ଷୟ କରିପାରିବ । ଏହି ବ୍ୟବସ୍ଥା ନିମନ୍ତେ ଆମର ଜ୍ଞାନ ଓ ଶକ୍ତି ଯେତେ ସ୍ୱଳ୍ପ ହେଉ ନା କାହିଁକି, ଆମକୁ ଏହାର ଆଭାସ ମିଳିଥାଏ ଯେ ଏପରି ବ୍ୟବସ୍ଥା ସମ୍ଭବ ଓ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାୟକ । ମନୁଷ୍ୟର ପ୍ରାରବ୍ଧର ଜାଲ ଅସଂଖ୍ୟ ସୁତା ରେ ବୁଣାଯାଇଥାଏ ଏବଂ ଏହାକୁ ବୁଣିବାର ବିଧି ଆମ କଳ୍ପନାର ବାହାରେ ଅଟେ । ଯଦି କୌଣସି ସୂତା ଅଦୃଶ୍ୟ ହୋଇଯାଏ ତେବେ ଏହା କେବଳ ନିମ୍ନ ଦିଗକୁ ଚାଲିଆସେ ଏବଂ ହଠାତ୍ କେବେ ପୁନର୍ବାର ଉପରଆଡ଼କୁ ଦେଖାଦିଏ । ଏହି ଜାଲର ଗୋଟିଏ ଅଂଶକୁ ଦେଖିକରି ଆମେ ଆମର ସୀମିତ ଶକ୍ତିଦ୍ୱାରା ଏହାର ସମ୍ପୂର୍ଣ୍ଣ ଆକୃତିକୁ କଳ୍ପନା କରିପାରିବା ନାହିଁ । ଯେପରିକି ୟାମ୍ବିଲ୍‌କସ୍ ଲେଖିଥିଲେ—

'ଯାହା ଆମକୁ ନ୍ୟାୟର ସଠିକ୍ ପରିଭାଷା ରୂପେ ପ୍ରତୀତ ହୁଏ ଦେବତାମାନଙ୍କୁ ତାହା ସେପରି ପ୍ରତୀତ ହୁଏନାହିଁ । କାରଣ ଆମେ କେବଳ ଅତ୍ୟନ୍ତ ଅଳ୍ପକାଳର ବ୍ୟବଧାନ ଦେଖି ପାରୁ । ସେଥିପାଇଁ ଅମେ ଆମର ଧ୍ୟାନ କେବଳ ବର୍ତ୍ତମାନରେ ବିଦ୍ୟମାନ ଥିବା ଜିନିଷ ଆଡ଼କୁ ଏବଂ ଏହାର ଗତିବିଧି ପ୍ରତି ଦେଇଥାଉ । କିନ୍ତୁ ଆମଠାରୁ ବହୁତ ଅଧିକ ଉନ୍ନତ ଦେବଗଣ ଜୀବାତ୍ମାର ସମ୍ପୂର୍ଣ୍ଣ ଜୀବନକାଳ ତଥା ତାହାର ପୂର୍ବଜନ୍ମମାନଙ୍କ ବିଷୟରେ ଜାଣିପାରନ୍ତି ।'

ବିକାଶଶୀଳ ଜୀବାତ୍ମାର ଜ୍ଞାନ ଯେତେଯେତେ ବୃଦ୍ଧିପାଏ ସେତେବେଳେ ତାହାର ଏହି ବିଶ୍ୱାସ ଦୃଢ ହୋଇଯାଏ ଯେ 'ସଂସାରରେ ପୂର୍ଣ୍ଣ ନ୍ୟାୟର ସାମ୍ରାଜ୍ୟ ତିଷ୍ଠି ରହିଛି ।' ନିଜର ଉନ୍ନତି ସଙ୍ଗେ ସଙ୍ଗେ ସେ ଯେତେବେଳେ ଉଚ୍ଚତର ଲୋକରେ ଦେଖିବାକୁ ଲାଗେ ତଥା ନିଜର ଜ୍ଞାନକୁ ଜାଗ୍ରତର ସହିତ ଦେଖିବାକୁ ଚେଷ୍ଟାକରେ ସେତେବେଳେ ବିଶ୍ୱାସ ବୃଦ୍ଧି ସହ ଆନନ୍ଦ ସହକାରେ ସେ ଏହି ଶିକ୍ଷାଲାଭ କରେ "ଏକ କଲ୍ୟାଣକାରୀ ନିୟମ ଅବିଚଳ ରୂପେ ସତ୍ୟତାର ସହିତ କାର୍ଯ୍ୟ କରୁଅଛି ଓ ଏହାର ଅଭିକର୍ତ୍ତା ବା ପ୍ରତିନିଧି ଭ୍ରାନ୍ତିଶୂନ୍ୟ ଅନ୍ତର୍ଦୃଷ୍ଟି ତଥା ସୁନିଶ୍ଚିତ ଶକ୍ତି ସହ ପାଳନ କରୁଅଛନ୍ତି । ଏଥିପାଇଁ ସଂସାରରେ ତଥା ଏଥିରେ ସଂଘର୍ଷରତ ଜୀବାତ୍ମା ମାନଙ୍କ ପାଇଁ ସବୁକିଛି ଠିକ୍ ଅଟେ । ସଂସାର ପଥରେ ବ୍ରହ୍ମବିଦ୍ୟାର ଦୀପ ଦେଖାଉ ଥିବା ସଂରକ୍ଷକ ମହାତ୍ମା ଗଣଙ୍କ ଦ୍ୱାରା ସେହି ଅନ୍ଧକାରରୁ ଏହି ଶବ୍ଦ ନିସୃତ ହୁଏ । 'ସବୁକିଛି ଠିକ୍' ।

ଏହି ନିୟମ ସମ୍ବନ୍ଧରେ କିଛି ସିଦ୍ଧାନ୍ତ ଆମେ ବୁଝିପାରିବା ଏବଂ ଏହି ଜ୍ଞାନ ଆମକୁ 'କାରଣଗୁଡ଼ିକ' ସମ୍ବନ୍ଧରେ ସୂଚନା ଦେବ ତଥା 'ପରିଣାମ ଗୁଡ଼ିକୁ' ବୁଝିବାରେ ସହାୟକ ହେବ ।

ଆମେ ପ୍ରଥମେ ଦେଖି ସାରିଛେ ଯେ ବିଚାର ଦ୍ୱାରା ଚରିତ୍ର ଗଠନ ହୁଏ । ବର୍ତ୍ତମାନ ଆମେ ଏହା ବୁଝିବାକୁ ଚେଷ୍ଟା କରିବା ଯେ କାର୍ଯ୍ୟମାଧ୍ୟମରେ ପରିସ୍ଥିତିର ନିର୍ମାଣ ହୋଇଥାଏ ।

ବର୍ତ୍ତମାନ ଆମେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଉପରେ ବିଚାର କରିବା । ଏଥିପାଇଁ ଟିକେ ବିଷଦ ରୂପେ ଏହାର ବର୍ଣ୍ଣନା କରିବା ଉଚିତ୍ ହେବ । ସ୍ଥୁଳ ଜଗତରେ ମନୁଷ୍ୟର କାର୍ଯ୍ୟର ପ୍ରଭାବ ତାହାର ପଡ଼ୋଶୀ ଉପରେ ପଡ଼ିଥାଏ । ସେ ତା'ର ଚତୁଃପାର୍ଶ୍ୱରେ ସୁଖ ବା ଦୁଃଖ ପହୁଞ୍ଚାଇ ଥାଏ ଏବଂ ଏହି ପ୍ରକାରେ ସମଗ୍ର ମାନବ କଲ୍ୟାଣରେ ବୃଦ୍ଧି ବା କମ୍ କରିଥାଏ । ସୁଖରେ ବୃଦ୍ଧି ବା ହ୍ରାସ ବିଭିନ୍ନ ଭାବନା ଦ୍ୱାରା କରାଯାଇ ପାରେ ଯଥା; ଭଲ, ମନ୍ଦ ବା ମିଶ୍ରିତ । ପରୋପକାରୀତା ବା ନିଜ ସାଙ୍ଗସାଥିମାନଙ୍କୁ ସୁଖ ପହୁଞ୍ଚାଇବା ଭାବନା ଦ୍ୱାରା ମନୁଷ୍ୟ ଏପରି କିଛି କାର୍ଯ୍ୟ କରିପାରିବ ଯାହାଦ୍ୱାରା ଅଧିକ ଲୋକଙ୍କ ନିମନ୍ତେ ହିତକର ହେବ । ଧରି ନିଅନ୍ତୁ ଏହି ଭାବନାରେ ସେ ନଗରବାସୀଙ୍କ ପାଇଁ ଖୋଲାସ୍ଥାନ ଉପଯୋଗ ନିମନ୍ତେ ଏକ ପାର୍କ ତିଆରି କରିବ । ଅନ୍ୟ ଏକ ବ୍ୟକ୍ତି ଏହି କାର୍ଯ୍ଯ କେବଳ ଅନ୍ୟକୁ ଦେଖାଇବା ଲାଗି ବା ଏପରି ଲୋକଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହେଁ ଯେଉଁମାନେ ତାକୁ ସାମାଜିକ ସମ୍ମାନ ପ୍ରଦାନ କରିପାରିବେ (ଯେପରି କୌଣସି ଉପାଧି ବା ମୂଲ୍ୟରାଶି ରୂପେ) । ସେହିପରି ତୃତୀୟ ବ୍ୟକ୍ତି ମିଶ୍ରିତ ଭାବନାରେ ପାର୍କଟି ନିର୍ମାଣ କରିଥାଏ– କିଛି ପରିମାଣରେ ନିଃସ୍ୱାର୍ଥଭାବ ଓ କିଛି ପରିମାଣରେ ସ୍ୱାର୍ଥଜଡ଼ିତ ଭାବରେ । ଏହି ଭାବ ତିନିଜଣ ବ୍ୟକ୍ତିଙ୍କ ଚରିତ୍ରରେ ଆଗାମୀ ଜୀବନରେ ଅଲଗା ଅଲଗା ଭାବେ ପ୍ରକାଶିତ କରିବ। ଅର୍ଥାତ୍ ଉନ୍ନତି ନିମନ୍ତେ ହେଉ ବା ପତନ ନିମନ୍ତେ ହେଉ ବା ସାମାନ୍ୟ ପରିମାଣରେ ମିଶ୍ରିତ ଫଳ ରୂପେ ଦେଖାଦେବ କିନ୍ତୁ ଏହି କାର୍ଯ୍ୟର ପରିଣାମ ଯାହା ଅନେକ ଲୋକଙ୍କୁ ଆନନ୍ଦ ପହୁଞ୍ଚାଇଥାଏ ତାହା ଦାତାର ଭାବନା ଉପରେ ନିର୍ଭର କରିନଥାଏ । ଦାନ ଦେଉଥିବା ଦାତାର ଭାବନା ଯାହା ହୋଇଥାଉନା କାହିଁକି ଲୋକମାନଙ୍କର ଏହି ପାର୍କରୁ ଆନନ୍ଦ ନେବାରେ କୌଣସି ପାର୍ଥକ୍ୟ

ଦେଖାଦେଇନଥାଏ । ଏହି କର୍ମ ଯୋଗୁଁ ଲୋକମାନଙ୍କୁ ଯେଉଁ ସୁଖ ବା ଆନନ୍ଦ ମିଳିଥାଏ ତାହା ଦାତାର ଏକ ଋଣ ରୂପେ ପ୍ରକୃତି ଉପରେ ରହିଯାଏ ଯାହା ପୂର୍ଣ୍ଣରୂପେ ଭବିଷ୍ୟତରେ ସୁଝାଯିବ । କାରଣ ସେହି ବ୍ୟକ୍ତି ବ୍ୟାପକ ଭୌତିକ ସୁଖ ପହୁଞ୍ଚାଇଥିବାରୁ ତାକୁ ସୁଖଦ ଏବଂ ଆନନ୍ଦପୂର୍ଣ୍ଣ ଭୌତିକ ବାତାବରଣ ପ୍ରାପ୍ତହେବ । ଭୌତିକ ସମ୍ପଦରେ ତ୍ୟାଗ ଯୋଗୁଁ ତାକୁ ଉଚିତ୍ କର୍ମଫଳ ପ୍ରାପ୍ତ ହେବ । ଏହା ତା'ର ଅଧିକାର ଅଟେ । କିନ୍ତୁ ନିଜର ସ୍ଥିତିର ଉପଯୋଗ ନିଜର ଧନ ଓ ବାତାବରଣରୁ ପ୍ରାପ୍ତ ହେବାକୁ ଥିବା ସୁଖ ପ୍ରମୁଖତଃ ତାହାର ଚରିତ୍ର ଉପରେ ନିର୍ଭର କରିଥାଏ । ଏଠାରେ ମଧ୍ୟ ତାହାକୁ ପୂର୍ଣ୍ଣରୂପେ ଉପଯୁକ୍ତ ଫଳ ମିଳିବ କାରଣ ପ୍ରତ୍ୟେକ ବୀଜର ଫସଲ ତାହା ଅନୁରୂପ ହୋଇଥାଏ ।

ଯଦି ଏକ ଜନ୍ମରେ ମିଳିଥିବା ସୁଯୋଗର ପୂର୍ଣ୍ଣ ଉପଯୋଗ କରି ସେବା କରିଛନ୍ତି ତେବେ ପରିଣାମ ସ୍ୱରୂପ ଆସନ୍ତା ଜନ୍ମରେ ସେବା ନିମନ୍ତେ ଆହୁରି ଅଧିକ ସୁଯୋଗ ପ୍ରାପ୍ତ ହେବ । ଏହିପରି ଯଦି ଜଣେ ନିଜ ସମ୍ପର୍କରେ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିର ସହାୟତା କରିଥାଏ । ତେବେ ଆସନ୍ତା ଜନ୍ମରେ ସେ ଏପରି ପରିସ୍ଥିତି ବା ପରିବେଶରେ ଜନ୍ମନେବ ଯେଉଁଠାରେ ଫଳପ୍ରଦ ସହାୟତା କରିବା ନିମନ୍ତେ ତାକୁ ଅଧିକ ଏବଂ ମହତ୍ତ୍ୱପୂର୍ଣ୍ଣ ସୁଯୋଗ ପ୍ରାପ୍ତ ହେବ ।

ଏହିପରି ଯଦି ସୁଯୋଗକୁ ହାତଛଡ଼ା କରାଯାଏ ତେବେ ସେ ଶାରୀରିକ ଅକ୍ଷମତା ଓ କୌଣସି ପ୍ରକାର ବିପତ୍ତି ରୂପେ ପ୍ରକଟ ହେବ । ଉଦାହରଣ ସ୍ୱରୂପ ଛାୟା ଶରୀରରେ ମସ୍ତିଷ୍କର ନିର୍ମାଣ ଦୋଷପୂର୍ଣ୍ଣ ହେବ ଏବଂ ଏହିପରି ତାହାର ସ୍ଥୂଳ ମସ୍ତିଷ୍କ ମଧ୍ୟ ଦୋଷପୂର୍ଣ୍ଣ ହେବ । ଜୀବାତ୍ମା କାର୍ଯ୍ୟ କରିବା ନିମନ୍ତେ ଯୋଜନା କରିବ କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବାର କ୍ଷମତାର ଅଭାବ ହେବ ଅଥବା ସେ କିଛି ବିଚାରକୁ ବୁଝିପାରିବ କିନ୍ତୁ ଏହା ମସ୍ତିଷ୍କରେ ସ୍ପଷ୍ଟରୂପେ ପ୍ରତିଫଳିତ ହେବ ନାହିଁ । ସୁଯୋଗକୁ ହାତଛଡ଼ା କରିବା, ଭବିଷ୍ୟତ ଜନ୍ମରେ ବିଫଳ ଆକାଂକ୍ଷା ଅପୂର୍ଣ୍ଣ ଇଚ୍ଛାରେ ପରିଣତ ହୁଏ । ଦୋଷପୂର୍ଣ୍ଣ କ୍ଷମତା ବା ସୁଯୋଗର ଅଭାବ ଯୋଗୁ ସହାୟତା କରିବାର ଅଭିଳାଷ ପୂର୍ଣ୍ଣ ହୁଏ ନାହିଁ ।

ସେହିପରି କାହା ସହିତ ନିଷ୍ଠୁର ବ୍ୟବହାର କରିବା ବା ତାହାର ରକ୍ଷା ଏବଂ ପାଳନ କରିବାରେ ନିଜର କର୍ତ୍ତବ୍ୟରେ ଉପେକ୍ଷା କଲେ ମଧ୍ୟ ସମ୍ଭବତଃ

ସେହି ଉପେକ୍ଷିତ ବ୍ୟକ୍ତି ତାହାର ନିକଟ ସମ୍ପର୍କୀୟ ବ୍ୟକ୍ତି ରୂପେ ଜନ୍ମ ନିଏ । ସେ ସମ୍ଭବତଃ ତାହାର ଅତିପ୍ରୀୟ ହୋଇଥିବ ଏବଂ ମୃତ୍ୟୁ ତାକୁ ଅତିଶିଘ୍ର ତା'ର ବାହୁପାଶରୁ ଟାଣିନେଇଯିବ । ଏକ ଆତ୍ମୀୟସ୍ୱଜନ ଏକ ପୁତ୍ର ବା ଅନ୍ୟ ପ୍ରିୟ ଉତ୍ତରାଧିକାରୀ ରୂପରେ ଆସିପାରେ ଏବଂ ଯେତେବେଳେ ତାଙ୍କର ଘର ଉଜୁଡ଼ି ଯାଏ ସେତେବେଳେ ମାତାପିତା 'ବିଧିର ବିଧାନ' ଉପରେ ଆଶ୍ଚର୍ଯ୍ୟ ହୁଅନ୍ତି, ଯାହାଦ୍ୱାରା ତାଙ୍କର ଏକ ମାତ୍ର ଆଶ୍ରୟ, ତାଙ୍କର ସମସ୍ତ ଆଶାର କେନ୍ଦ୍ର ତାକୁ ତାଙ୍କଠାରୁ ଛଡ଼ାଇ ନିଆଗଲା ଯେଉଁଠାରେ ଅନ୍ୟ ବାଳକଙ୍କର କିଛି କ୍ଷତି ଘଟି ନ ଥାଏ । କିନ୍ତୁ କର୍ମର ଗତି ସଂପୂର୍ଣ୍ଣ ନ୍ୟାୟପୂର୍ଣ୍ଣ ଯଦିଓ ଏହା ଆମ ବୁଝିବା ଶକ୍ତିର ବାହାରେ । ଏହା କେବଳ ତାକୁ ବୁଝା ପଡ଼ିବ ଯାହାର ଅନ୍ତର୍ଦୃଷ୍ଟି ଖୋଲିଯାଇଛି ।

ଜନ୍ମଗତ ରୋଗ ବା ଦୋଷ, ତ୍ରୁଟିପୂର୍ଣ୍ଣ ଛାୟା ଶରୀରର ପରିଣାମ ଯୋଗୁଁ ହୋଇଥାଏ । ପ୍ରକୃତିର ନିୟମକୁ ଅତିଶୟ ଉଲଙ୍ଘନ ବା ଅନ୍ୟ ଲୋକଙ୍କୁ କଷ୍ଟ ପହୁଞ୍ଚାଇବା ଦ୍ୱାରା ଏହି ଦଣ୍ଡ ଜୀବନ ସାରା ଭୋଗିବାକୁ ପଡ଼ିଥାଏ । ଏହିସବୁ କର୍ମଦେବତାଙ୍କ କାର୍ଯ ବିଧିରୁ ଉତ୍ପତ୍ତି ହୋଇଥାଏ । ଜୀବାତ୍ମାର ମନ୍ଦ କାର୍ଯ୍ୟ ତାର ଅତ୍ୟାଚାରିତା ଏବଂ ବିଭିନ୍ନ ଦୋଷ କାରଣରୁ କର୍ମଦେବତାଙ୍କ ଦ୍ୱାରା ନିର୍ମିତ ଦୋଷଯୁକ୍ତ ଛାୟା ଶରୀରର ଏହା ସ୍ଥୁଳ ଅଭିବ୍ୟକ୍ତ ଅଟେ । ତାଙ୍କଦ୍ୱାରା ନିର୍ମିତ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା କାରଣରୁ ହିଁ ଆମକୁ ବଂଶଗତ ରୋଗର ପ୍ରବୃତ୍ତି ଦେଖିବାକୁ ମିଳେ । ସେମାନେ ସେହି ଅନୁରୂପ ଛାୟା ଶରୀରର ନିର୍ମାଣ କରିଥାନ୍ତି ଏବଂ ତାକୁ ସେପରି ପରିବାରରେ ଜନ୍ମ ଦିଅନ୍ତି । ଯେଉଁଠାରେ ଏହି ରୋଗ ବଂଶ ପରମ୍ପରା ରୂପେ ଚାଲି ଆସିଛି ।

ସେହିପରି କଳାତ୍ମକ କ୍ଷମତାର ବିକାଶ ନିମନ୍ତେ ମଧ୍ୟ କର୍ମଦେବତା ସମାନ ପ୍ରକାରର ବ୍ୟବସ୍ଥା କରିଥାଆନ୍ତି । ସେମାନେ ଛାୟା ଶରୀରର ଢାଞ୍ଚା ଏପରି ତିଆରି କରିଥାନ୍ତି ଯାହାଦ୍ୱାରା ସ୍ଥୁଳ ଶରୀରରେ ଏକ ସୁକୋମଳ ସୂକ୍ଷ୍ମ ସ୍ନାୟୁ ପ୍ରଣାଳୀ ଗଠନ କରାଯାଇ ପାରିବ ଏବଂ ତାକୁ ଏହିପରି ପରିବାରକୁ ପଠାନ୍ତି ଯାହାର ସଦସ୍ୟ କେତେ ପିଢ଼ିରୁ ଜୀବାତ୍ମା ଦ୍ୱାରା ବିକଶିତ ହୋଇଥିବା ସଙ୍ଗୀତ ରୂପକ କ୍ଷମତାକୁ ବ୍ୟକ୍ତ କରି ଆସିଛନ୍ତି । ଉଦାହରଣ ସ୍ୱରୂପ ସଙ୍ଗୀତ ଭଳି ଗୁଣର ଅଭିବ୍ୟକ୍ତି ନିମନ୍ତେ ଏକ ବିଶିଷ୍ଟ ଶରୀରର ଆବଶ୍ୟକତା ଅଟେ ଯେଉଁଥିରେ ଶ୍ରବଣ ଓ ସ୍ପର୍ଶ ଇନ୍ଦ୍ରିୟ ସୁକୋମଳ ତଥା ସୂକ୍ଷ୍ମ ହୋଇଥିବ ଏବଂ

ଏପରି ସୁକୋମଳତା ଲାଗି ଉପଯୁକ୍ତ ବଂଶ-ପରମ୍ପରା ଅତ୍ୟନ୍ତ ସହାୟକ ହୋଇଥାଏ ।

ସୁନ୍ଦର ପୁସ୍ତକ ବା ଭାଷଣ ଦ୍ୱାରା, ସାମୁହିକ ରୂପେ ମନୁଷ୍ୟମାନଙ୍କର ସେବାଦ୍ୱାରା, ଲେଖା ବା ବାଣୀ ଦ୍ୱାରା ଉତ୍ତମ ବିଚାରର ପ୍ରସାର ଦ୍ୱାରା ମଧ୍ୟ ଏକ ସୁଗୁଣ ଅର୍ଜ୍ଜନ ହୋଇଥାଏ । ଏହାର ବଦଳରେ ମଧ୍ୟ ମହାନ ଦେବଗରଣ ଠିକ୍ ରୂପେ ଋଣ ସୁଝିଥାଆନ୍ତି । କୌଣସି ବ୍ୟକ୍ତି ଦ୍ୱାରା ଦିଆଯାଇଥିବା ସହାୟତାର ବଦଳରେ ତାକୁ ମାନସିକ ଓ ଆଧ୍ୟାତ୍ମିକ ସହାୟତା, ତାହାଦ୍ୱାରା ଅର୍ଜ୍ଜିତ ଗୁଣର ଫଳସ୍ୱରୂପ ପ୍ରାପ୍ତ ହୋଇଥାଏ ।

ଏହି ପ୍ରକାର ମୋଟାମୋଟି ରୂପେ ଆମେ କର୍ମ ସିଦ୍ଧାନ୍ତ ଗୁଡ଼ିକର ବ୍ୟବସ୍ଥା, କର୍ମ-ଦେବତା ଗଣ ତଥା ମନୁଷ୍ୟର ଭାଗ୍ୟ ନିର୍ମାଣରେ ସ୍ୱୟଂ ଜୀବାତ୍ମାର ଭୂମିକାକୁ ବୁଝିପାରିଲେ ଓ ଏ ସମ୍ବନ୍ଧରେ ଜ୍ଞାନଲାଭ କଲେ । ଜୀବାତ୍ମା ସମସ୍ତ ସାମଗ୍ରୀ ଉପଲବ୍ଧ କରାଏ । କିନ୍ତୁ କର୍ମ ଦେବତା ଏବଂ ଜୀବାତ୍ମା ନିଜ ନିଜର ସ୍ୱଭାବ ଏବଂ ଧର୍ମ ଅନୁସାରେ ସେହି ସାମଗ୍ରୀର ଉପଯୋଗ କରିଥାନ୍ତି- ଜୀବାତ୍ମା ଚରିତ୍ର ନିର୍ମାଣ କରେ, ସ୍ୱୟଂ ଧିରେ ଧିରେ ବିକଶିତ ହୁଏ । କର୍ମ ଦେବତା ସୀମାନିର୍ଦ୍ଧାରଣ କରୁଥିବା ଢାଞ୍ଚା ତିଆରି କରନ୍ତି, ବାତାବରଣର ଚୟନ କରନ୍ତି ତଥା ଏପରି ବ୍ୟବସ୍ଥା କରନ୍ତି ଯେଉଁଥିରେ ମନୁଷ୍ୟର ଅତ୍ୟନ୍ତ ଅନିଚ୍ଛା ସତ୍ତ୍ୱେ କଲ୍ୟାଣକାରୀ ନିୟମର ଅକାଟ୍ୟ ଅଭିବ୍ୟକ୍ତି ହୋଇଥାଏ ।

◆◆◆

# କର୍ମଫଳ ଭୋଗ

ପ୍ରଥମଥର ପାଇଁ କର୍ମ-ନିୟମ ବିଷୟକ ଜ୍ଞାନ ହେବା ପରେ କେବେକେବେ ଲୋକ ଏପରି ଭାବନ୍ତି ଯେ ଯଦି ସବୁକିଛି ନିୟମ ଅନୁସାରେ ହୁଏ ତେବେ ସେ କେବଳ ଭାଗ୍ୟର ଅସହାୟ ଦାସ ଅଟେ । ଏହି ବିଚାର କରିବା ପୂର୍ବରୁ କର୍ମର ନିୟମକୁ ଭାଗ୍ୟ ନିୟନ୍ତ୍ରଣ କରିବା ନିମନ୍ତେ କିପରି ଉପଯୋଗ କରାଯାଇ ପାରିବ ସେ ସମ୍ବନ୍ଧରେ ଏକ ବିଶେଷ ଘଟଣାକୁ ଅଧ୍ୟୟନ କରି ଦେଖିବା ଭାଗ୍ୟ ଏବଂ ସ୍ୱାଧୀନ ଇଚ୍ଛା କିପରି ମିଳି ମିଶି କାର୍ଯ୍ୟ କରନ୍ତି ।

ଏକ ସାଧାରଣ ବ୍ୟକ୍ତି ଜନ୍ମରୁ କିଛି ମାନସିକ କ୍ଷମତା, କିଛି ଭଲ ଓ ମନ୍ଦ ବିଶିଷ୍ଟ ଭାବନାତ୍ମକ ସ୍ୱଭାବ ଏକ ଛାୟା ଶରୀର ଏବଂ ଏକ ସୁଗଠିତ ତଥା ସୁସ୍ଥ ସ୍ଥୁଳ ଶରୀର ନେଇ ସଂସାରକୁ ଆସେ। କିନ୍ତୁ ତାହାର ଚରିତ୍ର ବିଶେଷ ରୂପେ ଭଲ ନ ଥାଏ। ଏହା ଏକ ନିର୍ଦ୍ଦିଷ୍ଟ ସୀମାବଦ୍ଧତା ମଧ୍ୟରେ ଥାଏ। ପୂର୍ଣ୍ଣ ଯୁବାବସ୍ଥା ପ୍ରାପ୍ତି ପରେ ଏହି ମାନସିକ, ଭାବନାତ୍ମକ ଓ ସ୍ଥୁଳ କ୍ଷମତା ଗୁଡ଼ିକ ତାର ସମ୍ପତ୍ତି ରୂପେ ପରିଗଣିତ ହୁଏ ଓ ତାକୁ ସେଗୁଡ଼ିକର ସର୍ବୋତ୍ତମ ଉପଯୋଗ କରିବାକୁ ପଡ଼ିଥାଏ। ଅନେକ ପ୍ରକାର ଉଚ୍ଚ ମାନସିକ କ୍ଷମତା ଅଛି ଯାହା ପାଖକୁ ସେ ନିଶ୍ଚିତ ରୂପେ ପହଞ୍ଚିପାରେ ନାହିଁ। ବହୁତ ପ୍ରକାର ବିଚାର ତାର ବୁଝିବାର ବାହାରେ ଥାଏ। କିଛି ଆକର୍ଷଣ ଏପରି ଥାଏ ଯାହାକୁ ପ୍ରତିରୋଧ କରିବା ନିମନ୍ତେ ସମସ୍ତ ପ୍ରଯତ୍ନ ସତ୍ତ୍ୱେ ତାହା ଆଗରେ ନଇଁବାକୁ ପଡ଼ିଥାଏ। ଭୌତିକ ଶକ୍ତି ଓ କ୍ଷମତା ସମ୍ବନ୍ଧୀୟ ଏପରି କିଛି କାର୍ଯ୍ୟ ଥାଏ ତାହାକୁ ସମ୍ପାଦନ କରିପାରେ ନାହିଁ। ବାସ୍ତବରେ ସେ ଜାଣିବାକୁ ପାଏ ଯେ ସେ ଗ୍ରୀକ ଦେବତା ଆପୋଲୋଙ୍କ ପରି ସୁନ୍ଦର ହୋଇ ପାରିବ ନାହିଁ ବା ପ୍ରତିଭାବାନ ବ୍ୟକ୍ତି ପରି ସମାନ ବିଚାର ମଧ୍ୟ କରିପାରିବ ନାହିଁ। ସେ କିଛି ସୀମା ମଧ୍ୟରେ ଆବଦ୍ଧ ଅଛି ଯେଉଁଥିରୁ ସେ ଚାହିଁଲେ ମଧ୍ୟ ମୁକ୍ତ ହୋଇପାରିବ ନାହିଁ। ଏହା ବ୍ୟତୀତ ସେ ଅନେକ ପ୍ରକାର କଷ୍ଟରୁ ମଧ୍ୟ ରକ୍ଷା ପାଇପାରିବ ନାହିଁ। ତାକୁ କଷ୍ଟ ସହିବାକୁ ହିଁ ପଡ଼ିବ।

ତେଣୁ ସ୍ଥିତି ଏପରି ହିଁ ହୋଇଥାଏ ଏବଂ ଏହାର କାରଣ ସେ ନିଜେ। ମନୁଷ୍ୟ ନିଜର ପୂର୍ବ ବିଚାର, ବୃଥାରେ ହରାଇଥିବା ସୁଯୋଗ,

ନିଜର ଭୁଲ ଇଚ୍ଛା, ନିଜର ମୂର୍ଖତାପୂର୍ଣ୍ଣ ବିବଶତା କାରଣ ଯୋଗୁଁ  ସୀମିତ ଶକ୍ତି ବିଶିଷ୍ଟ ହୋଇଥାଏ। ତାହାର ଅପୂର୍ଣ୍ଣ ଇଚ୍ଛା ଓ ପୂର୍ବରୁ ଅର୍ଜିତ ଭୁଲକାର୍ଯ୍ୟ ତାହାର ବନ୍ଧନର କାରଣ ହୋଇଥାଏ। କିନ୍ତୁ ଆତ୍ମା ଯାହା ପ୍ରକୃତମନୁଷ୍ୟ ତାହା କେବେ ବନ୍ଧା ହୋଇନଥାଏ। ସେହି ଜୀବାତ୍ମା ଯିଏ ସ୍ୱୟଂ ଏହି ଅତୀତ ତିଆରି କରିବା ଯୋଗୁଁ ବର୍ତ୍ତମାନର ବନ୍ଧନରେ ବନ୍ଧା ହୋଇଛି ସେ ସେହି ବନ୍ଧନରେ ରହି ମଧ୍ୟ ଏପରି କାର୍ଯ୍ୟ କରିପାରେ ଯେ ଯାହା ମାଧ୍ୟମରେ ସେ ଭବିଷ୍ୟତରେ ବନ୍ଧନମୁକ୍ତ ହୋଇଥାଏ। କେବଳ ଏତିକି ନୁହେଁ ତାର ଜ୍ଞାନ ଆସିଯାଏ କି ସେ ସ୍ୱୟଂ ମୁକ୍ତ ଅଟେ । ଯେତେଯେତେ ତା'ର ଜ୍ଞାନ ବୃଦ୍ଧି ହେବ ତାହାର ବନ୍ଧନକାରୀ ବେଡ଼ିଗୁଡ଼ିକ ସେତେବେଳେ ଛିଣ୍ଡିଯିବ ।

କିନ୍ତୁ ସାଧାରଣ ବ୍ୟକ୍ତି ପକ୍ଷରେ ଏହି ଜ୍ଞାନ ଏକ ଜ୍ୟୋତି ରୂପେ ନୁହେଁ ବରଂ ଏକ ସ୍ଫୁଲିଙ୍ଗ ରୂପେ ଆସିଥାଏ । ସେଥିପାଇଁ ମୁକ୍ତି ପାଇଁ ତା'ର ପ୍ରଥମ ପଦକ୍ଷେପ ଏପରି ହେବା ଉଚିତ ଯେ ଧରି ନିଆଯାଉ ସେ ନିଜେ ସ୍ୱୟଂ ଏହି ବନ୍ଧନକୁ ତିଆରି କରିଅଛି । ଏହା ସତ୍ୟ ଯେ ବର୍ତ୍ତମାନ ସେ ଏକ ପ୍ରତିଭାବାନ୍ ପରି ବିଚାର କରିପାରିବ ନାହିଁ । କିନ୍ତୁ ସେ ନିଜର ପୂର୍ଣ୍ଣ କ୍ଷମତା ଅନୁଯାୟୀ ବିଚାର ତ କରିପାରିବ ଏବଂ ଧିରେ ଧିରେ ସେ ପ୍ରତିଭାବାନ୍ ବ୍ୟକ୍ତିରେ ପରିଣତ ହୋଇଯିବ । ଭବିଷ୍ୟତ ନିମନ୍ତେ ସେ ଶକ୍ତିର ନିର୍ମାଣ କରିପାରିବ ଓ ଏହିରୂପେ ଆଗକୁ ଅଗ୍ରସର ହେବ ମଧ୍ୟ । ଏହା ସତ୍ୟ ଯେ ସେ ଏକ ମୁହୂର୍ତ୍ତରେ ସେ ନିଜର ବାସନାତ୍ମକ ମନ୍ଦ ଗୁଣକୁ ତ୍ୟାଗ କରିପାରିବ ନାହିଁ କିନ୍ତୁ ଏହା ବିରୁଦ୍ଧରେ ଯୁଦ୍ଧ ତ କରିପାରିବ । ଅସଫଳ ହେବା ସତ୍ତ୍ୱେ ସେ ନିଜର ସଂଘର୍ଷ ଏହି ବିଶ୍ୱାସର ସହ ଜାରି ରଖିପାରିବ ଯେ ଶେଷରେ ସେ ନିଶ୍ଚୟ ବିଜୟୀ ହେବ । ଏହା ମଧ୍ୟ ସତ୍ୟ ଯେ ତାହା ମଧ୍ୟରେ ଭାବନାତ୍ମକ, ଭୌତିକ ଦୁର୍ବଳତା ଓ ବିକୃତ ଚିନ୍ତା ଅଛି, କିନ୍ତୁ ଯେତେ ଯେତେ ତାହାର ବିଚାର ସଶକ୍ତ, ପବିତ୍ର ଓ ସୁନ୍ଦର ହେବ, ତାହାର କାର୍ଯ୍ୟ କଲ୍ୟାଣକାରୀ ହେବ । ଭବିଷ୍ୟତରେ ଅପେକ୍ଷାକୃତ ଉତ୍କୃଷ୍ଟ ସ୍ୱରୂପ  ତାକୁ ନିଶ୍ଚୟ ପ୍ରାପ୍ତ ହେବ । ନିଜର ବନ୍ଦୀଗୃହରେ ମଧ୍ୟ ସେ ନିଜ ସ୍ୱରୂପରେ ସ୍ଥିତ ଅଟେ, ଏକ ମୁକ୍ତ ଆତ୍ମା ଅଟେ ଏବଂ ନିଜ ଦ୍ୱାରା ନିର୍ମିତ ପାଚେରୀକୁ ସେ ତଳେ ପକାଇଦେବ । ସେ ତାର ନିଜ କାରାଗାରରେ ବନ୍ଦୀ; ସେ ନିଜର ମୁକ୍ତି ନିମନ୍ତେ ସଂକଳ୍ପ କରି ପାରିବ ଓ ଏପରି ସଂକଳ୍ପ କରି ସେ ମୁକ୍ତିପ୍ରାପ୍ତ ମଧ୍ୟ କରିପାରିବ ।

ଭାବନ୍ତୁ ଜଣକର ବଡ଼ ବଡ଼ ବିପଦ ଆସୁଛି । ଏକ ମିତ୍ର ସହ ତାହର ବିଚ୍ଛେଦ ହୋଇଛି । ତାହା ଦ୍ୱାରା ଏକ ବଡ଼ ଭୁଲ୍ ହୋଇ ଯାଇଛି । ହେଉ । କିଛି କଥା ନାହିଁ । କାରଣ ପୂର୍ବରୁ ସେ ବିଚାରକ ରୂପେ ଅପରାଧ କରିଛି ଓ ବର୍ତ୍ତମାନ କର୍ତ୍ତା ରୂପରେ କଷ୍ଟଭୋଗ କରୁଅଛି । କିନ୍ତୁ ତା'ର ମିତ୍ର ତାଠାରୁ ଦୂରେଇ ଯାଇ ନାହିଁ । ପ୍ରେମ ଦ୍ୱାରା ସେ ତାକୁ ବାନ୍ଧି ରଖିପାରିବ ଓ ଭବିଷ୍ୟତରେ ସେ ତାକୁ ପୁନର୍ବାର ମିଳିବ ସେତେବେଳ ପର୍ଯ୍ୟନ୍ତ ସେ ନିଜ ଆଖପାଖ ଲୋକଙ୍କର ଏପରି ସେବା କରିବ ଯେପରି ସେ ନିଜର ପ୍ରିୟଜନ ମାନଙ୍କର ସେବା କରିପାରିଥାଏ । ଏହିପରି ସେ ପୁଣି ନିଜର କର୍ତ୍ତବ୍ୟର ଉପେକ୍ଷା ନ କରି ଭବିଷ୍ୟତ ଜୀବନରେ ଏହି ପ୍ରକାର ହାନିକାରକ ବୀଜ ବୁଣିବ ନାହିଁ । ସ୍ପଷ୍ଟରୂପେ ଦେଖିବାକୁ ଗଲେ ସେ ଏକ ଭୁଲ୍ କରିଥିବା ଯୋଗୁଁ ତା'ର ଦଣ୍ଡ ଭୋଗ କରୁଅଛି । ସେ ପୂର୍ବରୁ ଏପରି ଚିନ୍ତା କରିଥିଲେ ବର୍ତ୍ତମାନ ହୁଏତ ଏହି ପ୍ରକାରର କର୍ମ ନିର୍ମାଣ ହୋଇନଥାନ୍ତା । ନିଜ ବିଚାରର ଫଳସ୍ୱରୂପ ପ୍ରାପ୍ତ ଦଣ୍ଡକୁ ସେ ଧୈର୍ଯ୍ୟ ପୂର୍ବକ ସହିଯିବା ଆବଶ୍ୟକ ଓ ବର୍ତ୍ତମାନଠାରୁ ଏପରି ବିଚାର କରିବା ଉଚିତ ଯେ ଯାହାଦ୍ୱାରା ତା'ର ଭବିଷ୍ୟତ ଏପରି ଭୁଲରୁ ମୁକ୍ତ ରହିବ । ଏହିପରି ଅନ୍ଧକାର ମଧ୍ୟରେ ଏକ କିରଣ ପ୍ରବେଶ କରି ତାହାକୁ ଏହି ସ୍ୱର ଶୁଣାଏ–'ହେ ! କଷ୍ଟ ପାଉଥିବା ବ୍ୟକ୍ତି, ତୁମେ ଏହା ଜାଣ ଯେ ତୁମେ ସ୍ୱୟଂ ନିଜେ ନିଜର କଷ୍ଟଦାତା ଏବଂ ତୁମକୁ ଆଉ ଅନ୍ୟକିଏ କଷ୍ଟ ଦେଇପାରିବ ନାହିଁ ।'

ଯେଉଁ ନିୟମ ବନ୍ଧନ ରୂପେ ପ୍ରତୀତ ହେଉଥିଲା ତାହା ଉଡ଼ିବା ନିମନ୍ତେ ଡେଣାରେ ପରିଣତ ହୋଇଯାଏ ଏବଂ ତା ସାହାଯ୍ୟରେ ସେ ଏପରି ଲୋକ(Plane)ଗୁଡ଼ିକରେ ପହଞ୍ଚିବ ଯାହାକୁ ଏହି ନିୟମ ବିନା, ସେ ସ୍ୱପ୍ନରେ ସୁଦ୍ଧା ଭାବି ପାରି ନଥାନ୍ତା ।

◆ ◆ ◆

# ଭବିଷ୍ୟତର ନିର୍ମାଣ

ଜୀବାତ୍ମା ସମୂହ କାଳର ମନ୍ଥର ପ୍ରବାହରେ ବହି ଚାଲି ଆସୁଛନ୍ତି । ପୃଥିବୀ ଆଗକୁ ବଢି ଚାଲିବା ସହିତ ସେ ଏମାନଙ୍କୁ ମଧ୍ୟ ନିଜ ସାଥିରେ ନେଇ ଚାଲେ । ଯେତେବେଳେ ଜୀବନ ଏକ ଗୋଲକରୁ ଅନ୍ୟ ଏକ ଗୋଲକକୁ ଯାତ୍ରାକରେ ଏହା ମଧ୍ୟ ଆଗକୁ ବଢ଼ି ଚାଲିଥାଏ । କିନ୍ତୁ ସନାତନ ଜ୍ଞାନ ପୁନର୍ବାର ସଂସାରରେ ପ୍ରବର୍ତ୍ତନ ହୁଏ ଯେ ଯିଏ ଚାହିଁବ ସେ ଏହି ପ୍ରକାର ପ୍ରବାହରେ ନିରୁଦ୍ଦେଶ ଭାବେ ବହି ନ ଯାଇ ସଂସାରର ବିକାଶରେ ଧିମା ଗତିକୁ ଉଲଙ୍ଘନ କରି ଆଗକୁ ବଢିବା ଶିଖି ପାରିବ ।

ଯେତେବେଳେ ଜଣେ ଜିଜ୍ଞାସୁ ପ୍ରାକୃତିକ ନିୟମର ଅର୍ଥ, ତା'ର ପୂର୍ଣ୍ଣ ଅଟଳତା, ତା'ର ଅଚୁତ୍ୟ ସତ୍ୟତାକୁ ଅକ୍ଷରୂପେ ବୁଝିପାରେ ସେତେବେଳେ ସେ ନିଜ ଜୀବନ ପ୍ରତି ଧ୍ୟାନ ଦେବାକୁ ଆରମ୍ଭ କରେ ଏବଂ ସଜାଗ ହୋଇ ନିଜ ବିକାଶକୁ ସୁବ୍ୟବସ୍ଥିତ କରିବାକୁ ଲାଗେ । ସେ ନିଜ ଚରିତ୍ରକୁ ତୀକ୍ଷ୍ଣରୂପେ ନିରୀକ୍ଷଣ କରେ ଏବଂ ପୁଣି ତାକୁ ସୁଧାରିବାକୁ ଚେଷ୍ଟା କରେ । ବିଚାର ପୂର୍ବକ ମାନସିକ ଓ ନୈତିକ ଗୁଣ ଗୁଡ଼ିକୁ ବିକଶିତ କରେ । ଦକ୍ଷତାଗୁଡ଼ିକୁ ବଢ଼ାଇଥାଏ । ନିଜର ଦୂର୍ବଳତାକୁ ଦୂର କରେ ଏବଂ ନିଜର ଅପୂର୍ଣ୍ଣଥିବା ଗୁଣ ଗୁଡ଼ିକୁ ପୂର୍ଣ୍ଣ କରେ । ଅସ୍ୱାଭାବିକ ଓ ଅନାବଶ୍ୟକ ଜିନିଷକୁ ନିଜଭିତରୁ ବାହାର କରି ଦିଏ । ସେ ଏହା ଜାଣିପାରେ ଯେ ଯାହା ବିଷୟରେ ସେ ଧ୍ୟାନ କରୁଛି ସେପରି ସେ ହୋଇଯାଇଛି । ସେ ବିଚାରପୂର୍ବକ ନିୟମିତ ରୂପେ ଏକ ଉଚ୍ଚ ଆଦର୍ଶ ଉପରେ ଧ୍ୟାନକରେ । ସେତେବେଳେ ତାକୁ ବୁଝାପଡ଼େ ଯେ ମହାନ ଖ୍ରୀଷ୍ଟୀୟାନ ସନ୍ଥ ତାଙ୍କର ଶିଷ୍ୟମାନଙ୍କୁ ସତ୍ୟ, ଶୁଦ୍ଧ, ଉଚିତ୍, ପବିତ୍ର, ସୁନ୍ଦର ଓ ଭଲ ବିଷୟ ଉପରେ ମନନ କରିବାକୁ କାହିଁକି କହିଥିଲେ। ପ୍ରତିଦିନ ସେ ନିଜ ଆଦର୍ଶକୁ ମନନ ଓ ଧ୍ୟାନ କରିବ ଓ ସେହି ଅନୁସାରେ ଜୀବନ ବିତାଇବାକୁ ପ୍ରଯତ୍ନ କରିବ । ଏହି କାର୍ଯ୍ୟ ସେ ନିରନ୍ତର ଶାନ୍ତିର ସହ 'ବିନା ତରବର, ବିନା ବିଶ୍ରାମ' ରୂପେ କରି ଚାଲିବ କାରଣ ତାକୁ ଜଣା ଅଛି ଯେ ସେ ଶାଶ୍ୱତ ନିୟମାନୁଯାୟୀ ମୂଳଦୁଆ ସୁଦୃଢ଼ କରୁଅଛି । ତାହାର ପ୍ରାର୍ଥନା ନିୟମ ପ୍ରତି ହୋଇଥାଏ ଏବଂ ସେ ନିୟମର ହିଁ ଆଶ୍ରୟ ନେଇଥାଏ । ଏପରି ବ୍ୟକ୍ତିଙ୍କ ନିମନ୍ତେ ଅସଫଳତାର ଅସ୍ତିତ୍ୱ ନ ଥାଏ ।

ଇହଲୋକ ବା ପରଲୋକରେ ଏପରି କୌଣସି ଶକ୍ତି ନାହିଁ ଯାହା ତାଙ୍କର ମାର୍ଗକୁ ରୋକି ପାରିବ । ନିଜର ସାଂସାରିକ ଜୀବନରେ ସେ ବିଭିନ୍ନ ଅନୁଭୂତିକୁ ଏକତ୍ରିତ କରେ ଓ ଯେଉଁ ଅନୁଭୂତି ପ୍ରାପ୍ତହୁଏ ତାହାର ପୂର୍ଣ୍ଣ ସଦୁପଯୋଗ କରେ । ଦେବାଚନରେ ସେହି ସବୁ ଅନୁଭୂତିକୁ ନିଜସ୍ୱ କରି ନିଜର ଭବିଷ୍ୟତ ନିର୍ମାଣର ଯୋଜନା କରେ ।

ଜୀବନରେ ପ୍ରକୃତ ସିଦ୍ଧାନ୍ତରେ ଏହାହିଁ ମହତ୍ତ୍ୱପୂର୍ଣ୍ଣ ଅଟେ । ହୋଇପାରେ ସିଦ୍ଧାନ୍ତ ଗୁଡ଼ିକ ବ୍ୟକ୍ତିଗତ ଜ୍ଞାନ ଉପରେ ପର୍ଯ୍ୟବେସିତ ନହୋଇ ଅନ୍ୟମାନଙ୍କର ଅନୁଭୂତି ଲବ୍ଧ ଜ୍ଞାନ ଉପରେ ଆଧାରିତ ଥାଏ । ଯଦି ମନୁଷ୍ୟ କର୍ମର ଗତିକୁ ସ୍ୱୀକାର କରି କିଛିମାତ୍ରାରେ ବୁଝିପାରେ, ସେ ସଙ୍ଗେ ସଙ୍ଗେ ନିଜର ଚରିତ୍ରରୂପୀ ଭବନ ନିର୍ମାଣ କାର୍ଯ୍ୟରେ ଲାଗିଯିବ ଓ ପ୍ରତ୍ୟେକ ପଥରକୁ ସାବଧାନ ସହକାରେ ଠୁଳ କରିବ କାରଣ ସେ ଜାଣେ ଯେ ତାହାର ନିର୍ମାଣ କାର୍ଯ୍ୟ ଶାଶ୍ୱତ ତଥା ଚିରନ୍ତନ ହେବ । ସେତେବେଳେ ତରବରରେ କିଛି ତିଆରି କରିବା, ପୁଣି ତାକୁ ଭାଙ୍ଗିବା, ଆଜି ଏକ ଯୋଜନା ଓ କାଲି ଅଲଗା ଏକ ଯୋଜନା ଏବଂ ତୃତୀୟ ଦିନ ଆଉ କୌଣସି ଯୋଜନା ଉପରେ କାର୍ଯ୍ୟ କରିବା ଇତ୍ୟାଦି ଘଟଣା ସମାପ୍ତ ହୋଇଯାଏ । ଜୀବାତ୍ମା ଭଲରୂପେ ବିଚାର କରି ନିର୍ମାଣର ଏକ ଯୋଜନା କରିବ ଓ ସେହି ଅନୁସାରେ କାର୍ଯ୍ୟ କରିବ କାରଣ ସେତେବେଳେ ଜୀବାତ୍ମା କେବଳ ସ୍ଥପତି ନୁହେଁ ନିର୍ମାତା ମଧ୍ୟ ଅଟେ ଓ ସେ ଫଳହୀନ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ସମୟ ନଷ୍ଟ କରିବ ନାହିଁ । ସେଥିପାଇଁ ବିକାଶର ଅନ୍ତିମ ଅବସ୍ଥାରେ ସଶକ୍ତ ଜୀବାତ୍ମା ମହତ୍ତ୍ୱପୂର୍ଣ୍ଣ ତଥା କଳ୍ପନାତୀତ ଗତିରେ ପ୍ରଗତି କରିପାରେ ।

◆◆◆

# କର୍ମଫଳ ପରିବର୍ତ୍ତନ

ଯେଉଁ ମନୁଷ୍ୟ ବିଚାର ପୂର୍ବକ ନିଜ ଭବିଷ୍ୟତ ନିର୍ମାଣରେ ଲାଗିଯାଏ ସେ ନିଜ ଜ୍ଞାନର ବୃଦ୍ଧି ସଙ୍ଗେ ସଙ୍ଗେ ଏହା ଅନୁଭବ କରିଥାଏ ଯେ ନିଜର ଚରିତ୍ର ନିର୍ମାଣଠାରୁ ଅଧିକ ସେ ନିଜର ଭାଗ୍ୟ ନିର୍ମାଣ କରିପାରିବ । ସେ ଏହା ବୁଝିବାକୁ ଲାଗେ ଯେ ସେ ନିଜେ ପ୍ରକୃତପକ୍ଷେ ସବୁ ଜିନିଷର କେନ୍ଦ୍ରବିନ୍ଦୁ । ସେ ସଜୀବ, କ୍ରିୟାଶୀଳ ଓ ସ୍ୱୟଂ ନିର୍ଣ୍ଣୟ ନେଇପାରୁଥିବା ଜୀବ ଅଟେ । ସେ ବିଭିନ୍ନ ପରିସ୍ଥିତିକୁ ତଥା ନିଜକୁ ବଦଳାଇପାରେ । ପ୍ରତ୍ୟେକ ଯୁଗରେ ଜନ୍ମ ନେଇ ପ୍ରାଣୀମାନଙ୍କର କଲ୍ୟାଣ ନିମନ୍ତେ ମହାନ୍ ସଦ୍‌ଗୁରୁ ମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୈତିକ ନିୟମ ପାଳନ କରିବା ପାଇଁ ବହୁ ପୂର୍ବରୁ ପ୍ରଯତ୍ନ କରି ଆସୁଛି । ବର୍ତ୍ତମାନ ତାକୁ ସମ୍ପୂର୍ଣ୍ଣ ରୂପେ ଜ୍ଞାତ ହୋଇଯାଏ ଯେ ଏହିସବୁ ନିୟମ ପ୍ରକୃତିର ଆଧାରରେ ବିଭିନ୍ନ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ଏବଂ ନୈତିକତା ଓ ବ୍ୟବହାର ସମ୍ବନ୍ଧୀୟ ବିଜ୍ଞାନ ଅଟେ । ତାହାକୁ ଏହା ସ୍ପଷ୍ଟ ହୋଇଯାଏ ଯେ ସେ ଦୈନନ୍ଦିନ ଜୀବନରେ କୌଣସି ଦୁଷ୍କୃତିର ଦୁଃଷ୍ପରିଣାମକୁ ଉପରୋକ୍ତ ପ୍ରକାରର ସତ୍‌କର୍ମ ମାଧ୍ୟମରେ ନଷ୍ଟ କରିପାରିବ । କୌଣସି ବ୍ୟକ୍ତି ତାହା ପ୍ରତିଏକ ମନ୍ଦ ବିଚାର ପଠାଇଛି । ଯଦି ତାହାର ନିଜର ଏହି ପ୍ରକାରର ବିଚାର ତାହା ସହିତ ମିଶିଯାଏ ତେବେ ଦୁଇ ଜଣଙ୍କର ବିଚାର ମୂର୍ତ୍ତୀ ଜଳର ଦୁଇବୁନ୍ଦାପରି ଏକ ସଙ୍ଗେ ପ୍ରବାହିତ ହୋଇ ଚାଲିବେ ଏବଂ ଜଣେ ଅନ୍ୟଜଣଙ୍କୁ ସଶକ୍ତ କରାଇଚାଲିବେ । କିନ୍ତୁ ଯେଉଁ ବ୍ୟକ୍ତି ପ୍ରତି ଏହି ମନ୍ଦ ବିଚାର ପଠାଯାଇଛି ଯଦି ସେ କର୍ମ ନିୟମ ବିଷୟରେ ଜ୍ଞାତ ଥାଏ ତେବେ ସେ ସେହି ଦୂର୍ଭାବନା ପୂର୍ଣ୍ଣ ବିଚାର ମୂର୍ତ୍ତୀକୁ କରୁଣା ରୂପକ ଶକ୍ତି ଦ୍ୱାରା ସମ୍ମୁଖୀନ ହୋଇ ତାକୁ ବିନିଷ୍ଟ କରିଦିଏ । ଖଣ୍ଡ ବିଖଣ୍ଡିତ ବିଚାର ମୂର୍ତ୍ତୀକୁ ରୂପଦେବଙ୍କ ଶକ୍ତି ଅନୁପ୍ରାଣୀତ କରିପାରେ ନାହିଁ । ବିଚାର ମୂର୍ତ୍ତୀ ଛିନ୍ନଭିନ୍ନ ହୋଇଯାଏ ଏବଂ ଜୀବନୀଶକ୍ତି ନିଜ ସ୍ଥାନକୁ ଚାଲିଯାଏ ।

ଏହିପରି ତାହାର ଅନିଷ୍ଟକାରୀ ଶକ୍ତିକୁ କରୁଣାଦ୍ୱାରା ନଷ୍ଟକରି ଦିଆଯାଏ ଓ ଘୃଣାର ଅନ୍ତ ପ୍ରେମ ଦ୍ୱାରା ହୋଇଥାଏ । ଅସତ୍ୟ ତଥା ଭ୍ରାନ୍ତିକାରକ ବିଚାର ମୂର୍ତ୍ତୀ କାମଲୋକକୁ ଚାଲିଯାଏ । ଜ୍ଞାନୀ ବ୍ୟକ୍ତି ସେମାନଙ୍କ ବିରୁଦ୍ଧରେ ସତ୍ୟର ବିଚାର ମୂର୍ତ୍ତୀ ପଠାଇଥାନ୍ତି । ପବିତ୍ରତା ଦ୍ୱାରା ମଳୀନତା

ଓ ଉଦାରତା ଦ୍ୱାରା ସ୍ୱାର୍ଥପୂର୍ଣ୍ଣ ଲୋଲୁପତାର ନାଶହୁଏ । ଜ୍ଞାନର ବୃଦ୍ଧି ସଙ୍ଗେ ସଙ୍ଗେ ଏହି କାର୍ଯ୍ୟ ସରଳ ଓ ଉଦ୍ଦେଶ୍ୟପୂର୍ଣ୍ଣ ହୋଇଯାଏ । ସେତେବେଳେ ବିଚାର ଏକ ସୁନିଶ୍ଚିତ ଉଦ୍ଦେଶ୍ୟ ଓ ଦୃଢ ତଥା ପ୍ରବଳ ସଂକଳ୍ପ ଦ୍ୱାରା କରାଯାଏ। ଏହିପରି ମନ୍ଦ ବିଚାରକୁ ପ୍ରାରମ୍ଭରୁ ହିଁ ରୋକି ଦିଆଯାଏ ଏବଂ କଷ୍ଟଦାୟକ ବାଣ ଛାଡୁଥିବା ବ୍ୟକ୍ତି ଓ କ୍ଷମାଦ୍ୱାରା ତାକୁ ଭସ୍ମ କରୁଥିବା ବ୍ୟକ୍ତି ମଧ୍ୟରେ କର୍ମର କୌଣସି ସମ୍ବନ୍ଧ ସୃଷ୍ଟି ହୁଏନାହିଁ । ମହାନ ସଦ୍ ଗୁରୁଙ୍କ ଏହି ଶିକ୍ଷା– 'ମନୁଷ୍ୟ ଭଲକାର୍ଯ୍ୟ ଦ୍ୱାରା ମନ୍ଦ ପ୍ରଭାବରୁ ବିଜୟ ପାଇ ପାରେ' ଉପରୋକ୍ତ ନିୟମର ଜ୍ଞାନ ଉପରେ ଆଧାରିତ । ଏହି ଶିକ୍ଷାର ବୈଜ୍ଞାନିକ ଆଧାରକୁ ପୂର୍ଣ୍ଣରୂପେ ନବୁଝି ସୁଝି ମଧ୍ୟ ସେହି ମହାନ ଗୁରୁ ମାନଙ୍କ ଶିକ୍ଷା ଅନୁଯାୟୀ ପାଳନ କଲେ ଓ ଘୃଣାର ପ୍ରତୁତ୍ତ୍ୟର ଘୃଣା ସହକାରେ ନ ଦେଲେ ମଧ୍ୟ ନିଜର ଭାରି କର୍ମକୁ କିଛି ପରିମାଣ ଲାଘବ କରିଦିଅନ୍ତି । କିନ୍ତୁ ଜ୍ଞାନୀ ବ୍ୟକ୍ତି ତଥ୍ୟକୁ ବୁଝନ୍ତି ଯାହା ଉପରେ ସଦ୍‌ଗୁରୁଙ୍କର ଶିକ୍ଷା ସଦା ଆଧାରିତ ଥାଏ । ଏଥିପାଇଁ ସେମାନେ ମନ୍ଦ ବିଚାରକୁ ସାବଧାନ ସହକାରେ ନଷ୍ଟ କରିଦିଅନ୍ତି ଓ ମନ୍ଦର ବୀଜକୁ ନିଷ୍କ୍ରିୟ କରି ଭବିଷ୍ୟତର କଷ୍ଟ ଓ ଦୁଃଖ ରୂପି ଫଳକୁ ରୋକି ଦିଅନ୍ତି ।

କ୍ରମବିକାଶରେ ଧିରଗତିରେ ବହିଚାଲିଥିବା ସାଧାରଣ ବ୍ୟକ୍ତି ଅପେକ୍ଷା ଉନ୍ନତ ବ୍ୟକ୍ତି ନିଜ ଚରିତ୍ରର ନିର୍ମାଣ କରିବା ସହ ନିଜ ବିଚାର ମୂର୍ତ୍ତୀ ଉପରେ ଦୃଢତା ତଥା ସାବଧାନ ସହକାରେ ଧ୍ୟାନ ଦେବ । ଏହାସଙ୍ଗେ ଅତୀତକୁ ମଧ୍ୟ ଦେଖିବାକୁ ଲାଗିବ । ଏହି ପ୍ରକାରରେ କାରଣ ଗୁଡ଼ିକ ତଥା ସେଥିରୁ ଉତ୍ପନ୍ନ ପରିଣାମ ଗୁଡ଼ିକ ସମ୍ବନ୍ଧରେ ଜ୍ଞାତ ହୋଇ ବର୍ତ୍ତମାନ ସମ୍ବନ୍ଧରେ ସଠିକ ଅନୁମାନ ଲଗାଇ ପାରିବ । ଯେଉଁ କାରଣ ପୂର୍ବରୁ ଗତିଶୀଳ ଥାଏ ତାହାକୁ ନିଜର ନୂଆ ପ୍ରଯତ୍ନ ଦ୍ୱାରା ଛିନ୍ନ କରି ସେ ଭବିଷ୍ୟତକୁ ବଦଳାଇବାର କ୍ଷମତା ପ୍ରାପ୍ତ କରେ । ଜ୍ଞାନ ଯୋଗୁଁ ସେ ନିୟମର ଉପଯୋଗ ସେହି ବିଶ୍ୱାସର ସହ କରେ ଯେଉଁ ବିଶ୍ୱାସରୁ ବୈଜ୍ଞାନିକମାନେ ପ୍ରକୃତିର ପ୍ରତ୍ୟେକ ବିଭାଗରେ ତାହାର ଉପଯୋଗ କରିଥାନ୍ତି ।

ଆମେ ଏଠାରେ ଗତି ସମ୍ବନ୍ଧୀୟ ନିୟମ ଗୁଡ଼ିକ ଉପରେ ଅଳ୍ପ ବିଚାର କରିବା । "କୌଣସି ବସ୍ତୁକୁ ଗତିଶୀଳ କରିଦିଆଗଲା ଓ ଏହା ଏକ ନିର୍ଦ୍ଦିଷ୍ଟ ଦିଗରେ ଚାଲୁଅଛି । ଯଦି ବିପରୀତ ଦିଗରୁ ଏକ ଅନ୍ୟ ଶକ୍ତି ତାହା

ସହ ସଂଘର୍ଷ ହୁଏ ତେବେ ସେ ବସ୍ତୁଟି ଏକ ଭିନ୍ନ ଦିଗରେ ଗତି କରିବ– ସେହି ଦିଗଟି ଦୁଇଜଣଙ୍କ ଗତିଦ୍ୱାରା ନିରୂପିତ ହେବ । କୌଣସି ଶକ୍ତିର କ୍ଷୟ ହେବନାହିଁ । ପ୍ରାରମ୍ଭିତ ଗତି ପ୍ରଦାନ କରୁଥିବା ଶକ୍ତିର କିଛିଭାଗ ନୂତନ ଶକ୍ତିକୁ ରୋକି ବାରେ ଲାଗିବ ଓ ସେହି ବସ୍ତୁର ଗତି କରିବାର ନୂଆଦିଗ ଦୁଇ ଶକ୍ତିର ପାରସ୍ପାରିକ ପ୍ରତିକ୍ରିୟା ଉପରେ ନିର୍ଭର କରିବ । ଜଣେ ପଦାର୍ଥ ବିଜ୍ଞାନୀ ଏହା ସମ୍ବନ୍ଧରେ ସଠିକ ଗଣନା କରିପାରେ ଯେ କେଉଁ ଗତିଶୀଳ ବସ୍ତୁ ଉପରେ କେଉଁ କୋଣରୁ ପ୍ରହାର କଲେ ସେ ଇପ୍ସିତ ଦିଗରେ ଚାଲିପାରିବ । ଯଦି ସେହି ବସ୍ତୁ ଏହି ସମୟରେ ତାର ସାମର୍ଥ୍ୟର ବାହାରେ ଥାଏ ତେବେ ସେ ପରିଗଣିତ ଗତିର ଶକ୍ତିକୁ ତାହା ପଛରେ ପଠାଇପାରିବ ଯାହାଦ୍ୱାରା ସେ ଏକ ନିର୍ଦ୍ଦିଷ୍ଟ କୋଣରେ ଯାଇ ପିଟିହେବ ଓ ଏହି ପ୍ରକାରରେ ସେ ନିଜର ପୂର୍ବବର୍ତ୍ତୀଦିଗରୁ ହଟାଇ ତାହାକୁ ଏକ ନୂତନ ଦିଗରେ ଚାଲିବାକୁ ବାଧ କରିବ । ଏହାଦ୍ୱାରା କୌଣସି ନିୟମର ଉଲ୍ଲଙ୍ଘନ ହୋଇ ନ ଥାଏ ଓ କୌଣସି ହସ୍ତକ୍ଷେପ ମଧ୍ୟ କରାଯାଇ ନ ଥାଏ । ଏହା କେବଳ ନିୟମ ରୂପୀ ଜ୍ଞାନର ଉପଯୋଗ ମାତ୍ର । ମନୁଷ୍ୟ ନିଜର ଉଦ୍ଦେଶ୍ୟ ପୂର୍ତ୍ତି ନିମନ୍ତେ ପ୍ରାକୃତିକ ଶକ୍ତିସମୂହକୁ ଅନ୍ୟ ଦିଗକୁ ମୁହାଁଇଦିଏ । ଯଦି ଆମେ ଏହି ନିୟମର ଉପଯୋଗ କର୍ମଫଳକୁ ବଦଳାଇବା ପାଇଁ କରିବା ତେବେ ଆମକୁ ଏହା ସ୍ପଷ୍ଟରୂପେ ଜ୍ଞାତ ହେବ ଯେ କର୍ମଫଳ ଅଲଘଂନୀୟ ଅଟେ କିନ୍ତୁ ଯେତେବେଳେ ଜ୍ଞାନ ମାଧ୍ୟମରେ ତାହାର ପ୍ରକ୍ରିୟାକୁ ବଦଳାଉ ସେତେବେଳେ ଏଥିରେ କର୍ମ–ନିୟମରେ କୌଣସି ପ୍ରକାରର ହସ୍ତକ୍ଷେପ ହୁଏ ନାହିଁ । ଆମେ କର୍ମଶକ୍ତିର ପ୍ରୟୋଗ କର୍ମଫଳକୁ ପ୍ରଭାବିତ କରିବା ନିମନ୍ତେ କରିଥାଉ । ପୁନର୍ବାର ଏହା ସ୍ପଷ୍ଟ ହୋଇଯାଏ ଯେ ଆଜ୍ଞାପାଳନ ଦ୍ୱାରା ହିଁ ଆମେ ପ୍ରକୃତି ଉପରେ ବିଜୟପ୍ରାପ୍ତ ହେଉ ।

ବର୍ତ୍ତମାନ ଆମେ ଏହା କଳ୍ପନା କରିବା ଯେ କୌଣସି ଏକ ଉନ୍ନତ ଜିଜ୍ଞାସୁ ନିଜର ଅତୀତ ଉପରେ ଦୃଷ୍ଟି ନିକ୍ଷେପ କରି ଦେଖିବାକୁ ପାଏ ଯେ ତାହାର କୌଣସି ଏକ ପୂରାତନ କର୍ମ ଏକ ଅପ୍ରିୟ ଫଳ ଦେବାର ଅଛି । ଫଳ ଦେଉଥିବା ଶକ୍ତିମାନଙ୍କ ପ୍ରତି ସେ ନୂତନ ଶକ୍ତି ପଠାଇପାରେ ଓ ଏହିପରି ସେ ଉକ୍ତ ଫଳକୁ ବଦଳାଇ ପାରେ । ଏହି କାର୍ଯ୍ୟ ନିମନ୍ତେ ତାକୁ ଜ୍ଞାନର ଆବଶ୍ୟକତା ଅଛି; କେବଳ ଏତିକି ପର୍ଯ୍ୟାପ୍ତ ନୁହେଁ ଯେ ସେଥିରେ

ଅତୀତକୁ ଦେଖି ପାରିବା ତଥା ବର୍ତ୍ତମାନ ସହ ତା'ର ସମ୍ବନ୍ଧକୁ ଖୋଜି ପାଇବାର ଶକ୍ତି ଥିବ । ସେଥିରେ ଏହି ଶକ୍ତି ମଧ୍ୟ ଥିବା ଆବଶ୍ୟକ ଯେ ପରିଣାମକୁ ବଦଳାଇବା ନିମନ୍ତେ ପଠାଯାଇଥିବା ଶକ୍ତିର ପ୍ରଭାବ ତଥା କାରଣ ରୂପରେ ଏହି ସବୁ ପ୍ରକ୍ରିୟାର ପରିଣାମ ସମୂହର ସଠିକ୍ ଗଣନା କରିପାରୁଥିବ । ଏହିପରି କର୍ମ-ପ୍ରବାହରେ ଭଲ ଗୁଣର ନୂତନ ଶକ୍ତି ସମୂହକୁ ପ୍ରବାହିତ କରି ସେ ପୂର୍ବରୁ କରିଥିବା ଦୁଷ୍କର୍ମର ପରିଣାମକୁ କମ ବା ନଷ୍ଟକରି ପାରିବ । ଅତୀତକୁ ସେ ଲିଭାଇ ପାରିବ ନାହିଁ ବା ନଷ୍ଟ କରିପାରିବ ନାହିଁ । କିନ୍ତୁ କାରଣ ରୂପରେ ନୂତନ ଶକ୍ତି ସମୂହ ଉତ୍ପନ୍ନ କରି ଭବିଷ୍ୟତରେ ପ୍ରକଟ ହେବାକୁ ଥିବା ଅତୀତର ପରିଣାମ ସମୂହକୁ ବଦଳାଇ ପାରିବ ବା ଓଲଟାଇ ପାରିବ । ଏହି ସମସ୍ତ ପ୍ରକ୍ରିୟାରେ ସେ କେବଳ ନିୟମର ଉପଯୋଗ ହିଁ କରିଥାଏ ଓ ବୈଜ୍ଞାନିକ ମାନଙ୍କ ପରି ନିଶ୍ଚିତତା ସହ କାର୍ଯ୍ୟ କରେ- ଯେପରି ବୈଜ୍ଞାନିକ ଏକ ଶକ୍ତିର ମୁକାବିଲା ଅନ୍ୟ ଏକ ଶକ୍ତି ମାଧ୍ୟମରେ କରେ ।

ସେ ଶକ୍ତିର ଏକ ଭାଗକୁ ନଷ୍ଟ ତ କରିପାରେ ନାହିଁ କିନ୍ତୁ କୋଣ ଓ ଗତିର ଗଣନା ଦ୍ୱାରା ସେ କୌଣସି ବସ୍ତୁକୁ ଯେ କୌଣସି ଦିଗକୁ ପଠାଇପାରେ । ଏହିପରି କର୍ମଫଳକୁ ଶୀଘ୍ର ବା ବିଳମ୍ବରେ ପ୍ରାପ୍ତ କରାଯାଇ ପାରିବ ଏବଂ ପୁଣି ଯେଉଁ ପରିସ୍ଥିତିରେ ଏହା ଫଳିତ ହୁଏ ତାହାର ପ୍ରଭାବରେ କର୍ମରେ ପୁଣି ପରିବର୍ତ୍ତନ ହୋଇଯିବ ।

ଏହି ବିଷୟକୁ ଆମେ ଅନ୍ୟ ଏକ ଦୃଷ୍ଟିକୋଣରୁ ଦେଖିବା କାରଣ ଏହି ଜ୍ଞାନ ମହତ୍ୱପୂର୍ଣ୍ଣ ଓ ଉପଯୋଗୀ ହେବ । ଜ୍ଞାନର ବୃଦ୍ଧି ସଙ୍ଗେ ସଙ୍ଗେ ପୁରୁଣା କର୍ମରୁ ମୁକ୍ତି ମିଳିବା ସହଜ ହୋଇଯିବ । ମୁକ୍ତିର ନିକଟରେ ପହଞ୍ଚୁଥିବା ଜୀବାତ୍ମାକୁ ଫଳୀଭୂତ ହେବାକୁ ଥିବା କାର୍ଯ୍ୟ-କାରଣ ସ୍ୱଷ୍ଟରୂପେ ଦେଖାଦେବାକୁ ଲାଗିବ । ନିଜର ପୂର୍ବଜନ୍ମ ମାନଙ୍କରେ ଦୃଷ୍ଟିପାତ କଲେ ଶତାବ୍ଦି ଶତାବ୍ଦି ଧରି ଯେଉଁ ମାର୍ଗରେ ସେ ଧିରେ ଧିରେ ଆଗକୁ ବଢି ଚାଲିଆସିଅଛି ତାହା ଆଡ଼କୁ ଦୃଷ୍ଟି ପକାଇଲେ ତାକୁ ଜ୍ଞାତ ହୁଏ ଯେ କେଉଁ ପ୍ରକାରରେ କର୍ମବନ୍ଧନ ନିର୍ମିତ ହୋଇଥିଲା ଓ କିପରି ସେ କାରଣ ଗୁଡ଼ିକ ଗତିଶୀଳ ହୋଇଅଛି । ସେ ଏହା ମଧ୍ୟ ଦେଖିପାରେ ସେଥିମଧ୍ୟରୁ କେତେକ କର୍ମଫଳ ଭୋଗ ହୋଇସାରିଛି ଓ କେତେକର୍ମ ବର୍ତ୍ତମାନ ସୁଦ୍ଧା କ୍ରିୟାଶୀଳ ଅଛି । ସେ କେବଳ ପଛକୁ ନୁହେଁ ଆଗକୁ ମଧ୍ୟ ଦେଖିପାରେ ଏବଂ ଏହା ଜାଣିପାରେ ଯେ ସେହି

କାରଣ ଗୁଡ଼ିକ ଯୋଗୁଁ କେଉଁ ପରିଣାମ ହେବ । ଏହିପରି ଭବିଷ୍ୟତକୁ ଦୃଷ୍ଟି ପକାଇଲେ ତାକୁ ପ୍ରାପ୍ତ ହେବାକୁ ଥିବା ପରିଣାମ ଓ ଅତୀତକୁ ଦୃଷ୍ଟି ପକାଇଲେ ଉପରୋକ୍ତ ପରିଣାମକୁ ଉତ୍ପନ୍ନ/ସୃଷ୍ଟି କରିଥିବା କାରଣ ଗୁଡ଼ିକୁ ମଧ୍ୟ ଦେଖିପାରେ । ସାଧାରଣ ଭୌତିକ ଜଗତରେ କିଛି ନିୟମ ଗୁଡ଼ିକର ଜ୍ଞାନଦ୍ୱାରା ଆମେ କୌଣସି ପରିଣାମର ପୂର୍ବାନୁମାନ ଲଗାଇ ପାରୁ ତଥା ସେହି ନିୟମକୁ ମଧ୍ୟ ଜାଣିପାରୁ ଯେଉଁଥିରୁ ସେହି ପରିଣାମ ପ୍ରାପ୍ତ ହୁଏ । ଯଦି ଆମେ ଏହି ବିଚାରକୁ ଉଚ୍ଚତର ଲୋକରେ ଲାଗୁକରିବା ତେବେ ଏହାକୁ ମାନିନେବାରେ କୌଣସି କଷ୍ଟ ହେବା କଥା ନୁହେଁ କାରଣ ଆମେ ଏକ ବିକଶିତ ଜୀବାତ୍ମାର ସେହି ସ୍ଥିତିର କଳ୍ପନା କରିପାରିବା ଯେଉଁଠାରେ ସେ ପୂର୍ବ ନିର୍ମିତ କାର୍ଯ୍ୟ-କାରଣ ସମୂହ ତଥା ଭବିଷ୍ୟତରେ ପ୍ରାପ୍ତ କର୍ମ-ପରିଣାମ ଗୁଡ଼ିକୁ ଦେଖିପାରିବ ।

କାରଣ ତଥା ଏହାର ପରିଣାମଗୁଡ଼ିକ ସମ୍ବନ୍ଧରେ ଜ୍ଞାନର ଆଧାରରେ ଏହା ସମ୍ଭବ ଅଟେ ଯେ ନୂତନ କାରଣ ଉତ୍ପନ୍ନ କରି ଏହି ପରିଣାମ ଗୁଡ଼ିକୁ ନଷ୍ଟ କରି ଦିଆଯାଇପାରିବ । କର୍ମ-ନିୟମର ଉପଯୋଗ କରି ତଥା ତାହାର ଅପରିବର୍ତ୍ତନୀୟତା ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ଏବଂ ନୂତନ ରୂପେ ଉତ୍ପନ୍ନ କାରଣ ଗୁଡ଼ିକୁ ସାବଧାନ ସହକାରେ ଗଣନା କରି ଭବିଷ୍ୟତରେ ଯେପରି ଆମେ ଚାହିଁବା ସେପରି ପରିଣାମ ପ୍ରାପ୍ତ କରିପାରିବା । ଏହା କେବଳ ହିସାବ କରିବାର କଥା ଅଟେ । ଧରିନିଅନ୍ତୁ ପୂର୍ବରୁ ଘୃଣାର ସ୍ପନ୍ଦନ (କମ୍ପନ) ଉତ୍ପନ୍ନ କରାଯାଇଛି ଆମେ ସାବଧାନ ସହକାରେ ତାହାର ବିପରୀତ ଗୁଣ ପ୍ରେମର କମ୍ପନ ଉତ୍ପନ୍ନ କରି ତାହାକୁ ନଷ୍ଟ କରିପାରିବା ତଥା ବର୍ତ୍ତମାନ ଓ ଭବିଷ୍ୟତରେ ସେଥିରୁ ଫଳ ପ୍ରାପ୍ତିକୁ ରୋକିପାରିବା ।

ଯଦି ଆମେ ଧ୍ୱନୀର ଏକ ଢେଉ ନେବା ଓ ପୁଣି ଆଉ ଏକ ଢେଉ ନେବା ଏବଂ ଗୋଟିକୁ ଅନ୍ୟଟିର ପଛରେ ଏହିପରି ଗତି କରିବାକୁ ଦେବା ଯାହା ଫଳରେ ଗୋଟିଏର ସ୍ପଷ୍ଟତର କମ୍ପନ ଅନ୍ୟଟିର ସୂକ୍ଷ୍ମ କମ୍ପନରେ ମିଶିଯିବ । ଉପରୋକ୍ତ ରୂପେ ହସ୍ତକ୍ଷେପ କରି ଆମେ ଧ୍ୱନି ଦ୍ୱାରା ଶାନ୍ତି ଉତ୍ପନ୍ନ କରିପାରିବା । ଏହିପରି ଉଚ୍ଚତର ଲୋକରେ ଜ୍ଞାନର ଉପଯୋଗରେ ଓ ସଂକଳ୍ପ ଶକ୍ତି ଦ୍ୱାରା ନିୟନ୍ତ୍ରଣ କରି ପ୍ରେମ ଓ ଘୃଣାର କମ୍ପନ ଦ୍ୱାରା ଉତ୍ପନ୍ନ କାର୍ଯ୍ୟ କାରଣ ସମୁହକୁ ସମାପ୍ତ କରାଯାଇ ପାରିବ ଓ ସାମ୍ୟବସ୍ଥା ଅଣାଯାଇ ପାରିବ ଯାହା ମୁକ୍ତିର ଅନ୍ୟନାମ ଅଟେ ।

ଏହି ଜ୍ଞାନ ଅଧିକାଂଶ ବ୍ୟକ୍ତିଙ୍କର ସାମର୍ଥ୍ୟର ବାହାରେ ଅଟେ । ଯଦି ସେମାନେ ଆତ୍ମବିଜ୍ଞାନର ଉପଯୋଗ କରିବାକୁ ଚାହାନ୍ତି ତେବେ ଏତିକି ମାତ୍ର କରିପାରିବେ ଯେ ସେମାନେ ବିଶେଷଜ୍ଞଙ୍କର ସିଦ୍ଧାନ୍ତକୁ ସ୍ୱୀକାର କରିବେ, ସଂସାରର ମହାନ୍ ଧର୍ମ ଗୁରୁଗଣଙ୍କର ନୈତିକ ଶିକ୍ଷା ଗୁଡ଼ିକୁ ମାନି କରି ତାକୁ ପାଳନ କରିବେ–ଯାହାକୁ ତାଙ୍କର ଅନ୍ତଃର୍ମନ ସ୍ୱୀକାର ତ କରେ ଯଦିଓ ତା'ର କାର୍ଯ୍ୟବିଧିକୁ ବୁଝିପାରେ ନାହିଁ । ଏହା କେବଳ ତାକୁ ସ୍ପଷ୍ଟ ଓ ବିଚାର ପୂର୍ଣ୍ଣ ଜ୍ଞାନରୁ ପ୍ରାପ୍ତ ହୋଇଥାଏ । ସଦ୍‌ଗୁରୁଙ୍କୁ ଭକ୍ତି ଓ ଆଜ୍ଞାପାଳନ ଦ୍ୱାରା ମଧ୍ୟ ସେ ମୁକ୍ତି ପ୍ରାପ୍ତ କରିପାରିବ ଯାହା ଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାଏ ।

ପ୍ରତ୍ୟେକ କାର୍ଯ୍ୟରେ ଏହି ସିଦ୍ଧାନ୍ତ ଗୁଡ଼ିକୁ ଉପଯୋଗ କରିବା ଦ୍ୱାରା ଜିଜ୍ଞାସୁ ଏହା ବୁଝିବାକୁ ଲାଗେ ଯେ ଅଜ୍ଞାନତା ମନୁଷ୍ୟ ନିମନ୍ତେ କେତେ ବଡ଼ ବାଧକ ଅଟେ ଓ ମାନବୀୟ ବିକାଶରେ ଜ୍ଞାନର କେତେ ମହତ୍ତ୍ୱ ଅଛି । ମନୁଷ୍ୟ ନିରୁଦ୍ଦେଶ୍ୟ ରୂପେ ଏଣେତେଣେ ଘୁରିବୁଲୁଥାଏ କାରଣ ସେ ଜାଣି ନ ଥାଏ, ଅଜ୍ଞାନୀ ଥାଏ । ସେ ଅସହାୟ ଅଟେ କାରଣ ସେ ଦୃଷ୍ଟିହୀନ। ସାଧାରଣ ବ୍ୟକ୍ତିଗଣ ଅପେକ୍ଷା ଯିଏ ନିଜର ବିକାଶ–ଯାତ୍ରା ଅଧିକ ଶୀଘ୍ରତା ସହ ପୂର୍ଣ୍ଣ କରିବାକୁ ଚାହେଁ ତାକୁ ଏହି ପ୍ରକାର ଆଳସ୍ୟ ରୂପୀ ଗୁଣକୁ ତ୍ୟାଗ କରିବାକୁ ପଡ଼ିବ ଯେପରି 'ଦୌଡ଼ ପ୍ରତିଯୋଗୀ ଶୀର୍ଣ୍ଣ ଘୋଡ଼ାକୁ ତ୍ୟାଗ କରିଥାଏ ।' ତାକୁ କେବଳ ପ୍ରକୃତ ଜ୍ଞାନ ନୁହେଁ, ପ୍ରେମ ଓ ଭକ୍ତିର ମଧ୍ୟ ଆବଶ୍ୟକତା ଅଛି । ଏହା ଜରୁରୀ ନୁହେଁ ଯେ ପୂର୍ବନିର୍ମିତ ଜଞ୍ଜିରର କଡ଼ିକୁ ଧିରେଧିରେ ଘଷି ଘଷି ଛିଣ୍ଡିବାକୁ ଦେବ । ସେ ସ୍ୱୟଂ ତାକୁ ଶୀଘ୍ର ଶୀଘ୍ର କାଟିକରି ଏହିପରି ମୁକ୍ତ ହୋଇପାରିବ ଯେପରି ଧିରେ ଧିରେ ନଷ୍ଟ ହୋଇ ସେମାନେ ତାକୁ ମୁକ୍ତ କରିଥାନ୍ତେ।

◆ ◆ ◆

# କର୍ମ ବନ୍ଧନର ସମାପ୍ତି

କର୍ମରୁ ହିଁ ଆମର ପୁନର୍ଜନ୍ମ ହୁଏ। କର୍ମ ହିଁ ଆମକୁ ଜନ୍ମ-ମୃତ୍ୟୁ ଚକ୍ରରେ ବାନ୍ଧି ରଖିଥାଏ। ମନ୍ଦ କର୍ମ ପରି ସତ କର୍ମ ମଧ୍ୟ ଆମକୁ ନିର୍ମମ ରୂପେ ପଛକୁ ଟାଣୁଥାଏ। ଆମର ସତ୍‌କର୍ମ ଦ୍ୱାରା ନିର୍ମିତ ବନ୍ଧନ ସେତିକି ଦୃଢ଼ତାର ସହ ଆମକୁ ବାନ୍ଧିଥାଏ ସେତିକି ଆମର ଦୁଷ୍କର୍ମ ଦ୍ୱାରା ନିର୍ମିତ ବନ୍ଧନ ଆମକୁ ବାନ୍ଧିଥାଏ। ଏହି ବନ୍ଧନର ନିର୍ମାଣ କିପରି ସମାପ୍ତ ହେବ ? ଯେଉଁ ପର୍ଯ୍ୟନ୍ତ ମନୁଷ୍ୟ ଜୀବିତ ଅଟେ ସେ ଚିନ୍ତା କରିବ ଓ ଇଚ୍ଛା ମଧ୍ୟ କରିବ ଏବଂ ଏହି ବିଭିନ୍ନ ବିଚାର ଓ ଇଚ୍ଛାମାନଙ୍କ ଦ୍ୱାରା ସେ ନିରନ୍ତର କର୍ମର ନିର୍ମାଣ କରିଚାଲେ। ଏହାର ଉତ୍ତର ଭଗବଦ୍‌ଗୀତାର ମହାନ୍ ଉପଦେଶରେ ନିହିତ ଅଛି ଯାହା ଯୁଦ୍ଧରେ ଲିପ୍ତ ଅର୍ଜ୍ଜୁନଙ୍କୁ ଦିଆଯାଇଥିଲା। ଏହି ଉପଦେଶ କୌଣସି ସନ୍ନ୍ୟାସୀ ବା ସାଧକଙ୍କୁ ନୁହେଁ ବରଂ ବିଜୟ ପ୍ରାପ୍ତି ନିମନ୍ତେ ଉପସ୍ଥିତ ଯୋଦ୍ଧାକୁ ତଥା ରାଜ୍ୟର କର୍ତ୍ତବ୍ୟରେ ଲିପ୍ତ ରାଜକୁମାରଙ୍କୁ ଦିଆଯାଇଥିଲା।

କର୍ମର ବନ୍ଧନକାରୀ ଶକ୍ତି କର୍ମରେ ନଥାଏ ବରଂ କାମନାରେ ଓ କର୍ମଫଳ ପ୍ରତି ଆସକ୍ତି ଯୋଗୁ ଥାଏ। ଯେତେବେଳେ ଗୋଟିଏ କାର୍ଯ୍ୟ ତାହାର ଫଳଭୋଗ କରିବାର ଇଚ୍ଛା ଦ୍ୱାରା କରାଯାଇଥାଏ ଓ ଫଳପ୍ରାପ୍ତିର ଇଚ୍ଛା ପାଇଁ କୌଣସି ଏକ ମାର୍ଗ ବଛାଯାଇଥାଏ; ଏହାର ଅର୍ଥ ଜୀବ ପ୍ରତ୍ୟାଶୀ ଓ ପ୍ରକୃତିକୁ ତା'ର ପ୍ରତ୍ୟୁତ୍ତର ଦେବାକୁ ହିଁ ପଡ଼ିବ। ଜୀବ ଦାବି କରିଅଛି। ତେଣୁ ପ୍ରକୃତିକୁ ଫଳ ନିଶ୍ଚିତ ରୂପେ ଦେବାକୁ ହେବ। ପ୍ରତ୍ୟେକ କାରଣରୁ ପରିଣାମ, ପ୍ରତ୍ୟେକ କର୍ମ ସହ ତାହାର ଫଳ ଯୋଡ଼ି ହୋଇଅଛି ଓ କାମନା ହିଁ ହେଉଛି ସେହି ରଜ୍ଜୁ, ସେହି ସୂତ୍ର ଯାହା ଦୁଇଜଣଙ୍କୁ ଯୋଡ଼ିଥାଏ। ଯଦି ଏହି କାମନାକୁ ସମାପ୍ତ କରି ଦିଆଯାଏ ତେବେ ଦୁଇଜଣଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସମାପ୍ତ ହୋଇଯିବ। ଯଦି ହୃଦୟର ସମସ୍ତ ବନ୍ଧନ ତୁଟିଯିବ ତେବେ ଜୀବାତ୍ମା ମୁକ୍ତ ହୋଇଯିବ। କର୍ମ ତାକୁ ଆଉ ବାନ୍ଧି ରଖିପାରେ ନାହିଁ। ହୁଏତ କାର୍ଯ୍ୟକାରଣ ଚକ୍ର ଚାଲିଥିବ କିନ୍ତୁ ଜୀବାତ୍ମା ଜୀବନମୁକ୍ତ ହୋଇଯାଏ।

"ଆସକ୍ତି ରହିତ ହୋଇ ତୁମେ ସର୍ବଦା କର୍ତ୍ତବ୍ୟ କର୍ମର ପାଳନ କର କାରଣ ଅନାସକ୍ତ ରହିତ କର୍ମ କରୁଥିବା ମନୁଷ୍ୟ ପରମାତ୍ମାକୁ ପ୍ରାପ୍ତ ହୁଏ। (ଭଗବତ ଗୀତା ୩/ ୧୯)

ଏହି କର୍ମ-ଯୋଗ ପାଇଁ ମନୁଷ୍ୟକୁ ପ୍ରତ୍ୟେକ କାର୍ଯ୍ୟ କେବଳ କର୍ତ୍ତବ୍ୟ ପାଳନ ନିମନ୍ତେ, ନିୟମ ଅନୁସାରେ କରିବା ଉଚିତ୍। ଯେକୌଣସି ଲୋକ(Plane)ରେ ସେ କାର୍ଯ୍ୟରତ ରହୁ ନା ନାହିଁକି, ଯଦି ସେ ନିୟମ ଅନୁଯାୟୀ କାର୍ଯ୍ୟ କରିବା ନିମନ୍ତେ ପ୍ରଯତ୍ନ କରେ ତେବେ ସେ କ୍ରମବିକାଶ ପାଇଁ ଈଶ୍ୱରୀୟ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଥିବା ଏକ ଶକ୍ତିରେ ପରିଣତ ହୋଇଯାଏ ଓ ନିଜର ପ୍ରତ୍ୟେକ କାର୍ଯ୍ୟରେ ଏହି ନିୟମକୁ ପୂର୍ଣ୍ଣ ରୂପେ ପାଳନ କରେ । ଏହିପରି ତା'ର ସମସ୍ତ କାର୍ଯ୍ୟ ଯଜ୍ଞରେ ପରିଣତ ହୋଇଯାଏ । ସେ କୌଣସି ଫଳ ପ୍ରାପ୍ତି ପାଇଁ ନୁହେଁ ବରଂ କର୍ମନିୟମ ଚକ୍ରର ପୂର୍ତ୍ତୀ ନିମନ୍ତେ ଅର୍ପଣ କରିଚାଲେ । ଯଦି କର୍ତ୍ତବ୍ୟ ପାଳନ ନିମନ୍ତେ କର୍ମ କରି ତାହାର ଫଳ ମନୁଷ୍ୟମାନଙ୍କର ସହାୟତା ପାଇଁ ଅର୍ପଣ କରିଦିଆ ଯାଏ ସେହି କର୍ମ ସହ ତାହାର କୌଣସି ସମ୍ବନ୍ଧ ରହେନାହିଁ । ସେହି କର୍ମ ଉପରେ କେବଳ ନିୟମର ଅଧିକାର ଥାଏ ଓ ବିତରଣ ପାଇଁ ସେ ନିୟମକୁ ଅର୍ପଣ କରିଦିଏ ।

ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

ଯାହାର ସମସ୍ତ କର୍ମ, କାମନା ବିହୀନ ଅଟେ- ଯାହାର କର୍ମ ଜ୍ଞାନରୂପୀ ଅଗ୍ନିଦ୍ୱାରା ଭସ୍ମ ହୋଇଯାଇଛି ତାକୁ ଜ୍ଞାନୀଜନ ମାନେ ମଧ୍ୟ ଋଷି କୁହନ୍ତି ।

'କର୍ମର ଫଳର ଆସକ୍ତିକୁ ତ୍ୟାଗ କରି ଯିଏ ସର୍ବଦା ସନ୍ତୁଷ୍ଟ ରହେ ତଥା ଆଶ୍ରୟ ବିହୀନ ଅଟେ ସେ କର୍ମ କରି ମଧ୍ୟ କିଛି କରେ ନାହିଁ ।

'ଯେ ସମସ୍ତ କାମନାକୁ ତ୍ୟାଗ କରିଦେଇଛି, ଯିଏ ଏକାଗ୍ର ଚିତ୍ତ ଅଟେ, ଯେ ଆଶାଶୂନ୍ୟ ଅଟେ ଓ କେବଳ ଶରୀର ସମ୍ବନ୍ଧୀୟ କର୍ମ କରେ ଏପରି ବ୍ୟକ୍ତି ପାପର ଭାଗୀ ହୁଏନାହିଁ ।'

'ଯାହା ମିଳେ ସେଥିରେ ସନ୍ତୁଷ୍ଟ ରହିବା ବ୍ୟକ୍ତି, ଦ୍ୱନ୍ଦରୁ ମୁକ୍ତ, ଈର୍ଷାରୁ ରହିତ ସଫଳତା ଓ ଅସଫଳତାରେ ସମତ୍ୱ ବଜାୟ ରଖୁଥିବା ପୁରୁଷ କର୍ମ କରୁଥିଲେ ମଧ୍ୟ ବନ୍ଧନରେ ବାନ୍ଧିହୁଏ ନାହିଁ ।'

'ଯାହାର ଆସକ୍ତି ନଷ୍ଟ ହୋଇଯାଇଛି, ଯିଏ ରାଗ-ଦ୍ୱେଷରୁ ମୁକ୍ତ ଅଟେ, ଯାହାର ଚିତ୍ତ ଜ୍ଞାନରେ ସ୍ଥିତ ରୁହେ-ଏପରି ଯଜ୍ଞ ସମ୍ପାଦନ ନିମନ୍ତେ କର୍ମ କରୁଥିବା ମନୁଷ୍ୟର ସମ୍ପୂର୍ଣ୍ଣ କର୍ମ ବିଲୀନ ହୋଇଯାଏ ।' (ଭଗବଦ୍ ଗୀତା ।- ୪-୧୯-୨୩)

ଶରୀର ଓ ମନ ନିଜ ନିଜର-ସମ୍ପୂର୍ଣ୍ଣ କାର୍ଯ୍ୟ କରି ଚାଲନ୍ତି । ଶରୀରରୁ ଶାରିରୀକ ଓ ମନରୁ ମାନସିକ କ୍ରିୟା କରାଯାଏ । କିନ୍ତୁ ଆତ୍ମା ଶାନ୍ତ, ନିଶ୍ଚଳ ରୂପେ ଥାଏ ତଥା ସମୟର ବନ୍ଧନ ତିଆରି କରିଦିଏ ନାହିଁ । ସତ୍‌କର୍ମକୁ କେବେ ଉପେକ୍ଷା କରେ ନାହିଁ ବରଂ ପ୍ରାପ୍ତ ଶକ୍ତି ଦ୍ୱାରା ତାକୁ ସଠିକ୍ ରୂପେ ସମ୍ପୂର୍ଣ୍ଣ କରାଯାଏ । କର୍ମ ଫଳରେ ଆସକ୍ତି ତ୍ୟାଗ ପୂର୍ବକ କର୍ମ କରିବାରେ କୌଣସି ପ୍ରକାରର ଆଳସ୍ୟ ବା ଅସାବଧାନତା ହୁଏ ନାହିଁ ।

'ହେ ଭରତ ! ଯେଉଁପରି ଅଜ୍ଞାନୀ କର୍ମରେ ଆସକ୍ତ ହୋଇ କର୍ମ କରେ ସେହିପରି ବିବେକୀ ଜନ ଆସକ୍ତି ରହିତ ହୋଇ ଜନ କଲ୍ୟାଣ ନିମନ୍ତେ କର୍ମ କରନ୍ତି ।'(ଭଗବଦ୍ ଗୀତା ୩-୨୫)

'ଜ୍ଞାନୀ ପୁରୁଷ ଏପରି ହେବା ଉଚିତ ଯେ ସେ କର୍ମରେ ଆସକ୍ତ ହୋଇଥିବା ଅଜ୍ଞାନୀଙ୍କ ବୁଦ୍ଧିରେ ଭ୍ରମ ଉତ୍ପନ୍ନ କରିବେ ନାହିଁ । କିନ୍ତୁ ସମତ୍ୱରେ ସ୍ଥିତ ହୋଇ କର୍ମକରି ସେମାନଙ୍କୁ ସମସ୍ତ କର୍ମ କରିବାକୁ ପ୍ରେରଣା ଦେବେ ।'(ଭଗବଦ୍ ଗୀତା -୨୬)

ଯେଉଁ ମନୁଷ୍ୟ 'କର୍ମରେ ଅକର୍ମ' ସ୍ଥିତି ପର୍ଯ୍ୟନ୍ତ ପହୁଞ୍ଚିଯାଏ ସେ କର୍ମ-କ୍ଷୟର ରହସ୍ୟକୁ ଜାଣିଦିଏ । ପୂର୍ବରୁ କରିଥିବା କର୍ମ ବା ସଞ୍ଚିତ କର୍ମ ସେ ଭକ୍ତି ଦ୍ୱାରା ଭସ୍ମ କରିଦିଏ । ସେତେବେଳେ ସେ ସେହି ସ୍ଥିତିକୁ ପ୍ରାପ୍ତ କରେ ଯାହା ବିଷୟରେ "The Book of Revelation" ପୁସ୍ତକରେ John କହିଥିଲେ, ମନୁଷ୍ୟ ପୁନର୍ବାର ମନ୍ଦିରରୁ ବାହାରକୁ ଯାଏ ନାହିଁ । ଜୀବାତ୍ମାକୁ ଅନେକ ବାର ମନ୍ଦିର ବାହାରେ ଜୀବନର କ୍ଷେତ୍ର ମଧ୍ୟକୁ ଯିବାକୁ ପଡ଼େ । କିନ୍ତୁ ଏପରି ଏକ ସମୟ ଆସେ ଯେତେବେଳେ ସେ ଏକ ସ୍ତମ୍ଭରୂପେ ଅର୍ଥାତ୍ - 'ନିଜର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ'-ରେ ପରିଣତ ହୁଏ । ସେହି ମନ୍ଦିର ଜୀବନମୁକ୍ତ ମାନଙ୍କର ସ୍ଥାନ ଅଟେ ଯେଉଁମାନେ ନିଜର କୌଣସି

ସ୍ୱାର୍ଥ ଦ୍ୱାରା ବନ୍ଧା ନୁହଁନ୍ତି । ସେମାନେ କେବଳ ସେହି **ଏକ ଙ୍କ** ଉଦ୍ଦେଶ୍ୟରେ ସମସ୍ତଙ୍କ ସହ ବନ୍ଧା ହୋଇଥାନ୍ତି ।

ତେଣୁ ନିଜର ତଥା ବ୍ୟକ୍ତିଗତ କାମନା ଓ ଇଚ୍ଛାର ଏହି ବନ୍ଧନକୁ ଛିନ୍ନ କରିଦେବା ଉଚିତ । ଆମେ ବର୍ତ୍ତମାନ ଦେଖିବା ଯେ ଏହି ବନ୍ଧନକୁ ତୁଟାଇବା କାର୍ଯ୍ୟ କିପରି ଆରମ୍ଭ ହେବ ? ଏହି କାର୍ଯ୍ୟରେ ଅନେକ ନୂତନ ସାଧକ ମାନଙ୍କ ଦ୍ୱାରା ଗୋଟିଏ ଭୂଲ ହେବାର ସମ୍ଭାବନା ଅଛି । ଏହି ଭୁଲ୍ ଏତେ ସ୍ୱାଭାବିକ ଓ ସହଜ ଅଟେ ଯେ ତାହା ବାରମ୍ବାର ହୋଇଚାଲେ । ହୃଦୟକୁ ମାରିକରି ଆମେ 'ହୃଦୟର ବନ୍ଧନ'କୁ ଛିଣ୍ଡାଇ ପାରିବା ନାହିଁ । ଆମେ ନିଜକୁ ନିଜେ ଭାବନା ଶୂନ୍ୟ ପଥର ବା ଲୁହାର ଖଣ୍ଡରେ ପରିଣତ କରି କାମନାର ବନ୍ଧନକୁ ତୁଟାଇ ପାରିବା ନାହିଁ । ମୁକ୍ତିର ନିକଟବର୍ତ୍ତୀ ହେଉ ହେଉ ସାଧକ କମ ନୁହେଁ ବରଂ ଅଧିକ ସମ୍ବେଦନଶୀଳ ହୋଇଯାଏ । ସେ କଠୋର ନୁହେଁ ଆହୁରି ଅଧିକ ନରମର ପରିଣତ ହୋଇଯାଏ କାରଣ ଦୋଷଶୂନ୍ୟ ଶିଷ୍ୟ ନିଜର ଗୁରୁଙ୍କ ସଦୃଶ ହୋଇଥାଏ । ସେ ବାହ୍ୟ ସଂସାରର ପ୍ରତ୍ୟେକ ସ୍ପନ୍ଦନକୁ ଅନୁଭବ କରେ, ପ୍ରତ୍ୟେକ କଥାରେ ପ୍ରଭାବିତ ହୋଇ ସେ ତାହାର ପ୍ରତ୍ୟୁତ୍ତର ଦିଏ । କାରଣ ତାହାକୁ ନିଜ ପାଇଁ କିଛି ଦରକାର ପଡ଼େ ନାହିଁ । ସେଥିପାଇଁ ସେ ଅନ୍ୟମାନଙ୍କୁ ସବୁକିଛି ଦେଇପାରେ । ଏପରି ବ୍ୟକ୍ତିଙ୍କୁ କର୍ମ ବାନ୍ଧି ପାରେ ନାହିଁ । ସେ ବନ୍ଧନ ହିଁ ତିଆରି କରେ ନାହିଁ ଯେଉଁଥିରେ ସେ ନିଜେ ବନ୍ଧା ହୋଇପାରିବ । ଯେତେ ଯେତେ ସାଧକ ସଂସାରରେ ଈଶ୍ୱରୀୟ ଜୀବନକୁ ପ୍ରବାହିତ ହେବା ନିମନ୍ତେ ଏକ ନାଳିକାରେ ପରିଣତ ହୋଇ ଚାଲେ ସେ ଏହା ଅତିରିକ୍ତ ଆଉ କିଛି ଚାହେଁ ନାହିଁ, ଅଧିକରୁ ଅଧିକ ସେ ଚଉଡ଼ା ନାଳୀକାରେ ପରିଣତ ହେବାକୁ ଚାହେଁ । ଯାହା ମଧ୍ୟରେ ମହାନ୍ ଜୀବନ ପ୍ରବାହିତ ହୋଇପାରିବ । ତାହାର ଏକମାତ୍ର ଅଭିଳାଷ ଥାଏ ସେ ଆଉ ଏକ ବଡ଼ ପାତ୍ରରେ ପରିଣତ ହେବ ଏବଂ ଜୀବନ ପ୍ରବାହକୁ ରୋକିବା ନିମନ୍ତେ କୌଣସି ବାଧା ତା ନିଜ ଭିତରେ ନ ଥିବ । ସେବା ଅତିରିକ୍ତ ତାହାର ଆଉ କୌଣସି କାର୍ଯ୍ୟ ନ ଥିବ । ଶିଷ୍ୟତ୍ୱର ଜୀବନ ଏପରି ହିଁ ହୋଇଥାଏ, ଯିଏ ତାକୁ ବନ୍ଧନରେ ବାନ୍ଧିବାକୁ ଚାହିଁବ ସେହି ବନ୍ଧନ ହିଁ ତୁଟିଯିବ ।

କିନ୍ତୁ ଏପରି ଏକ ବନ୍ଧନ ଅଛି ଯାହା କେବେ ତୁଟେ ନାହିଁ । ସେ ହେଉଛି ପ୍ରକୃତ ଏକତାର ବନ୍ଧନ କିନ୍ତୁ ସେହି ବନ୍ଧନକୁ ଅଲଗା ରୂପେ ଦେଖା ଯାଇ ପାରେ ନାହିଁ । ଏହା ତ 'ଏକ'କୁ ସମସ୍ତଙ୍କ ସହ, ଶିଷ୍ୟଙ୍କୁ ଗୁରୁଙ୍କ ସହିତ, ଗୁରୁଙ୍କୁ ଶିଷ୍ୟ ସହ ଏକରୂପରେ ପରିଣତ କରାଇଦିଏ । ଏହା କେବଳ ସେହି ଦିବ୍ୟ ଜୀବନ ଅଟେ ଯାହା ଆମକୁ ସଦା ସର୍ବଦା ଆଗକୁ ଓ ଉପର ଆଡ଼କୁ ଟାଣିରଖେ ଓ ଜନ୍ମ ମରଣ ଚକ୍ର ସହ ବାନ୍ଧିହେବାକୁ ଦିଏ ନାହିଁ । ଆମେ ସଂସାର ଆଡ଼କୁ ଟାଣି ହୋଇଥାଉ-ପ୍ରଥମେ ଭୋଗର ଇଚ୍ଛା ଯୋଗୁଁ, ପୁଣି ପ୍ରବଳ ଇଚ୍ଛା ଦ୍ୱାରା ଯାହାର ପୂର୍ତ୍ତି କେବଳ ପୃଥିବୀ ଉପରେ ହୋଇ ପାରିବ । ଏହା ବ୍ୟତୀତ ଆଧ୍ୟାତ୍ମିକ ଜ୍ଞାନ, ଆଧ୍ୟାତ୍ମିକ ବିକାଶ ଓ ଆଧ୍ୟାତ୍ମିକ ଭକ୍ତି ସବୁକିଛି ପୂର୍ଣ୍ଣତା ପ୍ରାପ୍ତ ହେଲେ ମଧ୍ୟ ଏହା କେଉଁ ଜିନିଷ ଅଟେ ଯାହା ଗୁରୁଦେବଙ୍କୁ ମନୁଷ୍ୟ ଲୋକ ସହ ବାନ୍ଧି ରଖିଛି ? ଏପରି କୌଣସି ବସ୍ତୁ ନାହିଁ ଯାହା ସଂସାର ତାଙ୍କୁ ଦେଇ ପାରିବ । ସଂସାରରେ ଏପରି କୌଣସି ଜ୍ଞାନ ନାହିଁ ଯାହା ତାଙ୍କୁ ପ୍ରାପ୍ତ ନହୋଇଛି ? ସଂସାରରେ ଏପରି କୌଣସି ଶକ୍ତି ନାହିଁ ଯାହାର ଉପଯୋଗ ସେ କରି ପାରିବେ ନାହିଁ । କୌଣସି ଏପରି ଅନୁଭବ ନାହିଁ ଯାହା ତାଙ୍କ ଜୀବନକୁ ସମୃଦ୍ଧ କରିପାରିବ। ଏପରି କିଛି ନାହିଁ ଯାହା ସଂସାର ତାଙ୍କୁ ଦେଇ ପାରିବ ଏବଂ ଯାହା ତାଙ୍କୁ ଜନ୍ମ ନେବା ଲାଗି ବାଧ୍ୟ କରିପାରିବ । କେବଳ ଏକ ଆନ୍ତରିକ ଦିବ୍ୟ ପ୍ରେରଣା ତାଙ୍କୁ ଏହି ପୃଥିବୀକୁ ପୁଣି ନେଇ ଆସେ ଯାହାକୁ ସେ ସବୁଦିନ ଲାଗି ତ୍ୟାଗ କରି ଦେଇଥିଲେ । ସେ ପୁଣି ଆସନ୍ତି ନିଜ ଭାଇମାନଙ୍କ ସହାୟତା ଲାଗି,ହଜାର ହଜାର ବର୍ଷ ଧରି ସେହି ଆନନ୍ଦ ଓ ସେବା ପାଇଁ ଯାହା ତାଙ୍କ ପ୍ରେମ ଓ ଶାନ୍ତିକୁ ଅବର୍ଣ୍ଣନୀୟ କରିଦିଏ । ତାଙ୍କର ଏକମାତ୍ର ଆନନ୍ଦ ଏଥିରେ ଥାଏ ଓ ସେ ଚାହାନ୍ତି ଜୀବାତ୍ମା ମଧ୍ୟ ତାଙ୍କପରି ବିକଶିତ ହେଉ ଓ ତାଙ୍କ ସହ ଈଶ୍ୱରୀୟ ଜୀବନର ସହଭାଗୀ ହୋଇ ଯାତ୍ରାକରୁ।

◆ ◆ ◆

# ସାମୂହିକ କର୍ମ

ଜୀବାତ୍ମାମାନେ ଯେତେବେଳେ ସାମୂହିକ ରୂପେ ଏକତ୍ରିତ ହୋଇ ପରିବାରବର୍ଗ, ରାଷ୍ଟ୍ର ଓ ଜାତି ତିଆରି କରି ନିଅନ୍ତି ସେତେବେଳେ କର୍ମ ଫଳରେ ଏକ ନୂଆ ଜଟିଳତା ଉତ୍ପନ୍ନ ହୋଇଯାଏ। ଏହି କାରଣରୁ ଦୁର୍ଘଟଣା ତଥା କର୍ମ ଦେବତାଙ୍କ ଦ୍ୱାରା ନିରନ୍ତର ନିୟନ୍ତ୍ରଣ (Adjustment) କରୁଥିବା ବିଷୟ ସମ୍ବନ୍ଧରେ ବୁଝା ପଡ଼ିଥାଏ। ଏପରି ପ୍ରତୀତ ହୁଏ ବ୍ୟକ୍ତି ରୂପରେ "ତାହାର ପ୍ରାରବ୍ଧ"ରେ ଯଦି ନାହିଁ ତାକୁ ତାହା ଭୋଗ କରିବାକୁ ପଡ଼ିବ ନାହିଁ। ତଥାପି ରାଷ୍ଟ୍ରୀୟ ତଥା ଭୂକମ୍ପ ଆଦି ବିପତ୍ତି ବେଳେ ଲାଭ ଉଠାଇ ଏକ ମନ୍ଦ କର୍ମର ଫଳ ବ୍ୟକ୍ତିକୁ ଭୋଗିବାକୁ ସୁଯୋଗ ଦିଆଯାଏ ଯାହାକୁ ତାକୁ ବର୍ତ୍ତମାନ ଜୀବନ କାଳରେ ଅର୍ଥାତ୍ ଏହି କଷ୍ଟରେ ଭୋଗ କରିବାର ସାଧାରଣତଃ ସୁଯୋଗ ଆସିନଥାନ୍ତା। ନିଶ୍ଚିତ ଜ୍ଞାନର ଆଧାରରେ ନୁହେଁ, କିନ୍ତୁ ଅନୁମାନ କରି ମୁଁ କହୁଛି ଯେ ଯେତେବେଳ ପର୍ଯ୍ୟନ୍ତ ନିୟମ ଅନୁଯାୟୀ ତାହାର ମୃତ୍ୟୁ ଯୋଗ ଆସି ନାହିଁ ତେବେ ତାହାର ଅଚାନକ ମୃତ୍ୟୁ ହୋଇପାରିବ ନାହିଁ ଯେତେ ବିପତ୍ତି ମଧ୍ୟରେ ତାକୁ ଠେଲି ଦିଆଯାଉ ନା କାହିଁକି। ଉଦାହରଣ ସ୍ୱରୂପ କାଳ ଓ ବିନାଶର ତୋଫାନ ତା'ର ପଡ଼ୋଶୀକୁ ଭସାଇ ଦିଏ କିନ୍ତୁ ସେହି ବିପତ୍ତି ମଧ୍ୟରେ ଅତ୍ୟନ୍ତ ଚମତ୍କାର ଢଙ୍ଗରେ ସେ ସୁରକ୍ଷିତ ରହି ସମ୍ପୂର୍ଣ୍ଣ ରୂପେ ରକ୍ଷା ପାଇଯାଏ। କିନ୍ତୁ ଯଦି ତାକୁ କାଳର ଋଣ ସୁଝିବାକୁ ଅଛି ଓ ନିଜର ରାଷ୍ଟ୍ରୀୟ ବା ପାରିବାରିକ କର୍ମ ଦ୍ୱାରା ସେ ସେହି ବିପ୍ଲାତ କ୍ଷେତ୍ର ମଧ୍ୟକୁ ଆସିଯାଇଛି, ତେବେ ଯଦିଓ ଅଚାନକ ମୃତ୍ୟୁ ସେହି ବିଶିଷ୍ଟ ଜୀବନରେ ତାର ଛାୟା ଶରୀରରେ ସାମୂହିକ କର୍ମ ଭୋଗରେ ନାହିଁ, ତଥାପି ତାକୁ ରକ୍ଷା କରିବା ପାଇଁ କୌଣସି ସକ୍ରୀୟ ହସ୍ତକ୍ଷେପ କରାଯିବ ନାହିଁ। ପରେ ଏହାର ଧ୍ୟାନ ରଖାଯିବ ସେ ଏହି ଅଚାନକ ମୃତ୍ୟୁ ଦ୍ୱାରା ତାକୁ ଅନାବଶ୍ୟକ ରୂପେ କଷ୍ଟ ସହିବାକୁ ନ ପଡୁ। ଯେଉଁ ସାମୂହିକ କର୍ମ ଦ୍ୱାରା ସେ ବନ୍ଧା ଅଟେ ସମୟ ଆସିଲେ ତାକୁ ସେହି କର୍ମ ଋଣ ପରିଶୋଧ କରିବାର ସୁଯୋଗ ଦିଆଯିବ।

ଏହିପରି ନିୟମକୁ ପରୋକ୍ଷ ରୂପରେ କାର୍ଯ୍ୟ କରିବା କାରଣରୁ ତାକୁ ଲାଭ ମଧ୍ୟ ପ୍ରାପ୍ତ ହୋଇପାରେ ଯେପରିକି ସେ ଏପରି ଏକ ରାଷ୍ଟ୍ରରେ ଜନ୍ମ

ନେବ ଯେଉଁ ସମୟରେ ଏକ ଭଲ ରାଷ୍ଟ୍ରୟ କର୍ମର ଫଳ ଭୋଗ ହେଉଥିବ। ଏହି ପ୍ରକାରେ ସେ ପ୍ରକୃତି ଠାରୁ ନିଜର ଏକ ଋଣ ଅସୁଲ କରିନିଏ ଯାହାର ଭୋଗ ତାହାର ବ୍ୟକ୍ତିଗତ କର୍ମ ଅନୁଯାୟୀ ଏହି ଜୀବନରେ ମିଳିପାରିନ ଥାନ୍ତା।

କୌଣସି ମନୁଷ୍ୟର ଏକ ରାଷ୍ଟ୍ର ବିଶେଷରେ ଜନ୍ମ ନେବା ବିକାଶର କିଛି ସାଧାରଣ ସିଦ୍ଧାନ୍ତ ତଥା ତାହାର ତାତ୍କାଳୀକ ବିଶିଷ୍ଟତାଗୁଡ଼ିକ ଉପରେ ନିର୍ଭର କରେ। ନିଜର ମନ୍ବୁର ବିକାଶରେ ଜୀବାତ୍ମାକୁ ଏକ ଗୋଲକର କେବଳ ସାତ ମୂଳ ଜାତିରେ ନୁହେଁ ବରଂ ଉପଜାତି ଗୁଡ଼ିକରେ ମଧ୍ୟ ଜନ୍ମ ନେବାକୁ ପଡ଼ିଥାଏ। ଏହି କାର୍ଯ୍ୟ ସମ୍ପାଦନ ନିମନ୍ତେ ଉପଯୁକ୍ତ କ୍ଷେତ୍ର ଆବଶ୍ୟକ ସୀମାରେଖା ନିର୍ଦ୍ଦିଷ୍ଟ ହୋଇଯାଏ ଯାହାନୁସାରେ ବ୍ୟକ୍ତିଗତ କର୍ମର ବ୍ୟବସ୍ଥା କରିବାକୁ ପଡ଼ିଥାଏ। ଯେଉଁ ଉପଜାତିରେ ଜୀବାତ୍ମାକୁ ଜନ୍ମ ନେବାକୁ ଦରକାର ହୋଇଥାଏ ତାହା ସମ୍ବନ୍ଧୀୟ ରାଷ୍ଟ୍ରରେ ଏପରି ସ୍ଥାନ ଖୋଜା ଯାଇଥାଏ ଯେଉଁଠାରେ ଆବଶ୍ୟକୀୟ ବିଶିଷ୍ଟ ପରିସ୍ଥିତିଗୁଡ଼ିକ ଉପଲବ୍ଧ ହୋଇପାରିବ। ବିଗତ ଜନ୍ମର ଦୀର୍ଘ ଶୃଙ୍ଖଳାକୁ ଦେଖିବା ଦ୍ୱାରା ଏହା ଜ୍ଞାତ ହୋଇଥାଏ ଯେ କିଛି ବ୍ୟକ୍ତି ଏକ ଉପଜାତିରୁ ଅନ୍ୟ ଉପଜାତିରୁ ନିରନ୍ତର ଭାବେ ପ୍ରଗତି କରିଚାଲିଥାନ୍ତି। କିନ୍ତୁ ଅନ୍ୟମାନଙ୍କ ପ୍ରଗତି ଅନିୟମିତ ରୂପେ ହୋଇଥାଏ ଏବଂ ସମ୍ଭବତଃ ଗୋଟିଏ ଉପଜାତିରେ ସେମାନେ ବହୁବାର ଜନ୍ମ ନେଇଥା'ନ୍ତି। ଉପଜାତି ସମୟସୀମା ମଧ୍ୟରେ ମନୁଷ୍ୟର ବ୍ୟକ୍ତିଗତ ବିଶିଷ୍ଟତା ତାକୁ ଏକ ବା ଅନ୍ୟ ରାଷ୍ଟ୍ର ଆଡ଼କୁ ଆକର୍ଷିତ କରେ। ଏହା ମଧ୍ୟ ଦେଖିବାକୁ ମିଳେ ଯେ ପନ୍ଦରଶହ ବର୍ଷ ଅନ୍ତରରେ ପ୍ରମୁଖ ରାଷ୍ଟ୍ରୀୟ ବିଶେଷତାଗୁଡ଼ିକ ଇତିହାସର ରଙ୍ଗମଞ୍ଚରେ ପୁନର୍ବାର ସାମୂହିକ ରୂପେ ପ୍ରକଟ ହୁଏ। ଏହି ପ୍ରକାରରେ ରୋମାନ ଜାତିର ଲୋକମାନେ ଇଂରେଜ ରୂପରେ ଜନ୍ମ ନେଇଥିଲେ ଓ ସେମାନଙ୍କ ମଧ୍ୟରେ ଉତ୍ସାହ, ନୂଆ ଜନବସତି ବସାଇବାର କ୍ଷମତା, ପରାକ୍ରମ ଏବଂ ରାଜକୀୟ ଗୁଣ ଇତ୍ୟାଦି ରାଷ୍ଟ୍ରୀୟ ବିଷେଶତା ରୂପରେ ପୁନର୍ବାର ପ୍ରକଟିତ ହୁଏ। ଯେଉଁ ବ୍ୟକ୍ତି ମଧ୍ୟରେ ଏହି ପ୍ରକାରର ରାଷ୍ଟ୍ରୀୟ ଗୁଣ ବିଶେଷ ରୂପରେ ବିକଶିତ ହୋଇଯାଇଛି ଏବଂ ତାହାର ପୁନର୍ଜନ୍ମର ସମୟ ଆସିଯାଇଛି ତେବେ କର୍ମ ତାକୁ ଏକ ଇଂରେଜୀ ରାଷ୍ଟ୍ର

ଦିଗକୁ ନେଇଯିବ ଓ ଏହି ବ୍ୟକ୍ତି ଭଲ ବା ମନ୍ଦ ରାଷ୍ଟ୍ରୀୟ ନିୟତିରେ ନିଜର ପ୍ରାରବ୍ଧ ଅନୁଯାୟୀ ଭାଗୀଦାର ହେବ।

ରାଷ୍ଟ୍ର ଅପେକ୍ଷା ପାରିବାରିକ ସମ୍ବନ୍ଧ ସ୍ୱାଭାବିକ ଭାବେ ଅଧିକ ବ୍ୟକ୍ତିଗତ ହେଇଥାଏ। ଯିଏ ଏକ ଜୀବନରେ ଅତ୍ୟନ୍ତ ସ୍ନେହରେ ଡୋରିରେ ବାନ୍ଧି ହୋଇଯାଇଥାଏ ତାକୁ ପୁନର୍ବାର ଏକ ପରିବାରରେ ସଦସ୍ୟ ରୂପେ ଆସିବାର ସମ୍ଭାବନା ଥାଏ। ଅନେକ ଥର ଏହି ସମ୍ବନ୍ଧ ନିରନ୍ତର ଭାବେ ଅନେକ ଜନ୍ମ ପର୍ଯ୍ୟନ୍ତ ଦୃଢ଼ ହେବାରେ ଲାଗେ ଏବଂ ଦୁଇ ବ୍ୟକ୍ତିଙ୍କ ଭାଗ୍ୟ ଆଗକୁ ଅନେକ ଜନ୍ମ ଧରି ପରସ୍ପର ସହ ଅତ୍ୟନ୍ତ ଘନିଷ୍ଠତା ସହଯୋଡ଼ି ହୋଇ ଯାଏ। ସଂସାରରେ ଏକ ସଙ୍ଗେ ଜୀବନ ବିତାଇଲେ ମଧ୍ୟ ବୌଦ୍ଧିକ ଓ ଆଧ୍ୟାତ୍ମିକ ଗୁଣରେ ପାର୍ଥକ୍ୟ ଯୋଗୁଁ ଫଳ ସ୍ୱରୂପ ଦେବାଚନରେ ଅଧିକ କାଳ ବିତାଇବାରେ ପ୍ରଭେଦ ହୋଇଥାଏ। ଏହି କାରଣରୁ ଗୋଟିଏ ପରିବାର ସଦସ୍ୟଙ୍କର ବିଚ୍ଛେଦ ମଧ୍ୟ ହୋଇଥାଏ ଏବଂ ସେମାନେ ଅନେକ ଜନ୍ମ ପରେ ପୁନର୍ବାର ମିଳିତ ହୁଅନ୍ତି। ସାଧାରଣତଃ ଜୀବନର ଉଚ୍ଚତର କ୍ଷେତ୍ରରେ ସମ୍ବନ୍ଧ ଯେତେ ଘନିଷ୍ଠ ହେବ ଏକ ପରିବାରରେ ଜନ୍ମ ନେବାର ସମ୍ଭାବନା ସେତେ ଅଧିକ ହେବ। ଏଥିରେ ମଧ୍ୟ ବ୍ୟକ୍ତିର କର୍ମ ତାହାର ପାରସ୍ପରିକ ପାରିବାରିକ କର୍ମରେ ପ୍ରଭାବିତ ହୁଏ ଓ ସେ ନିଜସ୍ୱ କର୍ମରେ ନିହିତ ନ ହେଲେ ମଧ୍ୟ ସେମାନଙ୍କ ଯୋଗୁଁ ସୁଖ-ଦୁଃଖରେ ଭାଗୀ ହୁଏ ଏବଂ ଏହିପରି ପୁରୁଣା କର୍ମର ଋଣର ଅସୁଲ ବା ଭୋଗ କରିବାକୁ ପଡ଼ିଥାଏ। ଯେତେଦୂର ପ୍ରଶ୍ନ ଉଠେ ଭରସାମ୍ୟ ରକ୍ଷା ନିମନ୍ତେ ତଥା କ୍ଷତିପୂରଣ ସକାଶେ କାମଲୋକ ବା ଦେବାଚନରେ ନିର୍ଦ୍ଦିଷ୍ଟ ସମୟ ଲାଗି ବ୍ୟକ୍ତିକୁ ବିତାଇବାକୁ ପଡ଼ିଥାଏ କାରଣ ଏହି ଉପାୟରେ ନଶ୍ୱର ଜୀବକୁ ପୂର୍ଣ୍ଣ ନ୍ୟାୟ ପ୍ରାପ୍ତ ହୋଇଥାଏ।

ସାମୂହିକ କର୍ମର ବର୍ଣ୍ଣନା ବ୍ୟାପକ ରୂପେ ଏହି କ୍ଷୁଦ୍ର ପୁସ୍ତିକାରେ କରିହେବ ନାହିଁ ବା ଲେଖିକା ଆନିବେସାନ୍ତ ଏହାପାଇଁ ଅସମର୍ଥ ଅଟେ। ଜିଜ୍ଞାସୁଙ୍କୁ କେବଳ ଆଂଶିକ ରୂପେ ସଙ୍କେତ ଦିଆଯାଇପାରେ। ଏହାକୁ ଯଥାର୍ଥ ରୂପେ ବୁଝିବା ଲାଗି ହଜାର ବର୍ଷ ତଳକୁ ଯାଇ ଖୋଜି କରି ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ପୂରା ଅଧ୍ୟୟନ କରିବା ଆବଶ୍ୟକ। ଏହି ସମସ୍ତ ବିଷୟରେ ଅନୁମାନ ଲଗାଇବା ବ୍ୟର୍ଥ ଅଟେ। ଏଥିପାଇଁ ଧୈର୍ଯ୍ୟପୂର୍ବକ ବିଚାର ଆବଶ୍ୟକ ଅଟେ।

ଏହା ବ୍ୟତୀତ ସାମୂହିକ କର୍ମର ଏକ ଅନ୍ୟ ପକ୍ଷ ବିଷୟରେ କିଛି କହିବା ଉଚିତ୍ ହେବ। ଏହା ହେଉଛି ମନୁଷ୍ୟର ବିଚାର ଓ କାର୍ଯ୍ୟ ତଥା ବାହ୍ୟ ପ୍ରକୃତି ମଧ୍ୟରେ ସମ୍ବନ୍ଧ। ଏହି ଗୂଢ଼ ବିଷୟ ଉପରେ ମ୍ୟାଡାମ୍ ବ୍ଲାଭାଟ୍‌ସ୍କି କହିଛନ୍ତି- (ସିକ୍ରେଟ୍ ଡକ୍ଟରିନ୍, ପୃ - ୧୨୩-୧୨୪)

"ପ୍ଲାଟୋଙ୍କୁ ଅନୁସରଣ କରି ଆରିଷ୍ଟୋଟଲ୍ ସ୍ପଷ୍ଟ କହିଛନ୍ତି ଦେବଗଣ (Elements)ଙ୍କ ସମ୍ପର୍କ ସେହି ଅଶରୀରୀ ସତ୍ତା ସମୂହ ସହ ଅଛି ଯେ ଆମ ସୃଷ୍ଟିର ଚାରିଗୋଟି ମହାନ୍ ବିଭାଗର କାର୍ଯ୍ୟକୁ ତଦାରଖ କରିବା ଲାଗି ନିୟୋଜିତ ହୋଇଛନ୍ତି। ଏହିପରି ଖ୍ରୀଷ୍ଟିୟାନମାନଙ୍କ ପରି ବିଧର୍ମୀଗଣ(Pagan)ମାନେ କାଳ୍ପନିକ ମେରୁବିନ୍ଦୁ ଗୁଡ଼ିକୁ ନୁହେଁ ବରଂ ତାଙ୍କ ଉପରେ ରାଜତ୍ୱ କରୁଥିବା ଦେବତାଗଣଙ୍କୁ ସ୍ତୁତି ଓ ପୂଜାକରନ୍ତି। ଚର୍ଚ୍ଚ ଦୁଇପ୍ରକାରର ବିଦେହୀ ବା ସୂକ୍ଷ୍ମ ସତ୍ତାଙ୍କୁ ମାନନ୍ତି ଯଥା : ଦେବତା ଓ ସୈତାନ୍ । ଇହୁଦୀ ରହସ୍ୟବାଦୀ (କାବାଲିଷ୍ଟ) ଓ ଗୂଢ଼ବିତ୍ ଗୋଟିଏ ପ୍ରକାର ସତ୍ତାଙ୍କୁ ମାନନ୍ତି ଓ ସେମାନେ "ପ୍ରକାଶର ଶାସକ" ଏବଂ 'ଅନ୍ଧକାରର ଶାସକ ମଧ୍ୟରେ କୌଣସି ଭେଦଭାବ ରଖନ୍ତି ନାହିଁ। ଯଦି କୌଣସି ସତ୍ତାଙ୍କୁ ରୋମାନ ଚର୍ଚ୍ଚ ଦ୍ୱାରା ଦିଆଯାଇଥିବା ନାମକୁ ଭିନ୍ନ ନାମରେ ଡକାଯାଏ ତେବେ ତୁରନ୍ତ ସେମାନେ ସେହି ସତ୍ତାକୁ ଶୈତାନ ରୂପ ବୋଲି କହିଦିଅନ୍ତି। ଏହି ଶାସକ ବା ମହାରାଜା "ଈଶ୍ୱର"ଙ୍କ ସ୍ୱୀକୃତି, ଆଦେଶ ବା ତାଙ୍କ ବିନା ଆଦେଶରେ କାହାକୁ ଦଣ୍ଡ ବା ପୁରସ୍କାର ଦିଅନ୍ତି ନାହିଁ। କେବଳ ମନୁଷ୍ୟ ନିଜର ବ୍ୟକ୍ତିଗତ ଓ ସାମୂହିକ କର୍ମ ଯୋଗୁଁ ପ୍ରତ୍ୟେକ ପ୍ରକାରର କଷ୍ଟ ବା ବିପତ୍ତି ଭୋଗ କରିଥାଏ। ଆମେ କାରଣର ନିର୍ମାଣ କରୁ ଓ ତାହା ଅନୁରୂପ ହିଁ ସୂକ୍ଷ୍ମ ଲୋକରେ ପରିଣାମ ଗଚ୍ଛିତ ଥାଏ ଏବଂ ଏହା କାରଣଗୁଡ଼ିକର ନିର୍ମାଣ କର୍ତ୍ତା ଆଡ଼କୁ ଆକର୍ଷିତ ହୋଇଥାଏ ତଥା ତାଙ୍କୁ ପ୍ରଭାବିତ କରେ। ହୋଇପାରେ ସେ ବ୍ୟକ୍ତିଗଣ ବାସ୍ତବରେ କୌଣସି ଦୁଷ୍କର୍ମ କରିଥାନ୍ତୁ ବା କେବଳ ବିଚାର କର୍ତ୍ତା ହୋଇଥାନ୍ତୁ ଅଥବା ସେହି ଦୁଷ୍କର୍ମକୁ ମନନ କରିଥାନ୍ତୁ। ଆଧୁନିକ ବିଜ୍ଞାନ ଆମକୁ କୁହେ ଯେ ବିଚାର ଏକ ପଦାର୍ଥ ଅଟେ । ମେସର୍ସ ଜେଭନସ୍ ଓ ବାବେଜ ନିଜ ପୁସ୍ତକ "ବିଜ୍ଞାନ ସିଦ୍ଧାନ୍ତ'ରେ କହିଛନ୍ତି ବର୍ତ୍ତମାନ ପଦାର୍ଥର ପ୍ରତ୍ୟେକ ଉପାଦାନରେ ଯାହା କିଛି ଘଟିଯାଇଛି ତାହାର ଲେଖା ରଖିବା ନିମନ୍ତେ ଏକ ରେଜିଷ୍ଟର ଥିବା ଦରକାର।" ହୋଇପାରେ

ଅଜାଣତରେ– ଏହା କିନ୍ତୁ ଅତ୍ୟନ୍ତ ଯୁକ୍ତିସଙ୍ଗତ କଥା ଯେ ପ୍ରତିଦିନ ଆଧୁନିକ ବିଜ୍ଞାନ ଗୁହ୍ୟ ବିଦ୍ୟା ଆଡ଼କୁ ଆକର୍ଷିତ ହୋଇ ଆସୁଅଛି।

"ଚିନ୍ତା ପଦାର୍ଥ ଅଟେ" – ନିଶ୍ଚିତ ରୂପେ ଜର୍ମାନ ଭୌତିକବାଦୀ ମୌଲଚଟ୍‌ଙ୍କ ଅର୍ଥରେ ନାହିଁ କାରଣ ସେ ଆମକୁ ଏହି ବିଶ୍ୱାସ ଦିଅନ୍ତି ଯେ 'ଚିନ୍ତା ବସ୍ତୁର ଗତି"– ଏହି ଉକ୍ତି ଅତ୍ୟନ୍ତ ହାସ୍ୟାସ୍ପଦ। ମାନସିକ ଅବସ୍ଥା ଓ ଶାରିରୀକ ଅବସ୍ଥା ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ। କିନ୍ତୁ ଏହାଦ୍ୱାରା ଉକ୍ତ ସ୍ଥିତିରେ କୌଣସି ପ୍ରଭାବ ପଡ଼େ ନାହିଁ। ପ୍ରତ୍ୟେକ ବିଚାର, ସ୍ଥୂଳ ମସ୍ତିଷ୍କରେ ପରିବର୍ତ୍ତନ ସଙ୍ଗେ ସଙ୍ଗେ ବସ୍ତୁବିଷ୍ଟ ରୂପେ ଦେଖାଦିଏ ଯଦିଓ କାମଲୋକରେ ଏହା ଏକ ଅତିନ୍ଦ୍ରୀୟ ଶକ୍ତି ରୂପରେ ଦେଖାଦିଏ।

ଏପରି ପ୍ରତୀତ ହୁଏ ଯେ ଯେତେବେଳେ ମନୁଷ୍ୟମାନେ ଅନେକ ବିନାଶକାରୀ ମନ୍ଦ ବିଚାର ମୂର୍ତ୍ତୀ ନିର୍ମାଣ କରନ୍ତି ଏବଂ ଯେତେବେଳେ ସେମାନେ କାମଲୋକରେ ଏକ ବିରାଟ ସମାବେଶରେ ଏକତ୍ରିତ ହୋଇଯା'ନ୍ତି ସେତେବେଳେ ସେମାନଙ୍କ ଶକ୍ତି ସ୍ଥୁଳ ଜଗତ ଆଡ଼କୁ ପ୍ରବାହିତ ହେବାର ସମ୍ଭାବନା ଥାଏ ଏବଂ ହୋଇଥାଏ ମଧ୍ୟ । ଏହାଦ୍ୱାରା ଯୁଦ୍ଧ, କ୍ରାନ୍ତି ଇତ୍ୟାଦି ଏବଂ ପ୍ରତ୍ୟେକ ପ୍ରକାର ସାମାଜିକ ଉପଦ୍ରବ ଓ ବିଶୃଙ୍ଖଳା ଘଟେ। ଏହା ସେହି ବିଚାର–ମୂର୍ତ୍ତିଙ୍କ ଜନ୍ମଦାତାଙ୍କ ଉପରକୁ ସାମୂହିକ କର୍ମ ରୂପେ ଆସେ ଓ ବ୍ୟାପକ ବିନାଶର କାରଣ ହୁଏ। ଏହିପରି ସାମୂହିକ ରୂପେ ମଧ୍ୟ ମନୁଷ୍ୟ ନିଜ ଭାଗ୍ୟ ବିଧାତା ଅଟେ ଓ ତାହାର ସଂସାର ତା'ର ନିଜର ସୃଜନାତ୍ମକ କର୍ମ ଅନୁରୂପ ହିଁ ହୋଇଥାଏ।

ଅପରାଧ ଓ ସଂକ୍ରାମକ ରୋଗର ବିସ୍ତାର, ତଥା ବିଭିନ୍ନ ଦୁର୍ଘଟଣା ଗୁଡ଼ିକର ଚକ୍ରକୁ ମଧ୍ୟ ଏହି ପ୍ରକାରରେ ବୁଝା ଯାଇପାରିବ। କ୍ରୋଧର 'ବିଚାର ମୂର୍ତ୍ତି' ହତ୍ୟା ରୂପକ ପାପ କର୍ମରେ ସହାୟକ ହୁଏ। ଏହା ବିଚାରପୂର୍ଣ୍ଣ ରୂପ ଦେବଙ୍କ ଅପରାଧରେ ପୋଷଣ ହୋଇଥାଏ। ଯେଉଁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥାଏ ତାଙ୍କୁ ପ୍ରେମ କରୁଥିବା ବ୍ୟକ୍ତିଙ୍କ ଘୃଣାପୂର୍ଣ୍ଣ ଓ ପ୍ରତିଶୋଧ ନେବାର ବିଚାର, ଅପରାଧିର ଆକ୍ରୋଶ ସଂସାରରୁ ଜବରଦସ୍ତି ବିଦା କରି

ଦେଇଥିବାରୁ ମୃତବ୍ୟକ୍ତିର ରୋଷ-ପରିଣାମ ସ୍ୱରୂପ ମନ୍ଦ ବିଚାର ମୂର୍ତ୍ତିଗୁଡ଼ିକ ବୃଦ୍ଧି ପାଇଥାଏ ଓ ଏହା ଫଳରେ ସେହି ଭାବମୂର୍ତ୍ତୀ (Elemental)ଙ୍କ ଶକ୍ତି ଆହୁରି ଅଧିକ ବଢ଼ିଯାଏ। ସେମାନେ କାମଲୋକରେ ପୁଣି ମନ୍ଦ ବ୍ୟକ୍ତିଙ୍କୁ ଅପରାଧ ଆଡ଼କୁ ପ୍ରବୃତ୍ତ କରାଇଥାନ୍ତି। ପୁନର୍ବାର ନୂଆ ଆବେଗର ଏକ ଚକ୍ର ଚାଲେ ଓ ହିଂସାତ୍ମକ କାର୍ଯ୍ୟ ଏକ ନଦୀବଢ଼ି ସଦୃଶ ଆସିଯାଏ। ବିଭିନ୍ନ ରୋଗ ବ୍ୟାପେ ଓ ରୋଗ ବ୍ୟାପିବାର ଭୟରୂପକ ବିଚାର ରୋଗର ଶକ୍ତିକୁ ବଢ଼ାଇବାରେ ସହାୟକ ହୁଏ। ଅଶାନ୍ତିର କ୍ଷେତ୍ର ସ୍ଥାପିତ ହୋଇଯାଏ ଓ ବୃଦ୍ଧି ପାଇଚାଲେ ଓ ଚୁମ୍ବକ ପରି ଏହିପରି କ୍ଷେତ୍ରରେ ଲୋକଙ୍କୁ ଆକର୍ଷିତ ତଥା ପ୍ରଭାବିତ କରେ। ମନୁଷ୍ୟର ମନ୍ଦ ବିଚାର ବିଭିନ୍ନ ରୂପେ ଚାରିଆଡ଼େ ବିନାଶର ଛାୟା ବିସ୍ତାର କରେ। ଯେଉଁ ସଂସାରରେ ସେ ଈଶ୍ୱରୀୟ ସଂରଚନାରେ ସହାୟକ ହେବା ଉଚିତ ଥିଲା, ସେ ନିଜର କ୍ରିୟାତ୍ମକ ଶକ୍ତିର ଉପଯୋଗ ବିନାଶ ନିମନ୍ତେ କରିଥାଏ।

◆◆◆

# ଉପସଂହାର

କର୍ମର ମହାନ୍ ନିୟମ ଓ ଏହାର ଗତି ବିଷୟରେ ଏହା ସଂକ୍ଷିପ୍ତ ବର୍ଣ୍ଣନା ଅଟେ । ଏହି ଜ୍ଞାନ ଦ୍ୱାରା ମନୁଷ୍ୟ ନିଜର ବିକାଶକୁ କ୍ଷିପ୍ର କରିପାରିବ ତଥା ଏହାର ଉପଯୋଗ କରି ମନୁଷ୍ୟ ନିଜକୁ ବନ୍ଧନମୁକ୍ତ କରିପାରିବ ଏବଂ ନିଜ ଜାତିର ଅନ୍ୟାନ୍ୟ ଲୋକମାନଙ୍କଠାରୁ ବହୁତ ପୂର୍ବରୁ ସଂସାରର ଏକ ସହାୟକ ତଥା ରକ୍ଷକ ସାଜିପାରିବ । ଏହି ନିୟମର ସତ୍ୟତା ଉପରେ ଗଭୀର ଏବଂ ଦୃଢ଼ ବିଶ୍ୱାସ ଜୀବନରେ ଅବିଚଳ ଶାନ୍ତି ଓ ପୂର୍ଣ୍ଣ ନିର୍ଭୟତା ପ୍ରଦାନ କରେ । ଯାହା ଆମେ କରିନାହୁଁ ତାହା ଆମକୁ ଛୁଇଁ ପାରିବ ନାହିଁ । ଯେଉଁଥିରେ ଆମେ ଭାଗୀ ନୁହଁ ତାହା ଆମକୁ କଷ୍ଟ ପହୁଞ୍ଚାଇ ପାରିବ ନାହିଁ । ଯାହା କିଛି ଆମେ ବୁଣିଛେ ତାହା ସମୟ ଆସିଲେ ପାଚିକରି ଫସଲ ହେବ ଓ ତାକୁ ଆମକୁ ହିଁ କାଟିବାକୁ ପଡ଼ିବ । ଏହିପରି କଷ୍ଟ ରୂପୀ ଫସଲ ଆସିଲେ ଦୁଃଖ କରିବା ବ୍ୟର୍ଥ ଅଟେ । ସେହି ଫସଲକୁ ଚାହିଁଲେ ବର୍ତ୍ତମାନ କାଟି ଦିଅ ଅଥବା ଭବିଷ୍ୟତରେ କାଟ, କାରଣ ତାକୁ ଟାଳିଦିଆ ଯାଇପାରିବ ନାହିଁ ଏବଂ ଥରେ ଭୋଗ ହୋଇଗଲେ ସେହି ଦୁଃଖକଷ୍ଟ ଆମକୁ ପୁନର୍ବାର ହଇରାଣ କରିବ ନାହିଁ । ସେଥିପାଇଁ ଏହା ଭଲ ଯେ କଷ୍ଟଦାୟକ କର୍ମକୁ ପ୍ରସନ୍ନତା ପୂର୍ବକ ଭୋଗ କରିନେବା ଉଚିତ୍ । ଯାହାକୁ ଭୋଗ କରିବାର ଅଛି ତାକୁ ଖୁସୀଖୁସୀ ଭୋଗକରି ସମାପ୍ତ କାହିଁକି କରି ନ ଦେବା ? ଆଗକୁ ଭବିଷ୍ୟତ ପାଇଁ ଏହା ସଞ୍ଚୟ କରିବାଠାରୁ ଭଲ ତାକୁ ବର୍ତ୍ତମାନ ଭୋଗ କରି ଛାଡ଼ିଦେବା ଉଚିତ । ଋଣର ପ୍ରତ୍ୟେକ ଅଂଶ ଭୋଗିବା ଦ୍ୱାରା ଆମର ଋଣ କମ୍ ହୋଇଚାଲେ । ଏହା ଯଦି ସଂସାର ଜାଣି ପାରନ୍ତା ଓ କର୍ମ-ନିୟମର ଆଶ୍ରୟ ନେବା ଦ୍ୱାରା କେତେ ଶକ୍ତି ପ୍ରାପ୍ତ ହୁଏ ଏହା ବୁଝିପାରନ୍ତା !

ଦୁର୍ଭାଗ୍ୟବଶତଃ, ପାଶ୍ଚାତ୍ୟ ଜଗତରେ ଅଧିକାଂଶ ଲୋକ ଏହାକୁ କେବଳ କାଳ୍ପନିକ ବୋଲି କୁହନ୍ତି । ଏପରିକି ସେଠାର ବ୍ରହ୍ମବିତ୍‌ମାନଙ୍କ ମଧ୍ୟରେ କର୍ମରେ ବିଶ୍ୱାସ ଏକ ବୌଦ୍ଧିକ ମାନ୍ୟତା ରୂପେ ଅଧିକ ଅଛି । ଏକ ଜୀବିତ ଓ ଉପଯୋଗୀ ଦୃଢ଼ବିଶ୍ୱାସ ରୂପେ ନାହିଁ ଯାହା ଅନୁସାରେ ଜୀବନ ବିତାଯାଇପାରିବ । ପ୍ରଫେସର ବେନ୍‌ଙ୍କ କଥାନୁଯାୟୀ କୌଣସି ବିଶ୍ୱାସର

ଶକ୍ତି ତାର ବ୍ୟବହାର ତଥା ତାହାର ପ୍ରଭାବ ଦ୍ୱାରା ମପାଯାଇପାରେ । କର୍ମରେ ବିଶ୍ୱାସ ଦ୍ୱାରା ଜୀବନ ପବିତ୍ର, ଶକ୍ତିଶାଳୀ, ଶାନ୍ତ ଓ ଆନନ୍ଦିତ ହୁଏ । କେବଳ ଆମର କର୍ମ ହିଁ ଆମର ବାଧକ ସାଜିପାରେ । ଆମର ନିଜ ଇଚ୍ଛା ହିଁ ଆମକୁ ବାନ୍ଧିପାରେ । ଯଦି ଥରେ ମନୁଷ୍ୟ ଏହି ସତ୍ୟକୁ ବୁଝିଯାଏ ତେବେ ତାର ମୁକ୍ତିର ସମୟ ନିକଟ ହୋଇଗଲା ବୋଲି ଭାବିବାକୁ ପଡ଼ିବ । ପ୍ରକୃତି ସେହି ଜୀବାତ୍ମାକୁ ଦାସରେ ପରିଣତ କରାଇପାରେ ନାହିଁ ଯିଏ ଜ୍ଞାନ ଦ୍ୱାରା ଶକ୍ତି ପ୍ରାପ୍ତ କରିଅଛି ଏବଂ ଯେ ପ୍ରେମ ଦ୍ୱାରା (ଜ୍ଞାନ ଓ ଶକ୍ତି)ଦୁଇଟିର ଉପଯୋଗ କରିଥାଏ ।

◆◆◆

**ପୁସ୍ତକରେ ଥିବା ଇଂରାଜୀ ଶବ୍ଦର ଓଡ଼ିଆ ଅନୁବାଦ**

1. Psychic Plane - କାମଲୋକ
2. Plane - ଲୋକ (ଜଗତ)
3. Astral Plane - କାମ ଲୋକ, ଭୂବର୍ଲୋକ
4. Etheric Double – ଲିଙ୍ଗ ଶରୀର, ଛାୟା ଶରୀର
5. Elemental - ଭାବମୂର୍ତ୍ତୀ
6. Thought Form - ଚିନ୍ତାମୂର୍ତ୍ତୀ, ବିଚାରମୂର୍ତ୍ତୀ
7. Nervous Organization - ସ୍ନାୟୁତନ୍ତ୍ର
8. Universal Mind - ବିଶ୍ୱ ମାନସ (ସମଷ୍ଟିଗତ ଚେତନା)
9. Objective - ବସ୍ତୁନିଷ୍ଠ
10. Supersensuously Objective - ଅତିନ୍ଦ୍ରୀୟ ଶକ୍ତି